# ବନଜା
# BANAJA 2014



**Academy of Tribal Languages & Culture**
ST & SC Development Department
Bhubaneswar

# ବନଜା

ସମ୍ପାଦନା

**ଡ. ଅଖିଳ ବିହାରୀ ଓତା**

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ବନଜା


ସମ୍ପାଦନା : ଡ. ଅଖିଳ ବିହାରୀ ଓଟା

©ପ୍ରକାଶକ : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ଜାନୁୟାରୀ, ୨୦୧୫

ମୁଦ୍ରଣ : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର


# BANAJA


*Editor* : Dr. A.B. Ota

©*Publisher* : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

First Edition : January 2015

Printed at : Bholanath Press
Bomikhal, Bhubaneswar.

# ମୁଖବନ୍ଧ

ଜନଜାତିଙ୍କୁ ନେଇ ଯାବତୀୟ ଚର୍ଚ୍ଚା । ଚର୍ଚ୍ଚାର ପରିଧି ଏପରି ବେଳେବେଳେ ହୋଇଥାଏ, ସତେ ଯେପରି ସେମାନେ ସର୍ଖି କଣ୍ଢେଇ । ଆମର ମାନସିକତା ଏଥିପାଇଁ ବହୁତ କିଛି ଦାୟୀ । ସେମାନଙ୍କର ମାନସିକତାକୁ ନ ବୁଝି ''ମନ୍‌ମାନୀ'' ଏକ କାମ କଲାଭଳି ଚର୍ଚ୍ଚାର ପରିସରଟାଏ ତିଆରି ହୁଏ । ତାଙ୍କୁ ଯୋରଜବରଦସ୍ତ ଚର୍ଚ୍ଚା ଭିତରକୁ ଟାଣି ଅଣାଯାଏ । ସେମାନେ ଅଣ ନିଃଶ୍ୱାସୀ ହୋଇ ପଡ଼ନ୍ତି । ଏ ପ୍ରକ୍ରିୟା ଆଜିର ନୁହେଁ ଅବାହମାନ କାଳରୁ ଚଳି ଆସୁଛି । ତେଣୁ ସେମାନେ ନିଜକୁ ''ମଣିଷ'' ବୋଲି ପରିଚୟ ଦିଅନ୍ତି ନିଜ ଭାଷାରେ । ଆମେ କେବଳ ଡିଣ୍ଡିମ ପିଟୁ ଆମ ନିଜକୁ ବିଜ୍ଞାପିତ କରିବାରେ ।

ଏ ପ୍ରକାର ଆତ୍ମ ବିଜ୍ଞାପନର ଅପପ୍ରସାର ନଘଟୁ, ସେମାନେ ନିଜେ ନିଜକୁ ପ୍ରକାଶିତ କରନ୍ତୁ । ବାହ୍ୟତତ୍ତ୍ୱର ପ୍ରଲୋଭନରେ ପଥ ହୁଡୁଥିବା ଜନଜାତି ସମାଜ ଯେ ଯାବତ ନିଜକୁ ନିରୀକ୍ଷଣ କରୁ ନାହିଁ, ''ବିକାଶ ଫର୍ଦ୍ଦ'' ଭିତରେ ହିଁ ସୀମିତ ହୋଇ ରହିଯିବ । ପ୍ରକୃତ ବିକାଶ ପଥ ହୁଡ଼ିବ । ବିକାଶ କାର୍ଯ୍ୟକ୍ରମର ଦୁଇଟା ପିଢ଼ି ଆମେ ଅତିକ୍ରମ କରି ସାରିଛେ । ତୃତୀୟ ପିଢ଼ିରେ ଏହି ଚର୍ଚ୍ଚା କେଉଁ ପରିସରକୁ ନେଇ କରାଯିବ; କେଉଁ ଦୃଷ୍ଟିଭଙ୍ଗୀ ରହିବ, ତାର ପ୍ରାସଙ୍ଗିକତା ନିଶ୍ଚିତ ରହିଛି ।

ଜନଜାତି ସମାଜ ସେମାନଙ୍କ ପରିବେଶରେ ଆହରଣ କରିଥିବା ଜ୍ଞାନ ସମ୍ପ୍ରତି ଅଣଦେଖା ହୋଇ ଯାଇଛି । ଜଟୀଳ ପରିସ୍ଥିତିକୁ ସାମନା କରି ଯେଉଁ ଉପଲବ୍ଧି ହାସଲ କରାଯାଇଥାଏ; ତାକୁ ପରବର୍ତ୍ତୀ ସମୟରେ କିପରି ବ୍ୟବହାର ଉପଯୋଗୀ କରାହୁଏ ତାହା ଜନଜାତିଙ୍କ ପାଖରେ ଅପ୍ରତୁଳ । ଏହା ଲୋକ ଜ୍ଞାନ ହିସାବରେ ପରିଚିତ । ବିଜ୍ଞାନ ଯୁଗରେ ସେ ଜ୍ଞାନର ପ୍ରାସଙ୍ଗିକତା ଅନେକ ପରିମାଣରେ ଆବଶ୍ୟକ କରୁଛି । ତାଙ୍କ ଜ୍ଞାନକୁ ସମଧିକ ଗୁରୁତ୍ୱ ପ୍ରଦାନ କରାଗଲେ ସେମାନେ ନିଜ ଅସ୍ମିତା ପ୍ରତି ସଚେତନ ହେବେ । ସକାରାତ୍ମକ ଦୃଷ୍ଟଭଙ୍ଗୀ ଓ ମଣିଷପଣିଆ ହିଁ ଏଥିପାଇଁ ଯଥେଷ୍ଟ । ''ବନଜା'' ପ୍ରକାଶନ ଅବସରରେ ଜନଜାତିଙ୍କ ପ୍ରତି ଏହାହିଁ ଆତ୍ମ ଦୃଷ୍ଟି ହେଉ ।

ଅଖିଳ ବିହାରୀ ଓତା

# ସୂଚୀପତ୍ର


| କ୍ର.ସଂ. | ବିଷୟ / ଲେଖକ / ଲେଖିକା | ପୃଷ୍ଠା |
|---|---|---|
| ୧. | **ଜୁଆଙ୍ଗ ପହଲିର କାବ୍ୟିକ ସୌନ୍ଦର୍ଯ୍ୟ** - ରଞ୍ଜନ ପ୍ରଧାନ | ୧ |
| ୨. | **ମାହାଲି ଜନଜାତିର ସଂକ୍ଷିପ୍ତ ପରିଚୟ** - ଡକ୍ଟର ଦମୟନ୍ତୀ ବେଶ୍ରା | ୧୮ |
| ୩. | **ପେଣ୍ଟିଆ ଜନଜାତିଙ୍କ ସାମାଜିକ ଜୀବନ** - ଡକ୍ଟର ରାଜେନ୍ଦ୍ର ପାଢ଼ୀ | ୨୩ |
| ୪. | **ବଣୁଆ ଖଡ଼ିଆ ସଂସ୍କୃତି** - ଡ ବିନୋଦ କୁମାର ନାଏକ | ୨୯ |
| ୫. | **ବାହା ପାରବ ନାଟ** - ଡଃ କୃଷ୍ଣଚନ୍ଦ୍ର ନାୟକ | ୩୮ |
| ୬. | **ରଢ଼ ବୁରୁର ଦେହୁରୀ** - ଡଃ ନାକୁ ହାଁସଦା | ୪୨ |
| ୭. | **ଆଦିବାସୀ ସମାଜରେ ପ୍ରକୃତି ପୂଜା** - ଡଃ ଅସିତ୍ କୁମାର ପଟ୍ଟନାୟକ | ୪୬ |
| ୮. | **ନବରଙ୍ଗପୁର ଜିଲ୍ଲାର ଗଣ୍ଡ ଜୀବନ ଶୈଳୀ** - ଡଃ ପ୍ରମୋଦିନୀ ହୋତା | ୫୧ |
| ୯. | **ଭତ୍ରା ସମାଜ ବ୍ୟବସ୍ଥା** - ଡକ୍ଟର ପ୍ରଦୀପ କୁମାର ମିଶ୍ର | ୫୫ |
| ୧୦. | **MUSIC: A STUDY OF CULTURAL PERSISTENCE AMONG THE TRIBES IN ODISHA** - Dr. K. N. Dash | ୬୧ |
| ୧୧. | **RESEARCH METHODOLOGY ON FOLKLORE STUDIES** Dr. P. Patel, Sushree Sangita Mohanty, Pollyshree Samantray | ୬୮ |

# ଲେଖକ ପରିଚୟ

| | | |
|---|---|---|
| ଶ୍ରୀ ରଞ୍ଜନ ପ୍ରଧାନ | - | ବରିଷ୍ଠ ସ୍ତମ୍ଭକାର ଓ ସାହିତ୍ୟିକ<br>ସମ୍ବାଦ, ଭୁବନେଶ୍ୱର |
| ଡ଼. ଦମୟନ୍ତୀ ବେସ୍ରା | - | ପ୍ରାଧ୍ୟାପକ ଓଡ଼ିଆ,<br>ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ, ବାରିପଦା |
| ଡ. ରାଜେନ୍ଦ୍ର ପାଢ଼ୀ | - | ସଂସ୍କୃତିବିତ୍, କୁନ୍ଦ୍ରା, କୋରାପୁଟ |
| ଡ. ବିନୋଦ କୁମାର ନାୟକ | - | ଗବେଷକ, ସଂସ୍କୃତିବିତ୍, ବାରିପଦା, ମୟୂରଭଞ୍ଜ |
| ଡ. କୃଷ୍ଣଚନ୍ଦ୍ର ନାୟକ | - | ଗବେଷକ, ଅଧ୍ୟାପକ, ଜାଲି, କେନ୍ଦୁଝର |
| ଡ. ନାକୁ ହାଁସଦା | - | ଅଧ୍ୟାପକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ |
| ଡ଼. ଅସିତ କୁମାର ପଟ୍ଟନାୟକ | - | ଅଧ୍ୟକ୍ଷ, କୋଟପାଡ଼ ମହାବିଦ୍ୟାଳୟ, କୋରାପୁଟ |
| ଡ. ପ୍ରମୋଦିନୀ ହୋତା | - | ଗବେଷିକା, କୋରାପୁଟ |
| ଡ. ପ୍ରଦୀପ କୁମାର ମିଶ୍ର | - | ଗବେଷକ, ନବରଙ୍ଗପୁର |
| ଡ. କେଦାରନାଥ ଦାଶ | - | ପ୍ରାଧ୍ୟାପକ, ଚଣ୍ଡିଖୋଲ, ଯାଜପୁର |
| ଡ. ପରମାନନ୍ଦ ପଟେଲ | - | ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ |
| ସୁଶ୍ରୀ ସଙ୍ଗୀତା ମହାନ୍ତି | - | ଗବେଷିକା, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ |
| ପଲ୍ଲିଶ୍ରୀ ସାମନ୍ତରାୟ | - | ଗବେଷିକା, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ |

# ଜୁଆଙ୍ଗ ପହଲିର କାବ୍ୟିକ ସୌନ୍ଦର୍ଯ୍ୟ

ରଞ୍ଜନ ପ୍ରଧାନ

ଜୁଆଙ୍ଗମାନଙ୍କ ଲୋକସାହିତ୍ୟ ଖୁବ୍ ସମୃଦ୍ଧ । ସେମାନେ ବୋଲୁଥିବା ଗୀତରେ ଥାଏ ଖୁବ୍ ରସପୂର୍ଣ୍ଣ ସାହିତ୍ୟ । ବିଶେଷକରି ଜୁଆଙ୍ଗମାନଙ୍କ ପହଲିଗୁଡିକ ଖୁବ ଅନନ୍ୟ ଓ ନିଆରା । ଏହି ପରମ୍ପରାରେ ରହିଛି ନିରୋଳା ଡହଡହ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଜୀବନର ମଧୁର ଅନୁଭୂତି । ଯେଉଁଠି ପାଟିରୁ ବାହାରିଲେ ରସରସିଆ ଗୀତ ଓ ତତ୍କାଳ ସଙ୍ଗୀତ । ସେ ଗୀତ ସବୁବେଳେ ନୂଆ, ରସପୂର୍ଣ୍ଣ ଓ ଜୀବନ୍ତ । ଏଠି ଚାଲିଥାଏ ଗୀତରେ ଗୀତରେ ପ୍ରତିଯୋଗୀତା, ନଥାଏ ଶତୃତା । ଥାଏ କେବଳ ପ୍ରେମ ଓ ବନ୍ଧୁତା ।

ବୁଝିବାକୁ ଗଲେ, ଜୁଆଙ୍ଗ ସମାଜରେ ଲିଖିତ ଆକାରରେ ଏମିତି କିଛି ଗୀତ, ଢଗଢମାଳି, ପହଲି ନଥାଏ । ଏମିତି ପିଢି ପରେ ପିଢି ଗୀତଗୁଡିକ ଜଣେ ଜୁଆଙ୍ଗର ମୁଖରୁ ଅନ୍ୟ ଜଣଙ୍କ ମୁଖକୁ ସ୍ଥାନାନ୍ତର ହୋଇଥାଏ । ଜୁଆଙ୍ଗ ଲୋକ ସଂସ୍କୃତିରେ ପହଲି ପରମ୍ପରା ଅତି ଗୁରୁତ୍ୱପୁର୍ଣ୍ଣ ଭୂମିକା ଗ୍ରହଣ କରିଛି । ତରୁଣ, ତରୁଣୀମାନଙ୍କ ହୃଦୟରେ ଗୋପନ କଥାକୁ ଗୀତ, ଢଗଢମାଳି ଓ ପହଲି ମାଧ୍ୟମରେ ହିଁ ପରିପ୍ରକାଶ କରାଯାଇଥାଏ । ଜୁଆଙ୍ଗ ଭାଷାର ଲିପି ନଥିଲେ ବି ସେମାନେ ପିଢି ପରେ ପିଢି ଲୋକକାହାଣୀ, ଲୋକଗୀତ ଓ ଅନ୍ୟାନ୍ୟ ଲୋକ ପରମ୍ପରାକୁ ଉଜ୍ଜୀବିତ କରି ରଖିପାରିଛନ୍ତି । କେବଳ 'ମୌଖିକ ପତ୍ରିକା'ରେ ଜୁଆଙ୍ଗମାନଙ୍କର ଲୋକସାହିତ୍ୟ ଓ ସଂସ୍କୃତି ନିୟମିତ ପ୍ରକାଶିତ ହୋଇ ଆଜିଯାଏ ବଞ୍ଚି ରହିଛି । ଜୁଆଙ୍ଗମାନଙ୍କର ଲୋକକାହାଣୀ ଓ ଲୋକଗୀତଗୁଡିକ ଆଦିବାସୀ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ସହିତ ସେମାନଙ୍କ ସମାଜରେ ପ୍ରଚଳିତ ନାନା ପ୍ରକାର ଢଗଢମାଳି, ପ୍ରହେଳିକା (ପହଲି) ମଧ ବେଶ୍ ହୃଦୟସ୍ପର୍ଶୀ ।

ଜୁଆଙ୍ଗମାନଙ୍କର 'ପହଲି' ପରମ୍ପରା ସେମାନଙ୍କର ବୁଦ୍ଧିମତାର ପରିଚୟ ଦେଇଥାଏ । ପଦରେ ପଦ୍ୟରେ ରହସ୍ୟମୟ ପ୍ରଶ୍ନ ଜରିଆରେ ଗୋଟିଏ ସଂକ୍ଷିପ୍ତ ଉତ୍ତର ଆଶା କରିବା ହେଉଛି 'ପହଲି' (riddle)ର ଉଦ୍ଦେଶ୍ୟ । ଜୁଆଙ୍ଗ ଲୋକସାହିତ୍ୟରେ 'ପହଲି'ର ଗୁରୁତ୍ୱପୁର୍ଣ୍ଣ ଭୂମିକା ରହିଛି ।

ପ୍ରହେଳିକା ବା ପହଲି ଆମ ଲୋକସାହିତ୍ୟର ଏକ ନିଆରା ବିଭବ । ଆମ ସମାଜରେ ଏହାର ବ୍ୟବହାର ଓ ସ୍ୱତନ୍ତ୍ର ଆଦର ରହିଛି । ବୁଦ୍ଧି ପରୀକ୍ଷା, ମନୋରଞ୍ଜନ, ରହସ୍ୟ ପ୍ରକାଶଭଙ୍ଗୀ ଓ ଶିଶୁଶିକ୍ଷା ଆଦି ଏହାର ପ୍ରମୁଖ ଉଦ୍ଦେଶ୍ୟ । ତେବେ ପ୍ରାଚୀନ ଜନଜାତି ଜୁଆଙ୍ଗର ପହଲି ସମ୍ପର୍କରେ ଏକ ବିଶେଷ ଆଲୋଚନାର ଅପେକ୍ଷା ରଖାଯାଇପାରେ ।

ଓଡିଶାରେ ବସବାସ କରୁଥିବା ଆଦିବାସୀଙ୍କ ମଧରେ ଜୁଆଙ୍ଗମାନେ ହେଉଛନ୍ତି ଏକ ପୁରାତନ ଅନୁସୂଚିତ ଜନଜାତି । ଏମାନେ କେନ୍ଦୁଝର ଜିଲ୍ଲାରେ ବାସ କରନ୍ତି । ଏହାବ୍ୟତୀତ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ପାଲଲହଡା ଅଞ୍ଚଳରେ ମଧ କିଛି ମାତ୍ରାରେ ଦେଖାଯାଆନ୍ତି । କେନ୍ଦୁଝର ଜିଲ୍ଲାର ଗୋନାସିକା ପାର୍ବତ୍ୟାଞ୍ଚଳ ଜୁଆଙ୍ଗମାନଙ୍କ ସୃଷ୍ଟିର ମୂଳ ସ୍ଥାନ ବୋଲ ବିଶ୍ୱାସ କରାଯାଏ । ଗୋନାସିକା ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ମୂଳ ଜୁଆଙ୍ଗମାନଙ୍କୁ **'ଥାନିଆ'** କୁହାଯାଉଥିବାବେଳେ କେନ୍ଦୁଝରରୁ ଚାଲିଯାଇ ଢେଙ୍କାନାଳ ଜିଲ୍ଲାରେ ବସବାସ କରୁଥିବା ଜୁଆଙ୍ଗମାନଙ୍କୁ **'ଭାଗୁଡିଆ'** କୁହାଯାଏ ।

କେନ୍ଦୁଝରର ଗୋନାସିକା ଅଞ୍ଚଳରେ ବସବାସ କରୁଥିବା ଜୁଆଙ୍ଗମାନଙ୍କୁ ମୂଳ ଜୁଆଙ୍ଗ ଭାବେ ଗ୍ରହଣ କରାଯାଇଥାଏ । ଜୁଆଙ୍ଗମାନେ କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ସମେତ ତେଲକୋଇ, ହରିଚନ୍ଦନପୁର ଓ ଘଟଗାଁର ପାହାଡ଼ିଆ ଓ ଜଙ୍ଗଲପୂର୍ଣ୍ଣ ଅଞ୍ଚଳରେ ବିକ୍ଷିପ୍ତ ହୋଇ ବସବାସ କରୁଥାନ୍ତି ।

କେନ୍ଦ୍ର ସରକାର ଓଡିଶାରେ ମୋଟ ୬୨ ପ୍ରକାର ଜନଜାତିଙ୍କୁ ଚିହ୍ନଟ କରିଛନ୍ତି । ଅନ୍ୟ ସାଧାରଣ ଜନଜାତିଙ୍କ ତୁଳନାରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଦୃଷ୍ଟିରୁ ଅପହଞ୍ଚ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା କିଛି ସ୍ୱତନ୍ତ୍ର ଶ୍ରେଣୀର ଆଦିବାସୀଙ୍କୁ କେନ୍ଦ୍ର ସରକାର, 'ପୁରାତନ ଜନଜାତି' (Particularly Vulnerable Tribal Group) ଭାବେ ଘୋଷଣା କରିଛନ୍ତି । (ବି.ଦ୍ର : ପୂର୍ବରୁ ଏହି ଜନଜାତି ଗୋଷ୍ଠୀଙ୍କୁ 'ଆଦିମ ଜନଜାତି' (Primitive Tribal Group) ଭାବେ ସମ୍ବୋଧନ କରାଯାଉଥିଲା । ମାତ୍ର 'ଆଦିମ'ବା Primitive ଶବ୍ଦଟିକୁ ନେଇ ବିଭିନ୍ନ ମହଲରେ ଆପତ୍ତି ଉଠିବାରୁ ସରକାର ଏହି ଶବ୍ଦ ବଦଳରେ 'ପୁରାତନ' 'Particularly Vulnerable' ଶବ୍ଦ ବ୍ୟବହାର କରି ଆସୁଛନ୍ତି) ସମଗ୍ର ଦେଶରେ ମୋଟ ୭୫ଟି ସ୍ୱତନ୍ତ୍ର ଅନଗ୍ରସର ଆଦିବାସୀ ଗୋଷ୍ଠୀ କୁ 'ପୁରାତନ ଜନଜାତି' ଭାବେ ଘୋଷଣା କରାଯାଇଛି । ଏହା ମଧ୍ୟରୁ ଓଡିଶାର ୧୩ଟି ଗୋଷ୍ଠୀକୁ 'ପୁରାତନ ଜନଜାତି' ଭାବେ ଚିହ୍ନିତ କରାଯାଇଛି । ସେମାନଙ୍କ ମଧ୍ୟରେ ଜୁଆଙ୍ଗମାନେ ହେଉଛନ୍ତି ଅନ୍ୟତମ ପ୍ରମୁଖ ପୁରାତନ ଜନଜାତି ଗୋଷ୍ଠୀ ।

ଏମାନଙ୍କର ଲୋକ ସାହିତ୍ୟ ଓ ସଂସ୍କୃତି ଖୁବ ସମୃଦ୍ଧ ଓ ରସପୂର୍ଣ୍ଣ । ଜୁଆଙ୍ଗମାନେ ହାଲକାଫୁଲକା ସମୟରେ ପହଲି ଓ ଢଗଢମାଳିମାନ ଗାଇ ନିଜନିଜ ମଧ୍ୟରେ ଭାବର ଆଦାନପ୍ରଦାନ କରିଥାନ୍ତି । ବିଶେଷକରି ଯାନିଯାତ୍ରା ଉତ୍ସବ, କୃଷିକାର୍ଯ୍ୟ, ବିଭାଘର, ମଣ୍ଡଘରେ ଅବସର ବିନୋଦନ ସମୟରେ ଜୁଆଙ୍ଗମାନେ ପହଲି ଗାନ କରିଥାନ୍ତି । ଏହି ଅବସରରେ ଜୁଆଙ୍ଗମାନେ ଗୀତ ଗାଆନ୍ତି, ନାଚନ୍ତି, ଢଗ ଓ ପହଲି ବୋଲିଥାନ୍ତି । ତେବେ ଜୁଆଙ୍ଗମାନଙ୍କ ପହଲିଗୁଡିକରେ ସ୍ୱତନ୍ତ୍ର କାଳାତ୍ମକ ଅଭିବ୍ୟକ୍ତି ଲକ୍ଷ୍ୟ କରାଯାଇଥାଏ । ଜୁଆଙ୍ଗମାନଙ୍କ ପହଲିଗୁଡିକ ନାନା ପ୍ରକାର ବସ୍ତୁ, ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ପଶୁପକ୍ଷୀ, ବୃକ୍ଷଲତା, ଫଳ, ପନିପରିବାକୁ ନେଇ ସୃଷ୍ଟି ହୋଇଥାଏ । ଏଥିରେ ସୂର୍ଯ୍ୟ, ଚନ୍ଦ୍ରଙ୍କଠାରୁ ଆରମ୍ଭ କରି ଘୁଷୁରି, ଚୁଲି, ମହୁଲଗଛ, ଛତାବେଣ୍ଟ, ଝାଡୁ, କବାଟ, ଧନୁଶର, ଟସରଖୋସା, ତାରା, ଶିଳ, ଶିଆଳିଫଳ, ବୁଢିଆଣି ବସା କଇଁଚି, ଘଣ୍ଟି, କୁକୁରଲାଞ୍ଜ, ଝଡିପୋକ, ଉଈ, ବେଙ୍ଗ, ସାପ, ଜୁଆଙ୍ଗ ନାରୀ ପର୍ଯ୍ୟନ୍ତ ସମସ୍ତ ପ୍ରକାର ପ୍ରାକୃତିକ ବସ୍ତୁ, ଜୀବଜନ୍ତୁ ଏମିତିକି ଜୁଆଙ୍ଗ ରମଣୀଟିଏ ମଧ୍ଧ ସ୍ଥାନ ପାଇଥାନ୍ତି ।

ଜୁଆଙ୍ଗମାନଙ୍କର ପହଲିଗୁଡିକ ଖୁବ୍ ସରଳ ବାକ୍ୟ ମାଧ୍ୟମରେ ପ୍ରକାଶିତ ହୋଇଥାଏ । ବକ୍ତବ୍ୟ ସିଧା ସଳଖ ଭାବେ ଉପସ୍ଥାପିତ ହୋଇଥାଏ । ଅନେକ ସ୍ଥଳରେ ପହଲିଗୁଡିକ ବର୍ଣ୍ଣନାଧର୍ମୀ ମଧ୍ୟ ହୋଇଥାଏ । ପହଲିଗୁଡିକରେ ଗୋଟିଏ ପ୍ରସଙ୍ଗର ବର୍ଣ୍ଣନା ଓ ବିସ୍ତୃତ ଚିତ୍ର ପ୍ରତିଫଳିତ ହୋଇଥାଏ । ପୁଣି କେତେକ ପହଲି ପ୍ରତୀକଧର୍ମୀ ଓ ଢଗାତ୍ମକ ହୋଇଥାଏ । ଅନେକ ପହଲି ବ୍ୟଙ୍ଗାତ୍ମକ ଶୈଳୀରେ ମଧ୍ୟ ଉପସ୍ଥାପିତ ହୋଇଥାଏ ।

ଜୁଆଙ୍ଗ ପହଲିଗୁଡିକର ଗଠନ କଳାରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୋଇଥାଏ । କିଛି ପହଲି ଏକ ଧାଡି ବା ଏକପାଦ ବିଶିଷ୍ଟ ହୋଇଥିବାବେଳେ ଆଉ କିଛି ଦୁଇଧାଡି ବା ଦୁଇପାଦବିଶିଷ୍ଟ ହୋଇଥାଏ । କିଛି ପହଲି ତିନିପାଦ ଏମିତିକି ସ୍ଥଳ ବିଶେଷରେ ଚାରିଧାଡିଆ ପହଲି ମଧ୍ୟ ଦେଖିବାକୁ ମିଳିଥାଏ । ଜୁଆଙ୍ଗମାନଙ୍କର ପହଲିଗୁଡିକ ଉଭୟ ଆତ୍ମିକ ଓ ଆଙ୍ଗିକ ଦୃଷ୍ଟିରୁ ଖୁବ୍ ସମୃଦ୍ଧ ଓ କଳାତ୍ମକ ।

ଚାରିତ୍ରିକ ଦୃଷ୍ଟିକୋଣରୁ ଜୁଆଙ୍ଗମାନେ ବୋଲୁଥିବା ପହଲିଗୁଡିକୁ ମୁଖ୍ୟତଃ ୬ ଶ୍ରେଣୀରେ ବିଭକ୍ତ କରାଯାଇପାରେ । ସେଗୁଡିକର ହେଲା-

୧. ମହାଜାଗତିକ ବସ୍ତୁଭିତ୍ତିକ
୨. ପ୍ରାଣୀଭିତ୍ତିକ
୩. ବୃକ୍ଷଲତାଭିତ୍ତିକ
୪. ସାଧାରଣ ବସ୍ତୁଭିତ୍ତିକ
୫. ଖାଦ୍ୟ ପାନୀୟଭିତ୍ତିକ
୬. କ୍ରିୟାତ୍ମକ ଅଭିବ୍ୟକ୍ତିଭିତ୍ତିକ

## ୧. ମହାଜାଗତିକ ବସ୍ତୁ ଭିତ୍ତିକ

ଗ୍ରହ, ନକ୍ଷତ୍ର ଓ ତାରାପୁଞ୍ଜ ଭଳି ମହାଜାଗତିକ ବସ୍ତୁ ଜୁଆଙ୍ଗମାନଙ୍କ କଳ୍ପନା ଓ ଧର୍ମଧାରଣାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାନ୍ତି । ସୂର୍ଯ୍ୟ, (ବେଳ), ଚନ୍ଦ୍ର (ଲେରାଙ୍ଗ), ତାହାରା (କୁଞ୍ଜିମ ଡାକ) ଘଡଘଡି (ଗୁଟୁକିରେ), ବର୍ଷା (ଗିମା) ରାତି (ଏନ୍ଦାର) ଆଦି ପ୍ରତି ଜୁଆଙ୍ଗମାନଙ୍କର ବିଶେଷ ଭକ୍ତିଭାବ ଧାର୍ମିକ ସମ୍ପର୍କ ରହିଛି । ଏଣୁ ଏମାନେ ଜୁଆଙ୍ଗ ଜନଜୀବନକୁ ବିଶେଷ ଭାବେ ପ୍ରଭାବିତ କରିଥାନ୍ତି ।

ଜୁଆଙ୍ଗମାନଙ୍କ ଜୀବନଧାରା ପ୍ରକୃତି ଓ ଅରଣ୍ୟ ସହିତ ଓତଃପ୍ରୋତ ଭାବେ ଜଡିତ । ସେମାନେ ଅରଣ୍ୟ, ବୃକ୍ଷ, ଜଙ୍ଗଲ, ନଦୀ, ଝରଣା, ସୂର୍ଯ୍ୟ, ପୃଥିବୀ ଆଦି ପ୍ରାକୃତିକ ବସ୍ତୁକୁ ଦେବତା ରୂପେ ପୂଜା କରନ୍ତି । ଜୁଆଙ୍ଗମାନେ ବିଶ୍ୱାସ କରନ୍ତି ତାଙ୍କ ଦେବଦେବୀ ଅରଣ୍ୟରେ, ପାହାଡରେ ଏବଂ ନଦୀ କିମ୍ବା ଝରଣାରେ ଅବସ୍ଥାନ କରନ୍ତି । ଜୁଆଙ୍ଗମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି । ପର୍ବପର୍ବାଣୀ ପାଳନ ମାଧ୍ୟମରେ ସେମାନେ ଏକତ୍ରିତ ହେବାର ସୁଯୋଗ ଲାଭ କରିଥାନ୍ତି । ପ୍ରତ୍ୟେକ ପର୍ବପର୍ବାଣୀମାନଙ୍କରେ ଜୁଆଙ୍ଗମାନେ ସବୁ କାମଧନ୍ଦା ଛାଡି ମଣ୍ଡଘରେ ଏକଜୁଟ ହୋଇ ନାଚ, ଗୀତର ଆସର ଜମେଇଥାନ୍ତି । ଏହି ପର୍ବପର୍ବାଣୀ ପାଳନ ମାଧ୍ୟମରେ ଜୁଆଙ୍ଗମାନଙ୍କର ସାମାଜିକ-ସାଂସ୍କୃତିକ ଭାବଧାରା ଓ ଗୋଷ୍ଠୀ ଜୀବନ ଅଧିକ ବିକଶିତ ହୋଇଥାଏ ।

ସେମାନଙ୍କ ଜୀବନ କିଛି ଅଦୃଶ୍ୟ ଶକ୍ତି ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହୋଇଥାଏ ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ଏହି ଅଦୃଶ୍ୟ ଶକ୍ତି ବା ଭଗବାନ, ଦେବଦେବୀ, ସେମାନଙ୍କ ଆଖପାଖ ପାହାଡ ଏବଂ ଜଙ୍ଗଲରେ ଥାଆନ୍ତି ବୋଲି ଜୁଆଙ୍ଗମାନଙ୍କର ଧାରଣା । ଜୁଆଙ୍ଗମାନେ ପ୍ରକୃତିର ଉପାସକ ହୋଇଥିବାରୁ ନାନା ପ୍ରକାର ଗଛ, କାଠ, ପଥର ନିର୍ମିତ ଦେବଦେବୀଙ୍କର ମୂର୍ତ୍ତିପୂଜା କରିଥାନ୍ତି ।

ଧରମ ଦେବତା (ସୂର୍ଯ୍ୟ ଦେବତା) (Sun God) ହେଉଛନ୍ତି ଜୁଆଙ୍ଗମାନଙ୍କର ସର୍ବଶ୍ରେଷ୍ଠ ଦେବତା । ବସୁମତୀମାତା (ପୃଥିବୀ ମାତା) (Earth Goddess) ମଧ୍ୟ ଜୁଆଙ୍ଗ ପୂଜିତ ଅନ୍ୟ ପ୍ରମୁଖ ଦେବୀ । ବସୁମତୀ ମାତା ଧରମ ଦେବତାଙ୍କ ପତ୍ନୀ ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ଧରମ ଦେବତା ଓ ବସୁମତୀ ମାତାଙ୍କୁ ପ୍ରାର୍ଥନା ନ କରି ଜୁଆଙ୍ଗମାନେ କୌଣସି ଶୁଭ କାର୍ଯ୍ୟ ଆରମ୍ଭ କରିପାରନ୍ତି ନାହିଁ । ପ୍ରତି ଜୁଆଙ୍ଗ ଗାଁରେ ଜଣେ ଗ୍ରାମ ଦେବୀ ପୂଜା ପାଇଥାନ୍ତି, ସେମାନଙ୍କୁ **'ଗ୍ରାମଶିରି'** (Village deity) କୁହାଯାଇଥାଏ । ଗାଁ ମୁଣ୍ଡରେ କିମ୍ବା ଗ୍ରାମ ମଧ୍ୟ ଭାଗରେ

ମଜାଙ୍ଗ ସମ୍ମୁଖରେ ଏକ ଗଛମୂଳରେ ଲମ୍ବା ଓ ମୁନିଆ ପଥରରେ ଗ୍ରାମଶିରିଙ୍କ ପ୍ରତିମା କଳ୍ପିତ ହୋଇଥାଏ । ସାଧାରଣତଃ ଗାଁର ମଜାଙ୍ଗ ବା ମଣ୍ଡଘର (Juang youth dormitory) ସମ୍ମୁଖରେ ଗ୍ରାମଶିରି ପୂଜିତ ହୋଇଥାନ୍ତି । ଗ୍ରାମଶିରି ହେଉଛନ୍ତି ଜୁଆଙ୍ଗମାନଙ୍କ ଗ୍ରାମଦେବୀ ଏବଂ ସେ ଜୁଆଙ୍ଗମାନଙ୍କୁ ସକଳ ବିପଦଆପଦ ଏବଂ ରୋଗବଇରାଗରୁ ରକ୍ଷା କରିଥାନ୍ତି ।

ଜୁଆଙ୍ଗ ଗାଁରେ ଜଣେ ଦେବତା ପୂଜା ପାଇଥାନ୍ତି, ସେ ହେଉଛନ୍ତି **ଥାନପତି** (Village deity) ଥାନପତିଙ୍କୁ ବା ସନ୍ନିକଟ ପାହାଡରେ ପୂଜା କରାଯାଇଥାଏ । ଥାନପତିଙ୍କର କୌଣସି କଳ୍ପିତ ମୂର୍ତ୍ତି ନଥାଏ । ବିଭିନ୍ନ ଗ୍ରାମର ଥାନପତିଙ୍କ ନାମ ଭିନ୍ନ ହୋଇଥାଏ । ଭୀମାବଡମା ଏବଂ କଞ୍ଚୁରୀ (କାଞ୍ଚୁଣୀ) ହେଉଛନ୍ତି ଅନ୍ୟ ଦୁଇ ଗ୍ରାମ ଦେବଦେବୀ । ଏମାନେ ହେଉଛନ୍ତି ଚାଙ୍ଗୁ ଦେବଦେବୀ ଏବଂ ମଜାଙ୍ଗରେ ପୂଜା ପାଇଥାନ୍ତି । ଭୀମାବଡମା ଏବଂ କଞ୍ଚୁରୀ ହେଉଛନ୍ତି ସମ୍ପର୍କରେ ପତି-ପତ୍ନୀ । ଏହି ଦୁଇ ଦେବଦେବୀଙ୍କ ଆତ୍ମା ଚାଙ୍ଗୁ ମଧ୍ୟରେ ଥାଆନ୍ତି ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ଆମ୍ବ ନୂଆଖିଆ ପର୍ବ ସମୟରେ ଅବିବାହିତ ଜୁଆଙ୍ଗ କଙ୍ଗେର, ସେଲାନ, (ଯୁବକ, ଯୁବତୀ)ମାନେ ଏହି ଦେବଦେବୀଙ୍କୁ ପୂଜା କରିଥାନ୍ତି । ଭୀମାବଡମା ଏବଂ କଞ୍ଚୁରୀ ଠାକୁର ଠାକୁରାଣୀ ସହାୟକ ହୋଇଥାନ୍ତି । ଯଦି କୌଣସି କାରଣରୁ ଭୀମାବଡମା ଏବଂ କଞ୍ଚୁରୀ ଠାକୁର ଠାକୁରାଣୀ କୋପ କରିଥାନ୍ତି ତେବେ ଚାଙ୍ଗୁର ଭଲ ଶବ୍ଦ ବାହାରି ନଥାଏ ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ଯେତେ ଜୋରରେ ଚାଙ୍ଗୁ ପିଟିଲେ ମଧ ଶବ୍ଦ ନିର୍ଗତ ହୋଇନଥାଏ । ବିବାହ ଉତ୍ସବ ସମୟରେ ଚାଙ୍ଗୁ ନୃତ୍ୟ ଓ ଗୀତ ପ୍ରତିଯୋଗୀତାବେଳେ ଗାଁର କଙ୍ଗେର, ସେଲାନମାନେ ଏହି ଦେବଦେବୀଙ୍କୁ ପୂଜା କରିବା ସହିତ କୁକୁଡା ଭୋଗ ଲାଗି କରିଥାନ୍ତି । ଏହି ଦେବତା ଓ ଦେବୀଙ୍କୁ ସନ୍ତୁଷ୍ଟ କରିପାରିଲେ ଚାଙ୍ଗୁ ନୃତ୍ୟଗୀତରେ ସଫଳତା ମିଳେ ଏବଂ ଯୁବକ, ଯୁବତୀଙ୍କୁ କୌଣସି ରୋଗବଇରାଗ ହୁଏନାହିଁ ବୋଲି ବଶ୍ୱାସ ରହିଛି ।

ଜୁଆଙ୍ଗମାନଙ୍କର ବିଶ୍ୱାସ, ସେମାନଙ୍କର ଦେବଦେବୀମାନେ ନିକଟସ୍ଥ ପାହାଡ, ଜଙ୍ଗଲ, ନଦୀ, ଝରଣାରେ ଅବସ୍ଥାପିତ ହୋଇଥାନ୍ତି । ଜୁଆଙ୍ଗ ପୀଢ ଅଞ୍ଚଳରେ ଥିବା ମାଲ୍ୟଗିରି, ଗନ୍ଧମାର୍ଦ୍ଦନ, ଭୀମଗିରି, ଗୁପ୍ତଗଙ୍ଗା, ରାମଗିରି ଆଦି ପାହାଡପର୍ବତରେ ସେମାନଙ୍କ ଠାକୁର, ଠାକୁରାଣୀମାନେ ବାସ କରନ୍ତି ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ସେହିଭଳି ସ୍ଥାନୀୟ ଜଙ୍ଗଲ ଓ ପାହାଡର ନାମାନୁସାରେ ଜୁଆଙ୍ଗମାନଙ୍କର ବହୁ ଦେବଦେବୀ ଆଛନ୍ତି । ସାଧାରଣତଃ ଏହିସବୁ ଦେବଦେବୀଙ୍କ ନାମ ସହିତ ପାଟ ଶବ୍ଦଟି ସଂଲଗ୍ନ ହୋଇଥାଏ । ଏହିସବୁ ନଦୀ ଓ ପାହାଡର ଦେବଦେବୀମାନେ ହେଲେ ଗୁଟିପାଟ, ରଙ୍ଗାପାଟ, କଳାପାଟ, ବୈତରଣୀପାଟ, କୁଟେଇଶୁଣି, କେନ୍ଦେଇଶୁଣି, ନୂଆ, ଠାକୁରାଣୀ, ଦୁଆରଶୁଣି, ବାଉଁଶତଳିଆ, ରଂଗାପାଟ, ବିଷ୍ଣୁପାଟ, ସାରୁପାଟ, ମୁଚୁରି ଠାକୁରାଣୀ, କଟା ମୁଣ୍ଡିଆ ଠାକୁରାଣୀ, ବନ୍ଦିରିମୂଳିଆ ପ୍ରମୁଖ ।

ଜୁଆଙ୍ଗମାନଙ୍କ ମଧ୍ୟରେ ଆଉ ଏକ ବିଶ୍ୱାସ ରହିଛି, ନଦୀ, ଦେବଦେବୀମାନେ (river deities) ସେମାନଙ୍କୁ ବିପଦ ଆପଦବେଳେ ଉଦ୍ଧାର କରୁଥିବାବେଳେ ଝରଣା ଠାକୁର, ଠାକୁରାଣୀ (Spring deities) ସେମାନଙ୍କୁ ସବୁବେଳେ ବିପଦରେ ପକେଇଥାନ୍ତି । ଜୁଆଙ୍ଗମାନଙ୍କ ପୂଜା ସାମଗ୍ରୀ ମଧ୍ୟରେ ଅରୁଆ ଚାଉଳ, ଧାନ, ଫୁଲ, ହଳଦୀ, ସିନ୍ଦୁର, ଧୂପ, ଦୀପ, ଦୁଧ ଓ ଗୁଡ ଆଦି ବ୍ୟବହୃତ ହୋଇଥାଏ । ଏହାକୁ ନେଇ ମଧ ଅନେକ ପହଳି ଜୁଆଙ୍ଗ ସମାଜରେ ପ୍ରଚଳିତ ।

ପୂର୍ବରୁ କୁହାଯାଇଛି, ସୂର୍ଯ୍ୟ (ଧରମ ଦେବତା) ହେଉଛନ୍ତି ଜୁଆଙ୍ଗମାନଙ୍କର ମୁଖ୍ୟ ଦେବତା । ତାଙ୍କଠାରୁ ସମଗ୍ର ଜଗତ ଆଲୋକ ଓ ଶକ୍ତି ପାଇଥାନ୍ତି । ବୃକ୍ଷଲତା ସୂର୍ଯ୍ୟଙ୍କଠାରୁ ଆଲୋକ ଗ୍ରହଣ କରି ସମଗ୍ର ଜୀବଜଗତକୁ ଖାଦ୍ୟ ଯୋଗାଇଥାନ୍ତି । ପ୍ରାଣୀମାନେ ବୃକ୍ଷଲତାଙ୍କଠାରୁ ଖାଦ୍ୟ ଖାଇ ଜୀବନ ଧାରଣ କରିଥାନ୍ତି । ସୂର୍ଯ୍ୟଙ୍କ ଯୋଗୁଁ ପୃଥିବୀରେ ବର୍ଷା ହୁଏ । ଗ୍ରୀଷ୍ମ, ବସନ୍ତ, ଶୀତ ପ୍ରଭୃତି ଋତୁଚକ୍ରର ଆବର୍ତ୍ତନ ହୁଏ । ସେହିଭଳି ଚନ୍ଦ୍ର ଉଜ୍ଜଳ, ଶୀତଳ ଓ ନିର୍ମଳ ଆଲୋକର ଆଧାର । ଏହାର ଉଜ୍ଜଳ ଆଲୋକରେ ରାତିର ଘନ ଅନ୍ଧକାର ଦୂରୀଭୂତ ହୁଏ । ରାତିରେ ଆକାଶ ଓ ପୃଥିବୀକୁ ସୌନ୍ଦର୍ଯ୍ୟମୟ କରିଥାଏ ଚନ୍ଦ୍ରାଲୋକ । ଦିନରେ ତାରାମାନେ ଅଦୃଶ୍ୟ ହୋଇଯାଆନ୍ତି । ସତେ ଯେମିତି ସୂର୍ଯ୍ୟଙ୍କ ତେଜରୁ ରକ୍ଷା ପାଇବା ପାଇଁ ସେମାନେ ରାତିତମାମ ନିଜ ମାମୁଘରେ ଆଶ୍ରୟ ନେଇଥିଲେ ଏବଂ ସକାଳ ହେବାମାତ୍ରେ ପୁଣି କେଉଁଆଡେ ଉଭାନ୍ ହୋଇଗଲେ । ସନ୍ଧ୍ୟା ପରେ ଆକାଶରେ ଅନ୍ଧାକାର ମାଡି ଆସିବା ପରେ ଗୋଟିକ ପରେ ଗୋଟିଏ ତାରା ଦୃଶ୍ୟମାନ ହୁଅନ୍ତି । ଘନ ଅନ୍ଧାର ରାତିର ଆକାଶରେ ଧଳା ଭଳି ତାରାମାନେ ବୁଣି ହୋଇ ପଡିଥିବା ଦୃଶ୍ୟ କେତେ ମନୋରମ ତାହା ଜୁଆଙ୍ଗଙ୍କ ପହଲିରେ ସ୍ଥାନ ପାଇଛି ।

**"ମାମୁଆଁ ଇଞ୍ଜ୍ୟାରା ମୁଇଁଣ୍ଡୋ ଅଲେଜ୍**
**ମେସାରଜ ମୁଇଁ ଜେନା"**
**ଅର୍ଥ :** ମାମୁଁ ଘରେ ଗୋଠେ ଗାଇ, ରାତି ପାହିଲେ ମୋଟେ ନାହିଁ
**ଉତ୍ତର :** ତାରା

ମଧ୍ୟାହ୍ନ ସମୟରେ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଯାଇଥାଏ । ଜୁଆଙ୍ଗମାନେ ଜଙ୍ଗଲରେ ଫଳମୂଳ ସଂଗ୍ରହ କରୁଥାନ୍ତି । ସୂର୍ଯ୍ୟ ମୁଣ୍ଡ ଉପରେ ଅର୍ଥାତ୍ ମଧ୍ୟାହ୍ନ ବେଳକୁ ସେମାନେ ଘରକୁ ଫେରିବା ନିମନ୍ତେ ଉଦ୍ୟତ ହୋଇଥାନ୍ତି ।

**"ଖୁଣ୍ଟୁଆ ଡକସେରେ ଟେରେଜ"**
**ଅର୍ଥ :** ଖୁଣ୍ଟରେ ବସଚି ଟିକି ଚଢେଇ
**ଉତ୍ତର :** ମଧ୍ୟାହ୍ନ (ମୁଣ୍ଡ ଉପରେ ସୂର୍ଯ୍ୟ)

ସୌରଜଗତ (ସୂର୍ଯ୍ୟ, ନଅଟି ଗ୍ରହ ଓ ଅନ୍ୟାନ୍ୟ ଉପଗ୍ରହ)କୁ ନେଇ ଜୁଆଙ୍ଗମାନେ ମଧ୍ୟ ପହଲି ଗାଇଥାନ୍ତି । ସୂର୍ଯ୍ୟଙ୍କୁ ନବ ଗ୍ରହ ସମେତ ଅନ୍ୟାନ୍ୟ ଗ୍ରହ ଉପଗ୍ରହମାନେ ଘେରି ବସିଥାନ୍ତି । ଯେମିତି ଜଣେ ହଳିଆ ପାଇଁ ନଅଟି ଲଙ୍ଗଳ, ଚଉଦ ବଳଦ ସମେତ ତାଙ୍କ ପାଇଁ ୩୦ ଜଣ ଖାଦ୍ୟ ନେଇଛନ୍ତି । ମାତ୍ର ଖାଇଲାବାଲା ଜଣେ ।

**"ନୂଆଁସିନି ଚଉଦଗୋଟା ଅଲେଜ**
**ତଅଣ ଗୋକସେରକି ତିରିଶିଜଣ**
**ତଅଣ ଉର୍ ମିନକ୍"**
**ଅର୍ଥ :** ନଅ ନଙ୍ଗଳ ଚଉଦ ବଳଦ
ଭାତ ନେଉଥିଲେ ତିରିଶଜଣ
ଖାଇବସିଲା ଜଣେ ।

**ଉତ୍ତର :** ସୌରଜଗତ

## ୨. ପ୍ରାଣୀ ଭିତ୍ତିକ

ଜୁଆଙ୍ଗମାନେ ଜଙ୍ଗଲ ଓ ପାହାଡର ପ୍ରାକୃତିକ ପରିବେଶ ମଧ୍ୟରେ ବାସ କରନ୍ତି । ପଶୁପକ୍ଷୀ ଓ ଜଙ୍ଗଲୀ ହିଂସ୍ରଜନ୍ତୁଙ୍କ ଗହଣରେ ରହି ମଧ୍ୟ ସେମାନଙ୍କ ମଧ୍ୟରେ ଭଲ ପାଇବା ଓ ବନ୍ଧୁତ୍ୱପୂର୍ଣ୍ଣ ବିନିମୟ ବାସ୍ତବରେ ମହାନ । ସେମାନେ ଘରେ ଅନେକ ପ୍ରକାର ଗୃହପାଳିତ ପଶୁପକ୍ଷୀ ପାଳନ କରିଥାନ୍ତି । ଜୁଆଙ୍ଗମାନେ ଘରେ ପାଳୁଥିବା କୁକୁଡା (ସେଙ୍କଏ) ଗାଈ (ଅଲେଜ) ଘୁଷୁରି (ବୃତାଏ) କୁକୁର (ସେଲକ), ଛେଳି (ମେରମ୍), ମେଣ୍ଢା (ଗାଡରା) ଏବଂ ଜଙ୍ଗଲରେ ରହୁଥିବା ହିଂସ୍ର ଜୀବଜନ୍ତୁ ହେଟାବାଘ (ସାର୍ଦ୍ଦୁଲ), ମାଙ୍କଡ (ସାକଏ), ବାଘ (କିଲକ), ସିଂହ (ଜଟ ବିଲକ), ଭାଲୁ (ବାନାଏ), ସାପ (ବାବୁଙ୍ଗ୍), ବଣବିଲେଇ (କାଟାକସର), ବିଗୁଡି (ଉସୁରୁବାଙ୍ଗ), ଅସରପା (ସୁଆଁଲି)ଙ୍କୁ ନେଇ ମଧ୍ୟ ପହିଲମାନ ପ୍ରଚଳିତ ।

ଜୀବଜନ୍ତୁଙ୍କୁ ନେଇ ଜୁଆଙ୍ଗ ସମାଜରେ ଅନେକଗୁଡିଏ ପହଲି ସୃଷ୍ଟି ହୋଇଛି । ସେଥିମଧ୍ୟରୁ କେତେକ ଗୃହପାଳିତ ପଶୁ, ଆଉ କିଛି ବନ୍ୟପ୍ରାଣୀ ଓ କୀଟପତଙ୍ଗ । କୀଟପତଙ୍ଗ ଓ ଜୀବଜନ୍ତୁଙ୍କୁ ନେଇ ଜୁଆଙ୍ଗ ସମାଜରେ ସୃଷ୍ଟି ହୋଇଛି ଅନେକ ପହଲି । ସେଗୁଡିକ ନିମ୍ନରେ ଆଲୋଚନା କରାଗଲା ।

ଶିକୁଳି ବା ମାଳିଟିଏ ଭୂମି ଉପରେ ଲମ୍ବ ହୋଇ ପଡି ରହିଛି । ସାଧାରଣତଃ ଶିକୁଳି ବା ହାର ହେଉଛି ଜୁଆଙ୍ଗମାନଙ୍କର ଏକ ଅଳଙ୍କାର । ଏହାକୁ ଜୁଆଙ୍ଗ ରମଣୀ ଓ ପୁରୁଷମାନେ ବେକରେ ପିନ୍ଧିଥାନ୍ତି । ଏହା ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ଏହି ଶିକୁଳିଟି ଆଉ କାହାର ନୁହେଁ । ଖୋଦ୍ ରାଜାଙ୍କର । ସେହି ରାଜାଙ୍କର ଶିକୁଳି (ସିଙ୍କୁଡ଼ି) ବୋଲି କୁହାଯାଉଥିବା ପଦାର୍ଥକୁ ସୁକ୍ଷ୍ମଭାବେ ନିରୀକ୍ଷଣ କରି ଜୁଆଙ୍ଗମାନେ ଏକ ଆକର୍ଷଣୀୟ ପହଲି ବୋଲିଥାନ୍ତି । ଏହି ପହଲିର ଉତ୍ତର ହେଉଛି ଜନ୍ଦା ବା ପିମ୍ପୁଡି ମଳା (ମନ୍ଦା) । ଜନ୍ଦା (ପିମ୍ପୁଡି)ର ଲମ୍ବା ଧାଡିଟି ହେଉଛି ରାଜାଙ୍କର ଶିକୁଳା ବା ହାର ।

**"ରାଜା ସିଙ୍କୁଡି ଆତେଜତେ ତେଜଡେ"**
**ଅର୍ଥ :** ରଜାର ମାଳ ଛିଣ୍ଡେନାହିଁ
**ଉତ୍ତର :** ପିମ୍ପୁଡି ମନ୍ଦା

ଝିଡିପୋକ (କଲେଇ) ଜୁଆଙ୍ଗମାନଙ୍କର ଏକ ପରିଚିତ ଖାଦ୍ୟ ଭାବେ ଜଣାଶୁଣା । ଜୁଆଙ୍ଗ ଜନଜୀବନକୁ କଲେଇ ବା ଝିଡିପୋକ ବେଶ୍ ପ୍ରଭାବିତ କରିଥାଏ । ବିଶେଷକରି ବର୍ଷାଦିନେ ଏବଂ ଶୀତଦିନେ କଲେଇ ଜୁଆଙ୍ଗମାନଙ୍କର ଏକ ପ୍ରମୁଖ ଖାଦ୍ୟର ସ୍ଥାନ ନେଇଥାଏ । ମଜାଙ୍ଗରେ ବସିଥିବାବେଳେ କିମ୍ବା ଜଙ୍ଗଲରେ ପତ୍ର ସଂଗ୍ରହ କରୁଥିବାବେଳେ ଜୁଆଙ୍ଗ ଯୁବକ, ଯୁବତୀମାନେ ଝିଡିପୋକକୁ ନଇ ପହଲି ବୋଲି ସମୟ କାଟିଥାନ୍ତି । ଝିଡିପୋକକୁ ନେଇ ଏକ ଆକର୍ଷଣୀୟ ପହଲି ରହିଛି । ଝିଡିପୋକର ପର ଲାଗିଗଲେ ସେ ଆକାଶକୁ ଉଡିବାକୁ ଚେଷ୍ଟା କରେ ଓ ସଦ୍ୟ କଅଁଳଥିବା କୁନିକୁନି ଡେଣାକୁ ଫଡଫଡ କରି ଉଡେ । ଏତିକିବେଳେ ତା ମନରେ ଏକ ମୃଦୁ ଅଭିମାନ ଜାତ ହୋଇଥାଏ । ସେ ନିଜର ବାସ୍ତବ ସ୍ଥିତିକୁ ଭୁଲିଯାଇ ଭୂମିରେ ଥିବା ଉଇ ହୁଙ୍କାକୁ ଛିଗୁଲାଏ ଏବଂ କୌତୁକ କରେ । ଝିଡିପୋକ ଉଇ ହୁଙ୍କାକୁ ଛିଗୁଲାଇ ଯାହା କହିଥାଏ, ତାହା ଏହି ପହଲିରେ ଲକ୍ଷ୍ୟ କରନ୍ତୁ ।

"ଡକ ସେନା ଲୋ କୁଜିବୁଡି
ଆଇଂ ଅଣ୍ଡେ ସରଗ ବୁଲି"
ଅର୍ଥ : ବସିଥା ଲୋ କୁଜିବୁଢୀ, ମୁଁ ଯାଉଛି ସରଗ ବୁଲି
ଉତ୍ତର : କଲେଇ (ଝଡିପୋକ)

ଜୁଆଙ୍ଗମାନେ ସାପ ଓ ବେଙ୍ଗକୁ ନେଇ ଏକ ଚମତ୍କାର ପହଲି ଗାନ କରିଥାନ୍ତି । ସାପ ବେଙ୍ଗକୁ ଗିଳୁଥିବାର ଦୃଶ୍ୟକୁ ନେଇ ଏକ ପହଲିଟିକୁ ଲକ୍ଷ୍ୟ କରନ୍ତୁ ।

"ଅଲୋଜା କୁ କୀର ଜେନା
କାନ୍ତାଙ୍ଗା ଇଜିଂ ଜେନା
କୀର ଉରକେ ଦବତେ ଦବତେ"
ଅର୍ଥ : ଗାଈର କ୍ଷୀର ନାହିଁ
ବାଛୁରୀର ଗୋଡ ନାହିଁ
କ୍ଷୀର ପିଏ ଧାଇଁ ଧାଇଁ
ଉତ୍ତର : ବେଙ୍ଗକୁ ସାପ ଗିଳିବା ଘଟଣା

ଟସର ଖୋସାଟିର ଗଠନ ବଡ ବିଚିତ୍ର । ଏଣ୍ଡି ପୋକ ଜଡାଗଛର ପତ୍ର ଖାଇ ନିଜ ଲାଳରେ ଟସର ଖୋସା ପ୍ରସ୍ତୁତ କରେ । ଟସର ଖୋସାଟି ଦେଖିବାକୁ ଏକ ଘର ଭଳି, ମାତ୍ର ଏହାର ଦୁଆର ନଥାଏ । ତେଣୁ ବାସ୍ତବରେ କୁହାଯାଇଛି ଘର ଅଛି ମାତ୍ର ଦୁଆର ନାହିଁ । ଏଭଳି ଏକ ପ୍ରସଙ୍ଗକୁ ନେଇ ଜୁଆଙ୍ଗମାନେ ପହଲି ବୋଲିଥାନ୍ତି ।

"ଇଞ୍ଜ୍ୟାର ଆସିକେ ବଏର ଜଅତେ"
ଅର୍ଥ : ଘର ଅଛି ଦୁଆର ନାହିଁ
ଉତ୍ତର : ଟସର ଖୋସା

ଘୁଷୁରିର ମୁହଁ ଗୋଜିଆ ଏବଂ ଏହା ଏକ ଲଙ୍ଗଳ ମୁନ ଭଳି ମନେହୋଇଥାଏ । ଘୁଷୁରି ତା ମୁହଁ ସାହାଯ୍ୟରେ ପଙ୍କ, କାଦୁଅକୁ ଖୋଳିଖୋଳି ସେଥିରୁ ଖାଦ୍ୟର ସନ୍ଧାନ କରିଥାଏ । ଏହା ଏକ ଲଙ୍ଗଳ ମୁନରେ ଜମିରେ ହଳ କରୁଥିବାର ଭ୍ରମ ସୃଷ୍ଟି ହୋଇଥାଏ । ଏଣୁ ଜୁଆଙ୍ଗମାନେ ଘୁଷୁରିର ମୁହଁକୁ ଏକ ଲଙ୍ଗଳ ସହିତ ତୁଳନା କରିବା ସହ ତା ଶରୀରକୁ ଏକ ଗାଈ ସହ ଚିତ୍ରଣ କରିଥାନ୍ତି । ବାସ୍ତବରେ ଏହା ଏକ ଅତି ଚମତ୍କାର ପହଲି । ଜୁଆଙ୍ଗଟିଏ ଘୁଷୁରିକୁ ଲକ୍ଷ୍ୟ କରି କହୁଛି, ଆଗରେ ଲଙ୍ଗଳ, ପଛରେ ଗାଈ । ଅର୍ଥାତ୍ ଘୁଷୁରିର ମୁହଁ ହେଉଛି ଲଙ୍ଗଳ ଯାହା ଆଗରେ ଅଛି ଏବଂ ତା ପୃଥୁଳାକାୟ ଶରୀର ହେଉଛି ଏକ ଗାଈ, ଯାହା ପଛରେ ରହିଛି ।

"ଆଗିଲାତା ସିନି, ଅଟତା ଅଲେଜ"
ଅର୍ଥ : ଆଗରେ ଲଙ୍ଗଳ, ପଛରେ ଗାଈ
ଉତ୍ତର : ଘୁଷୁରି

ବୁଢ଼ୀଆଣି ସାଧାରଣତଃ ଦୁଇଟି ଗଛଡାଳ ମଧ୍ୟରେ ଥିବା ଶୂନ୍ୟସ୍ଥାନରେ ନିଜର ଜାଲ ବୁଣିଥାଏ । ତାହାର ବସାଟି ଶୂନ୍ୟରେ ହିଁ ଥାଏ । ତଇଳାର ଦୁଇଟି ଗଙ୍ଗେଇ ଗଛର ପତ୍ରରେ ବୁଢ଼ିଆଣି ବୁଣିଥିବା ଜାଲକୁ ନେଇ ଜୁଆଙ୍ଗ ଯୁବତୀଟି ପହଳି ବୋଲେ-

"ଆଉତା ଉଳି, ନିଇତା ଉଳି, ମୁଜିଆ ଇଙ୍ଗ୍ୟା"
**ଅର୍ଥ :** ସେପଟେ ପାହାଡ, ଏପଟେ ପାହାଡ, ଶନ୍ୟରେ ଘର
ଉତ୍ତର : ବଢ଼ୀଆଣି ବସା

## ୩. ବୃକ୍ଷଲତା ଭିତ୍ତିକ

ବୃକ୍ଷଲତା, ଉଦ୍ଭିଦ ଜଗତକୁ ନେଇ ଜୁଆଙ୍ଗ ସମାଜରେ ବହୁ ପହଳି ପ୍ରଚଳିତ ଅଛି । ଶାଳ, କୁସୁମ, ସଲପ, ମହୁଲ, ପଣସ, ଆମ୍ବ, ଜାମୁ ଓ କଦଳୀ ଗଛଠାରୁ ଆରମ୍ଭ କରି ଜଙ୍ଗଲୀ ଛତୁ, ମାଟିଆଳୁ, କନ୍ଦମୂଳ ପର୍ଯ୍ୟନ୍ତ ପ୍ରତ୍ୟେକ ଗଛ ପହଳିରେ ସ୍ଥାନ ପାଇଥାଏ ।

ପଣସ ହେଉଛି ଜୁଆଙ୍ଗମାନଙ୍କର ଏକ ଅତି ଦରକାରୀ ଗଛ । ପଣସ ଗଛର ଗଠନ ବଡ ବିଚିତ୍ର । ଗଛର କେଉଁ ଅଂଶରେ ପଣସ ଫଳିବ ତାହା କହିହେବ ନାହିଁ. ଏହା ଗଛର ମୁଳଠାରୁ ଆରମ୍ଭ କରି ଡାଳ ପର୍ଯ୍ୟନ୍ତ ସବୁଠି ଫଳିଥାଏ । ଗୋଟିଏ କିଳା (ଏକ ବୃହକାୟ ଠେଙ୍ଗା)ରେ ଷାଠିଏ ମଇଁଷି ଲାଖି ରହିଥିବା ଦୃଶ୍ୟ ସତରେ କେତେ କୌତୁକପ୍ରଦାୟୀ, ତାହା ଜୁଆଙ୍ଗର ପହଳିରେ ଜାଣିହୁଏ । ଗୋଟିଏ ବଡଦାଣ୍ଡରେ ଷାଠିଏ ମଇଁଷି ଖୁନ୍ଦାଖୁନ୍ଦି ହୋଇ ଶୋଭା ଶୋଭା ପାଉଛନ୍ତି । ଅର୍ଥାତ୍ ଗଛଟିର ମୂଳ (ଚେର)ଠୁ କାଣ୍ଡ (ଶାଖାପ୍ରଶାଖା) ପ୍ରର୍ଯ୍ୟନ୍ତ ସବୁଠି ଯେଭଳି ପଣସ ବାହାରିଥାଏ, ତାହାକୁ ଏକ କିଳାରେ ଖଞ୍ଜାଯାଇଥିବା ମଇଁଷି ସହ ତୁଳନା କରାଯାଇଛି ।

"ମୁଇଁଣ୍ଡୋ କିଳା ଷାଟିଏ ଗୋଟା ମଇଁଷି"
**ଅର୍ଥ :** ଗୋଟିଏ କିଳାରେ ଷାଠିଏ ମଇଁଷି
**ଉତ୍ତର :** ଗଛର ବିଭିନ୍ନ ସ୍ଥାନରୁ ବାହାରିଥିବା ଏକାଧିକ ପଣସ

ଆହୁରି ମଧ୍ୟ ଶିଆଳି ଫଳ ଜୁଆଙ୍ଗମାନଙ୍କର ଏକ ପ୍ରିୟ ଖାଦ୍ୟ । ଏହାର ଗଠନ ଏଭଳି ହୋଇଥାଏ ଯେ, ଏହାକୁ ଫଳ ମଧ୍ୟରୁ ବାହାର କରି ଖାଇବା ଖୁବ କଷ୍ଟକର ବ୍ୟାପାର ହୋଇଥାଏ । ଖୁବ ମେହନତି ନ କଲେ ଏହା ଭିତରୁ ମଞ୍ଜି ବାହାର କରି ଖାଇହୁଏ ନାହିଁ । ଶିଆଳି ଫଳକୁ ପ୍ରଥମେ ନିଆଁରେ ପୋଡିବା ପରେ ଏହା ଭିତରୁ ଆଉ ଏକ ଫଳ ବାହାରେ । ଏହି ଫଳକୁ ପୁଣି ପଥରରେ ଛେଚିଲେ ଏହା ମଧ୍ୟରୁ ଆଉ ଏକ ସ୍ତର ବାହାରେ ଏବଂ ଏହା ଭିତରେ ଯାଇ ମଞ୍ଜି ଥାଏ । ସାତ ସମୁଦ୍ର, ସାତତାଳ ପଙ୍କ ଭିତରେ ଫରୁଆ ଭିତରେ ଭଅଁର ଭଳି ଘଟଣା । ଶିଆଳି ଫଳର ଏଭଳି ରହସ୍ୟକୁ ନେଇ ଜୁଆଙ୍ଗମାନେ ଖୁବ୍ ଏକ ଆକର୍ଷଣୀୟ ପହଳି ନାଚ କରିଥାନ୍ତି ।

"ରାଜା ସେଡାକତେ ଆକୁକଡେ କୁକଡେ"
**ଅର୍ଥ :** ରଜାର କବାଟ ଖୋଲେନାହିଁ ।
**ଉତ୍ତର :** ଶିଳାଳି ଫଳ

## ୪. ସାଧାରଣ ବସ୍ତୁ ଭିତ୍ତିକ

ଜୁଆଙ୍ଗମାନେ ବିଭିନ୍ନ ପ୍ରକାର ଗୃହ ସାମଗ୍ରୀ, ବାଦ୍ୟଯନ୍ତ୍ର, କୃଷି ଓ ଶିକାର ସରଞ୍ଜାମ ତଥା ଅନ୍ୟାନ୍ୟ ବହୁ ଉପକରଣ ବ୍ୟବହାର କରିଥାନ୍ତି । ଏହାକୁ ଜୁଆଙ୍ଗମାନଙ୍କ ଭୌତିକ ସଂସ୍କୃତି (Material Culture) ବୁଝାଯାଇଥାଏ । ଜୁଆଙ୍ଗମାନଙ୍କ ବାସଗୃହ, ଗାଁ, ଘରକରଣା ଉପକରଣ, କୃଷି ଉପକରଣ, ବସ୍ତ୍ର, ଅଳଙ୍କାର, ଶିକାର ଉପକରଣ, ଅସ୍ତ୍ରଶସ୍ତ୍ର ହାଣ୍ଡି, ମାଠିଆ, ଟୋକେଇ, ଝାଡୁଠାରୁ ଆରମ୍ଭ କରି ଚାଙ୍ଗୁ ପର୍ଯ୍ୟନ୍ତ ବିଭିନ୍ନ ଭୌତିକ ଉପାଦାନ ସମ୍ପର୍କରେ ମଧ୍ୟ ଅନେକ ପହଲି ରହିଛି ।

ଜୁଆଙ୍ଗମାନଙ୍କର ଜୀବନଶୈଳୀ ସରଳ ଓ ନିରାଡମ୍ବର । ଜୁଆଙ୍ଗମାନେ ସାଧାରଣତଃ ପାହାଡ ଓ ଜଙ୍ଗଲପୂର୍ଣ୍ଣ ଅଞ୍ଚଳରେ ବସବାସ କରିଥାନ୍ତି । ମାଟି ଓ କାଠରେ ଛୋଟ ଛୋଟ କୁଡିଆ ନିର୍ମାଣ କରି ସେଥିରେ ଆଶ୍ରୟ ନେଇଥାନ୍ତି । ଜୁଆଙ୍ଗମାନେ କାଠ ଓ ଏବଂ ବାଉଁଶକୁ ଭୂମିରେ ପୋତି କାନ୍ଥ ନିର୍ମାଣ କରନ୍ତି ଏବଂ ପରେ ସେଥିରେ ମାଟି ଓ ଗୋବର ମିଶା କାଦୁଅ ବୋଳି ଘର ନିର୍ମାଣ କରନ୍ତି । ଘରଗୁଡିକର କାନ୍ଥରେ ଝରକା ନଥାଏ । କେବଳ ସମ୍ମୁଖ ଭାଗରେ ଗୋଟିଏ ଦରଜା ଥାଏ ।

ଜୁଆଙ୍ଗମାନଙ୍କର ଗୃହଗୁଡିକ ଖୁବ ଛୋଟ ଏବଂ ଏକକ କୋଠରୀବିଶିଷ୍ଟ ଅଟେ । ସେମାନଙ୍କର ଘରକୁ ମୁଖ୍ୟତଃ ଚାରିଗୋଟି ଭାଗରେ ବିଭକ୍ତ କରାଯାଇପାରେ ।

୧. ଭଣ୍ଡାର ଘର (**Store room**)
୨. ଶୋଇବା ଘର (**bed room**)
୩. ବସାଉଠା ସ୍ଥାନ (**drawing room**)
୪. ରୋଷେଇ ଘର (**Kitchen room**)

ସବୁଠୁ ମଜାର କଥା ହେଉଛି, ଗୋଟିଏ ମାତ୍ର ଘରକୁ ଚାରି ଭାଗରେ ବିଭକ୍ତ କରି ଜୁଆଙ୍ଗମାନେ ସେଇଠି ଶୋଇବାଠାରୁ ଆରମ୍ଭ କରି ଚୁଲି ଜାଳିବା, ରୋଷେଇ କରିବା, ପରିବା କାଟିବା, ବେସରବାଟିବା, ଖାଦ୍ୟଶସ୍ୟ ଗଚ୍ଛିତ ରଖିବା ଆଦି ଯାବତୀୟ କାର୍ଯ୍ୟ କରିଥାନ୍ତି । ଏଥିପାଇଁ ସ୍ୱତନ୍ତ୍ର ଭାବେ ଚାରୋଟି ବଖରା ନିର୍ମିତ ହୋଇ ନଥାଏ । ଘରଟିର ଗୋଟିଏ ଭାଗରେ କାଠ, ବାଉଁଶ ନିର୍ମିତ ଏକ ଭାଡି ନିର୍ମାଣ ହୋଇଥାଏ, ଯେଉଁଥିରେ ଧାନ, ସୋରିଷ, ମକା, ମାଣ୍ଡିଆ, ବାଜରା, ରାଶି ଆଦି ଶସ୍ୟ ଗଚ୍ଛିତ ରହିଥାଏ । ଘରଟିର ଏହି ସ୍ଥାନ ହିଁ ଭଣ୍ଡାର ଘର । ଘରଟିର ଅନ୍ୟ ଏକ ଭାଗରେ ଚୁଲି ପରାଯାଇଥାଏ । ସେଠାରେ ହାଣ୍ଡି, ମାଠିଆ ଓ ବାସନକୁସନ ରହିଥାଏ । ଘରର ଏହି ଅଂଶଟିକୁ ରୋଷେଇ ଘର ବୋଲି ଧରାଯାଇଥାଏ । ଘରଟିର ମଧ୍ୟ ଭାଗ ଶୟନ ସ୍ଥଳ ଏବଂ ବସାଉଠା ସ୍ଥଳ ଭାବେ ବ୍ୟବହାର କରାଯାଇଥାଏ । ମୁଖ୍ୟ ଘରର ସମ୍ମୁଖରେ କିମ୍ୱା କୌଣସି ଏକ ପାର୍ଶ୍ୱରେ ଘୁଷୁରିମାନଙ୍କ ରହିବା ପାଇଁ ଏକ ଛୋଟ ଘୁଷୁରି ଘର, ଛେଳି, ମେଣ୍ଢା ଓ ଗୋରୁମାନଙ୍କ ପାଇଁ ଗୁହାଳ ନିର୍ମିତ ହୋଇଥାଏ । କୁକୁଡା, ବତକ ଆଦି ଗୃହପାଳିତ ପକ୍ଷୀଙ୍କ ପାଇଁ ଛୋଟ ଛୋଟ ଘର ମଧ୍ୟ ନିର୍ମିତ୍ ହୋଇଥାଏ ।

ଜୁଆଙ୍ଗ ଘର ଭିତରେ ଥିବା ଚୁଲିକୁ ନେଇ ଯେଉଁ ପହଳିଟି ରହିଛି ତାହା ବେଶ୍ କୌତୁକପ୍ରଦାୟୀ । ଗୋଟିଏ ଯୁବତୀର ତିନୋଟି ସ୍ତନ ସହ ତୁଳନା କରାଯାଇଛି ଚୁଲିର ତିନୋଟି ଝିକାକୁ । ସତରେ କେତେ ଉନ୍ନତମାନର

ରୂପକଳ୍ପ ଓ ବିମ୍ବ ପ୍ରୟୋଗ ସମ୍ଭବ ହୋଇଛି । ଏହାର କାବ୍ୟିକ ମୂଲ୍ୟବୋଧ ଓ ସୌନ୍ଦର୍ଯ୍ୟବୋଧର ପରିକଳ୍ପନା କେବଳ ଜୁଆଙ୍ଗମାନେ ହିଁ କରିପାରନ୍ତି । 'ଜଣେ ଯୁବତୀ, ତାର ତିନୋଟି ସ୍ତନ' । ଲକ୍ଷ୍ୟ କରନ୍ତୁ ଏହି ପହଳିଟିକୁ ।

"ମୁଇଣ୍ଡୋ ସେଲାନିକ୍ ନୁନୁ ଏଗୋଟା"
ଅର୍ଥ : ଝିଅ ଗୋଟିଏ, ସ୍ତନ ତିନୋଟି
ଉତ୍ତର : ଚୁଲି

ଛୋଟ ଘରଟିଏ ହେଲେ ମଧ୍ୟ ଜୁଆଙ୍ଗ ରମଣୀଟିଏ ତାର ଘରକୁ ସବୁବେଳେ ଝାଡୁକରି ସଫାସୁତୁରା ରଖିଥାଏ । ଝାଡୁଟି କିଭଳି ଘର ଅଗଣାର ଧୂଳି ଓ ବର୍ଜ୍ୟକୁ ଚାଟିଚୁଟି ସଫା କରିଦେଇଥାଏ । ସେମିତି ଏକ ପରିକଳ୍ପନା ଏଠାରେ କରାଯାଇଛି । ଏକ ଜନ୍ତୁ ଭଳି ଚାଟି ଚାଟି ବାହାରକୁ ଯାଉଛି ଏବଂ ପୁଣି ଚାଟି ଚାଟି ଭିତରକୁ ଫେରିଆସୁଛି । ଏହାର ଉତ୍ତର ହେଉଛି ଝାଡୁ ।

"ବାଏ ବୋ ଅଣ୍ଡେ ଜାଜାନସୁନ୍
ଆଲୁଂ ବୋ ଅଣ୍ଡ ଜାଜାନସୁନ୍"
ଅର୍ଥ : ବାହାରକୁ ଚାଟି ଚାଟି, ଭିତରକୁ ଆସୁଛୁ ଚାଟି ଚାଟି
ଉତ୍ତର : ଝାଡୁ

ପୂର୍ବରୁ କୁହାଯାଇଛି ଜୁଆଙ୍ଗ ଘରଟିରେ ଗୋଟିଏ ବୋଲି ଦରଜା ରହିଥାଏ ଏବଂ ଘର କାନ୍ଥରେ ଝରକା ନଥାଏ । ତେବେ ଜୁଆଙ୍ଗର ଦରଜାରେ ଯୋଡି କବାଟ ବଦଳରେ ଗୋଟିଏ କବାଟ ଲାଗିଥାଏ । କବାଟଟି ଖୋଲିବା ସମୟରେ ଏଥିରୁ ନିର୍ଗତ ହେଉଥିବା କେଁ କେଁ ଶବ୍ଦକୁ ନେଇ କବି କବିତା ଲେଖିଥାଏ କିମ୍ବା ସଙ୍ଗୀତଜ୍ଞ ସ୍ୱର ସଂଯୋଜନା କରିଥାଏ । ପ୍ରକୃତରେ କବାଟଟି ଖୋଲିବା ଓ ବନ୍ଦ କରିବା ଶବ୍ଦରେ କେତେ ସୁନ୍ଦର ପହଳିଟି ରହିଛି ତାହାକୁ ଲକ୍ଷ୍ୟ କରନ୍ତୁ । କବାଟକୁ ଲକ୍ଷ୍ୟ କରି ଜୁଆଙ୍ଗଟିଏ କହୁଛି ଭିତରକୁ ଯାଉଛୁ ମାଁ , ମାଁ ହୋଇ ଏବଂ ବାହାରକୁ ଆସୁଛୁ ମା ମାଁ ହୋଇ ।

"ଆଲୁଂ ବୋ ଅଣ୍ଡେ ବଇଂ ବଇଂ
ବାଏ ବୋ ଅଣ୍ଡେ ବଇଂ ବଇଂ"
ଅର୍ଥ : ଭିତରକୁ ଯାଉଛୁ ମାଁ, ମାଁ ବାହାରକୁ ଆସୁଛୁ ମାଁ ମାଁ
ଉତ୍ତର : କବାଟ

ଧନୁ ଓ ଶର (କାକାକ୍ କକମ୍) ଜୁଆଙ୍ଗଙ୍କ ଏକ ପ୍ରମୁଖ ଅସ୍ତ୍ର । ଆଗେ ପଶୁପକ୍ଷୀ ଶିକାର କରିବାରେ ଏହା ବ୍ୟବହୃତ ହେଉଥିଲା । ଧନୁ ସହିତ ଶର ମୁଣାଟିଏ ଥାଏ । ଏଥିରେ ଶର (ତୀର) ରହିଥାଏ । ଜୁଆଙ୍ଗ ଭାଷାରେ ଧନୁକୁ କାକାକ ଓ ତୀରକୁ କକମ୍ କୁହାଯାଏ । ଅର୍ଦ୍ଧଚନ୍ଦ୍ରାକୃତିର କାଠ କିମ୍ବା ବାଉଁଶରେ ଦଉଡି କିମ୍ବା ସୂତା ବନ୍ଧାଯାଇ ଧନୁ ପ୍ରସ୍ତୁତ କରାଯାଇଥାଏ । ପତଳା ପତଳା ତୀର ପ୍ରସ୍ତୁତ କରାଯାଏ । ତୀରର ଅଗ୍ରଭାଗରେ ମୁନିଆ ଓ ପତଳା ଲୁହା ଖଞ୍ଜାଯାଇଥାଏ । ଅନେକ ସମୟରେ ଜୁଆଙ୍ଗମାନେ ତୀରର ଅଗ୍ରଭାଗରେ କିଛି ବିଷାକ୍ତ ପଦାର୍ଥ ବୋଳିଥାନ୍ତି । ତୀରଟି କୌଣସି ଜଙ୍ଗଲୀ ଜନ୍ତୁର ଶରୀରରେ ବିଦ୍ଧ ହୋଇଗଲେ, ତା ଶରୀରରେ ବିଷ ଚରିଯାଏ ଏବଂ ସେ ମୃତ୍ୟୁବରଣ

କରିଥାଏ । ଏହା ପରେ ଜୁଆଙ୍ଗ ଏହି ମୃତ ଜନ୍ତୁକୁ ଧରି ନିଜ ଘରକୁ ଫେରେ । ମାତ୍ର ଦୁର୍ଭାଗ୍ୟ, ଏବେ ବଣରେ ଆଉ ଜଙ୍ଗଲୀ ପଶୁଙ୍କୁ ଦେଖିବାକୁ ମିଳୁନାହିଁ । ତେଣୁ ଧନୁର ବ୍ୟବହାର ପ୍ରାୟ କମି ଯାଇଛି । ତଥାପି ଧନୁଶରକୁ ନେଇ ଜୁଆଙ୍ଗମାନଙ୍କ ମଧ୍ୟରେ ଏକ ଆକର୍ଷଣୀୟ ପହଳି ପ୍ରଚଳିତ ଅଛି ।

ଜଙ୍ଗଲ ମଧ୍ୟରେ ଶିକାର କରିବା ସମୟରେ ଜୁଆଙ୍ଗ ଯୁବକଟି ଧନୁରେ ତୀରକୁ ସଂଯୋଗ କରି ଶକ୍ତି ପ୍ରୟୋଗ କରି ଏହାର ସୁତାକୁ ଟାଣି ଟଙ୍କାର କରେ । ଏତିକିବେଳେ ଧନୁଟି ଫୁଲି ଉଠିଲା ଭଳି ମନେ ହୋଇଥାଏ । ସୁତାଟି ଛାଡି ଦେଲେ ତୀରଟି ପବନ ବେଗରେ ଲକ୍ଷ୍ୟ ସ୍ଥଳକୁ ଛୁଟିଯାଏ ଏବଂ ଧନୁଟି ପୁନର୍ବାର ପେଟ ଶୁଖାଇ ଦିଏ । ଲକ୍ଷ୍ୟ କରନ୍ତୁ ଏହି ପହଳିଟିକୁ ।

**"ବଣବ ଅନନ୍ ଇତିବଡ ବୁସୁରେ**
**ଇଞ୍ୟା ବୋ ତୁଡଂଜ ଲାପଟ୍ କେ"**
**ଅର୍ଥ :** ବଣକୁ ଗଲେ ପେଟ ଫୁଲାଏ, ଘରକୁ ଆସିଲେ ପେଟ ଶୁଖାଏ
**ଉତ୍ତର :** ଧନୁଶର

ଜୁଆଙ୍ଗମାନେ ଧାନ, ଚାଉଳ ମାପିବା ପାଇଁ 'ମାଣ' ବା 'ପାଇ' ନାମରେ ଏକ ଉପକରଣ ବ୍ୟବହାର କରିଥାନ୍ତି । ଏହା କାଠରେ କିମ୍ବା ଲୁହା, ପିତଳ ଆଦି ଧାତୁରେ ନିର୍ମିତ ହୋଇଥାଏ । ଶାଳ କାଠକୁ ଖୋଳି ଖୋଳି ତା ଭିତରେ ପୋଲା କରି ତାକୁ ଏକ ପାତ୍ର ଆକୃତିର ନିର୍ମାଣ କରାଯାଏ । ଏହାର ଅଗ୍ରଭାଗରେ ମୁହଁ ଲୁହା କିମ୍ବା ପିତଳର ଏକ ଚାଦର ଢଙ୍କା ଯାଇଥାଏ । ଏହାର ନିମ୍ନ ଭାଗ ସମତଳ ହୋଇଥିବାବେଳେ ଉପର ଭାଗ ଅର୍ଦ୍ଧବୃତ୍ତାକାର ହୋଇଥାଏ । ଜୁଆଙ୍ଗମାନେ ଏହାକୁ ଧାନ, ଚାଉଳ, ମାଣ୍ଡିଆ, ବାଜରା, ସୁଆଁ ମାପିବା ପାଇଁ ବ୍ୟବହାର କରୁଥିବାବେଳେ ବର୍ତ୍ତମାନ ଏହା ବିରଳ ହୋଇଗଲାଣି । ଆଜିକାଲି ଜୁଆଙ୍ଗମାନେ 'ମାଣ' ବା 'ପାଇ' ବଦଳରେ ଦଣ୍ଡିପାଲାର ବ୍ୟବହାର କଲେଣି । ମାଣ ଧୀରେ ଧୀରେ ଲୋପ ପାଇଗଲାଣି । ତଥାପି ମାଣ କୁ ନେଇ ଜୁଆଙ୍ଗମାନଙ୍କ ମଧ୍ୟରେ ଏକ ପହଳି ପ୍ରଚଳିତ ଅଛି । ମାଣକୁ ଲକ୍ଷ୍ୟ କରି କୁହାଯାଇଛି । ଖାଉଛୁ, ବାନ୍ତି କରୁଛୁ । ବାସ୍ତବରେ କେତେ ଚମତ୍କାର ପ୍ରତୀକ । ମାଣରେ ଧାନ ପୁରାଇ ଦିଆଯାଉଛି, ସେ ମାପିବା ପରେ ପୁଣି ବାହାର କରି ଦିଆଯାଇଛି ।

**ପହଳି ନଂ ୧୪**

**"ଉରକେ ବୋଲାକ କେ"**
**ଅର୍ଥ : ଖାଉଛି, ବାନ୍ତି କରୁଛି**
**ଉତ୍ତର :** ମାଣ (ପାଇ) ଧାନମପା ପାତ୍ର

ଜୁଆଙ୍ଗମାନେ ଶିଳ ଓ ଶିଳପୁଆ ବ୍ୟବହାର କରିଥାନ୍ତି । ଶିଳ (ଆଟାସର) ଏବଂ ଶିଳପୁଆ (କନେଚାଙ୍ଗ) ମାଧ୍ୟମରେ ଜୁଆଙ୍ଗମାନେ ଚାଉଳ ବାଟିବାଠାରୁ ମସଲା, ମାଣ୍ଡିଆ, ବିରି ଆଦି ବାଟନ୍ତି । ଏହା ହେଉଛି ଗୋଟିଏ ବଡ ଚଉଡା ପଥର, ଯାହାକୁ ଶିଳ କୁହାଯାଏ । ଶିଳରେ ଚଟାଣ କିମ୍ବା ଚାଉଳ ବାଟିବା ପାଇଁ ଅନ୍ୟ ଏକ ଛୋଟ ପଥରର ବ୍ୟବହାର କରାଯାଏ, ଯାହାକୁ ଶିଳପୁଆ କୁହାଯାଏ । ବଡ ପଥରଟି ଉପରେ ଛୋଟ ପଥରଟିକୁ ଘଷିଲେ ବାଟଣ ବାଟିହୁଏ । ଜୁଆଙ୍ଗମାନେ ଏହା ସାହାଯ୍ୟରେ ମସଲା ବାଟନ୍ତି । ତେବେ ଶିଳ (ଆଟାସର) ଏବଂ ଶିଳପୁଆ (କନେଚାଙ୍ଗ)କୁ ଜୁଆଙ୍ଗମାନେ ଏକ ପହଳିର ବ୍ୟବହାର କରିଥାନ୍ତି ।

ଶିଳରେ ମସଲା ବାଟିବା ବେଳର ଦୃଶ୍ୟକୁ ଅତି ସୂକ୍ଷ୍ମ ଭାବେ ନିରୀକ୍ଷଣ କରାଯାଇଛି । ମସଲ ବାଟିବା ସମୟରେ ଶିଳଟି ଭୂମି ଉପରେ ପଡି ରହିଥାଏ । ଏହାକୁ ଜଣେ ମା ଶୋଇଥିବା ଅବସ୍ଥା ସହ ତୁଳନା କରାଯାଇଛି । ସେହିଭଳି ଶିଳ ଉପରେ ଶିଳପୁଆ ଦଉଡୁଥାଏ । ଏହାକୁ ମା ଉପରେ ପୁଅଟି ନାଚକୁଦ କରୁଥିବା ସହ ତୁଳନା କରାଯାଇଛି । ଲକ୍ଷ୍ୟ କରନ୍ତୁ

**"ବୁଇର ଗୁଚଗ ସେରେ**
**କନଣ୍ଡ ଆବୁଜ କେ"**
**ଅର୍ଥ :** ମା' ଶୋଇଛି, ପୁଅ ଚେଇଁଚି
**ଉତ୍ତର :** ଶିଳ, ଶିଳପୁଆ

ଛତାବେଣ୍ଟକୁ ନେଇ ଏକ ଚମତକାର ପହଲି ରହିଛି । ବକ୍ର କୁକୁର ଲାଞ୍ଜ ସହିତ ଛତା ବେଣ୍ଟକୁ ତୁଳନା କରାଯାଇଛି ।

**"ସେଲଗ ଆଟାର ଗେଣ୍ଡଲଂ"**
**ଅର୍ଥ :** କୁକୁର ଲାଞ୍ଜ ବଙ୍କା
**ଉତ୍ତର :** ଛତା ବେଣ୍ଟ

ଜୁଆଙ୍ଗମାନେ ଗାଇଗୋରୁଙ୍କ ବେକରେ ଘଣ୍ଟି ପିନ୍ଧେଇଥାନ୍ତି । ନିଜର ଗୃହପାଳିତ ପଶୁଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଜଙ୍ଗଲୀ ହିଂସ୍ରଜନ୍ତୁଙ୍କୁ ଭୟଭୀତ କରେଇବାକୁ ଜୁଆଙ୍ଗମାନେ ସେମାନଙ୍କ ଗାଇ, ଛେଳି, ମେଣ୍ଢା ବେକରେ ଘଣ୍ଟି ପିନ୍ଧେଇଥାନ୍ତି । ଏହାସହିତ ନିଜନିଜର ଗୋରୁ ଚିହ୍ନିବା ଉଦ୍ଦେଶ୍ୟରେ ମଧ୍ୟ ଜୁଆଙ୍ଗମାନେ ସେମାନଙ୍କ ଗୃହପାଳିତ ପଶୁଙ୍କ ବେକରେ ଘଣ୍ଟି ବ୍ୟବହାର କରିଥାନ୍ତି । ଜଙ୍ଗଲରେ ବାଘ, ଭାଲୁଙ୍କୁ ଡରେଇବା ପାଇଁ ଜୁଆଙ୍ଗମାନେ ନିଜ ନିଜ ଗୋରୁଙ୍କ ବେକରେ ଘଣ୍ଟି ପିନ୍ଧେଇଥାନ୍ତି । ସାଧାରଣତଃ ଜୁଆଙ୍ଗମାନେ ସେମାନଙ୍କର ଗୋରୁ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁଙ୍କୁ ଜଙ୍ଗଲ ମଧ୍ୟରେ ଛାଡି ଦେଇଥାନ୍ତି । ଜଙ୍ଗଲରେ ଭୟଙ୍କର ଜଙ୍ଗଲୀ ପଶୁଙ୍କ ଭୟ ଥିବାରୁ ଜୁଆଙ୍ଗମାନେ ଗୋରୁ ବେକରେ ଘଣ୍ଟି ବାନ୍ଧିଥାନ୍ତି । ଘଣ୍ଟିର ଠନ୍‌ଠନ୍ କିମ୍ବା ଢଂଢଂ ଶବ୍ଦରେ ବାଘ କି ଅନ୍ୟ ହିଂସ୍ର ପଶୁ ଭୟଭୀତ ହୋଇ ଗୋରୁମାନଙ୍କ ପାଖ ମାଡନ୍ତିନାହିଁ । ଘଣ୍ଟି ପିତଳ କିମ୍ବା ଲୁହାରେ ନିର୍ମିତ ହୋଇଥାଏ । ଗାଇ, ଛେଳି, ମେଣ୍ଢା ବେକରେ ବନ୍ଧା ଯାଇଥିବା ଘଣ୍ଟିଟି କାନ୍ଦୁଥିବାର ଚିତ୍ର ଉପସ୍ଥାପନ କରାଯାଇଛି । ଗାଇ, ଛେଳି, ମେଣ୍ଢା ବେକରେ ବନ୍ଧାଯାଇଥିବା ଏହି ଘଣ୍ଟିଟି ବଣକୁ ଯିବାବେଳେ କାନ୍ଦି କାନ୍ଦି ଯାଉଛି ଏବଂ ବଣରୁ କାନ୍ଦି କାନ୍ଦି ମଧ ଫେରୁଛି ।

**"ବଣବ ଅଣ୍ଡେ ଜେକସୁନ**
**ଇଞ୍ୟାବ ଡେଣ୍ଡେ ଜେକସୁନ୍"**
**ଅର୍ଥ :** ବଣକୁ ଯାଏ କାନ୍ଦିକାନ୍ଦି, ଘରକୁ ଆସେ କାନ୍ଦି କାନ୍ଦି
**ଉତ୍ତର :** ଗୋରୁ, ମଇଁଷି କିମ୍ବା ଛେଳି ବେକରେ ବନ୍ଧାଯାଇଥିବା ଘଣ୍ଟି

ମୁଣ୍ଡରୁ କେଶ କାଟୁଥିବାବେଳେ କଇଁଚି ବୁଲୁଥିବାର ଦୃଶ୍ୟକୁ ନେଇ ଏହି ପହଳିଟି ସୃଷ୍ଟି ହୋଇଛି ।

"ଖୁଣ୍ଟୁଆ ବେଲାଏ ବେଳାଏରେ"

ଅର୍ଥ : ଖୁଣ୍ଟରେ ବୁଲୁଛି ବେରାବେରା

ଉତ୍ତର : କଇଁଚି

## ୫. ଖାଦ୍ୟ ପାନୀୟ ଭିତ୍ତିକ

ଭାତ ହେଉଛି ଜୁଆଙ୍ଗମାନଙ୍କର ମୁଖ୍ୟ ଖାଦ୍ୟ । ଏହାବ୍ୟତୀତ ଜୁଆଙ୍ଗମାନେ ବଣ ଜଙ୍ଗଲରୁ ଚେରମୂଳ, ପୋକଜୋକ, କୀଟପତଙ୍ଗ, ମାଂସ, କାଇ (ନାଲି ଜନ୍ଦା) କଲେଇ (ଝଡିପୋକ), ଉଇ, ଆମ୍ବ, ପଣସ ଭଳି ଖାଦ୍ୟ ସଂଗ୍ରହ କରି ନିଜର କ୍ଷୁଧା ମେଣ୍ଟେଇ ଥାନ୍ତି ।

ଜୁଆଙ୍ଗମାନେ ବଣଜଙ୍ଗଲରୁ ମିଳୁଥିବା ମାଟିଆଳୁ, ପିତାଳୁ (ପିତାକନ୍ଦ), କନ୍ଦମୂଳ, ବଇଙ୍ଗା ଆଳୁ, ପାଣି ଆଳୁ, କାଲୁକ ବା କଣ୍ଟା ଆଳୁ, ଓଲୁଅ, ମିଠାଆଳୁ, ଡିମଙ୍ଗଆଳୁ, ସଇଣ୍ଡା ଆଦି ମୂଳଜାତୀୟ ଖାଦ୍ୟ ଖାଆନ୍ତି । ଦୁର୍ଗମ ପାହାଡ ଉପରେ ରହୁଥିବା ଏହି ଜୁଆଙ୍ଗମାନେ କୀଟପତଙ୍ଗ ସରୀସୃପ, ବନ୍ୟଜନ୍ତୁଙ୍କ ମାଂସ ଖାଇ ନିଜର କ୍ଷୁଧା ମେଣ୍ଟେଇ ଥାନ୍ତି ।

ଜୁଆଙ୍ଗମାନେ ନିଜ ବାଡିରେ କଖାରୁ, ଅମୃତଭଣ୍ଡା, ସଜନାଛୁଇଁ, ଶାଗ, ମକା, ଭେଣ୍ଡି, କାକୁଡି, ଧୁଆଁପତ୍ର ଆଦି ଚାଷ କରିଥାନ୍ତି । ଜୁଆଙ୍ଗ ଅଞ୍ଚଳର ପାହାଡିଆ ଭୂଇଁ (ତଇଲା ଭୂମି) ରେ ଧାନ, ରାଶି ବ୍ୟତୀତ କୋଳଥ, ହରଡ, ମାଣ୍ଡିଆ, ବିରି, ମକା, ବୁରୁଗୁଡି (ରୁମାଛୁଇଁ) ଗଙ୍ଗେଇ, ଜାଇଲ, କସଡା, କାଠିଆ, କାଙ୍ଗୁ, କନ୍ତଲା, ସୁତୁରିଡାଲି ଆଦି ଚାଷ କରାଯାଇଥାଏ ।

ଜୁଆଙ୍ଗମାନେ ଜଙ୍ଗଲରୁ ଆମ୍ବ, ପଣସ, କେନ୍ଦୁ, କୁଣ୍ଡୁଇ ଫଳ, ଜାମୁକୋଳି, ଚାରକୋଳି, ବାଙ୍ଗୁରୁ (କୁସୁମ କୋଳି) କୁସାଇ-ତେଣା (ଦୁଧକୋଳି) ଲଙ୍କଣଇ (ଏକପ୍ରକାର ଖଟାକୋଳି) ଏବଂ ଏହାର ରଙ୍ଗ ଲାଲ ହୋଇଥାଏ, ପୁଢେଇ କୋଳି, ଚାରକୋଳି ଅଥଦି ନାନା ପ୍ରକାର ଜଙ୍ଗଲୀ କୋଳି ଏବଂ କୁଇଲାରି ଶାଗ, ପିତାବାଲି (ପିତାଶାଗ), ଚାକୁଣ୍ଡା ଶାଗ, କୁରୁଶୁଣି ଶାଗ, ଶଙ୍ଖୁଆ ଶାଗ, ଲାଇଙ୍ଗା ଶାଗ, ବୋଇତାଳୁ-ଲଟାକ (ଏକ ପ୍ରକାର ଖଟା ଶାଗ) ଶିଲିମ୍ ଫୁଲ, ସୋରିଷ ଶାଗ ଆଦି ନାନା ପ୍ରକାର ଜଙ୍ଗଲୀ ଶାଗ ସଂଗ୍ରହ କରିଥାନ୍ତି । ଜୁଆଙ୍ଗମାନେ ନାନା ପ୍ରକାର ଜଙ୍ଗଲୀ ଛତୁ ସହିତ ରୁଟୁକା ଛତୁ ସଂଗ୍ରହ କରିଥାନ୍ତି ।

ଶୀତ ଦିନ ଆସିଲେ ଜୁଆଙ୍ଗମାନେ କୋଡି, କୋଦାଳ, ଶାବଳ ଧରି ଜଙ୍ଗଲରେ ବୁଲୁଥାନ୍ତି । ଜଙ୍ଗଲରେ ମାଟି ଭିତରେ ଥିବା ନାନା ପ୍ରକାର ଚେରମୂଳ, ଆଳୁ, ବଇଁଗା ଆଳୁ, ପିତାଳୁ, କନ୍ଦ, ଓଲୁଅ, ବଣସାରୁକୁ ଖୋଳି ଜୁଆଙ୍ଗମାନେ ଘରକୁ ନେଇଥାନ୍ତି । ଜୁଆଙ୍ଗମାନେ ନଦୀ, ଝରଣାରୁ ମାଛ, କଙ୍କଡା ଆଦି ଧରି ଖାଆନ୍ତି । ଜୁଆଙ୍ଗମାନେ ଏକ ପ୍ରକାର ପିତା ଗଛର ଛେଲିକୁ ଚୁଲିରେ ସିଝେଇ ଏହାର ପିତା ପାଣିକୁ ନଦୀରେ ଫିଙ୍ଗ ଦିଅନ୍ତି । ଏହି ପିତା ପାଣି ଏତେ ଉତ୍କଟ ହୋଇଥାଏ ଏଥିରେ ମାଛସବୁ ମରି ଯାଆନ୍ତି କିମ୍ବା ଚେତାଶୂନ୍ୟ ହୋଇ ପାଣିରେ ଭାସନ୍ତି । ଏହାପରେ ଜୁଆଙ୍ଗମାନେ ଏହି ମଲା ମାଛକୁ ପାଣିରୁ ସଂଗ୍ରହ କରି ଏହାକୁ ସିଝେଇ କିମ୍ବା ପୋଡି ଖାଇଥାନ୍ତି ।

ମାଣ୍ଡିଆ ହେଉଛି ଜୁଆଙ୍ଗଙ୍କ ଆଉ ଏକ ପ୍ରମୁଖ ଖାଦ୍ୟ । ମାଣ୍ଡିଆରୁ ପ୍ରସ୍ତୁତ ଚୁନାରେ ମାଣ୍ଡିଆ ପେଜ ଜୁଆଙ୍ଗମାନେ ପିଇଦେଇ ଜଙ୍ଗଲ ଯାତ୍ରାରେ ବାହାରି ପଡନ୍ତି । ମାଣ୍ଡିଆ ଚୁନାରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠା ଏମାନଙ୍କ ପ୍ରିୟ ଖାଦ୍ୟ ।

ସୁଆଁଭାତ, ଜୁଆଣି- (ମକା) ଆଦି ଜୁଆଙ୍ଗମାନଙ୍କର ଖାଦ୍ୟ । ସୁଆଁ ଘାସର ମଞ୍ଜିକୁ ସଂଗ୍ରହ କରି ସେମାନେ ସୁଆଁ ଭାତ ପ୍ରସ୍ତୁତ କରନ୍ତି ।

ଜୁଆଣି (ମକା)ରୁ ସେମାନେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରନ୍ତି । ମକାକୁ ପୋଡିକରି ଖାଆନ୍ତି । ମକାକୁ ଗୁଣ୍ଡ କରି ମକାପିଠା (ଜୁଆଣି ଅଲାକ) ପ୍ରସ୍ତୁତ କରନ୍ତି । ମକା ଗୁଣ୍ଡରେ ଜାଉ ବା ପେଜ କରି ଖାଆନ୍ତି, ଯାହାକୁ ଜୁଆଣି ପେଜ୍ କହନ୍ତି । ଲୁଣ ଓ କଞ୍ଚା ଲଙ୍କା ଲଗାଇ ସେମାନେ ମାଣ୍ଡିଆ ଜାଉକୁ ମହା ଆନନ୍ଦରେ ଖାଇ ପାରନ୍ତି । ଆମ କୋଇଲି ଗୁଣ୍ଡ, ସଲପ ଗଛ ଗଣ୍ଡିର ଶସ, ପାହାଡିଆ କନ୍ଦା, ବଣୁଆ କୋଳି ମଧ୍ୟ ଜୁଆଙ୍ଗମାନେ କାଆନ୍ତି ।

ଜୁଆଙ୍ଗମାନେ ବିରି ଓ ଚାଉଳକୁ ସିଝାଇ ବିରିଭାତ ପ୍ରସ୍ତୁତ କରନ୍ତି । ପ୍ରଥମେ ଚାଉଳକୁ ହାଣ୍ଡିରେ ଗରମ ପାଣିରେ ଫୁଟେଇ ଭାତ ପ୍ରସ୍ତୁତ କରାଯାଏ ଏବଂ ଏହି ଭାତରେ ବିରି ପକାଇ ସିଝାଯାଏ । ଚାଉଳ ଏବଂ ବିରି ସିଝିଗଲା ପରେ ବିରି ଭାତ ପ୍ରସ୍ତୁତ ହୋଇଯାଏ । ଏଥିରେ ଲୁଣ, ମରିଚ ପକେଇ ଜୁଆଙ୍ଗମାନେ ଖାଆନ୍ତି ।

କୋଳଥ ଭାତ ଜୁଆଙ୍ଗମାନଙ୍କର ଆଉ ଏକ ପ୍ରକାର ଖାଦ୍ୟ । ଏହାର ପ୍ରସ୍ତୁତ ପ୍ରଣାଳୀ ମଧ୍ୟ ବିରି ଭାତ ଭଳି । ଚାଉଳ ଓ କୋଳଥକୁ ମିଶେଇ ଗରମ ପାଣିରେ ସିଝେଇ ଭାତ ପ୍ରସ୍ତୁତ କରାଯାଏ । ଆମ୍ବ ଟାକୁଆରୁ ପ୍ରସ୍ତୁତ ପିଠା (ଅଲାକ୍) ମଧ୍ୟ ଜୁଆଙ୍ଗମାନଙ୍କର ପ୍ରିୟ ଖାଦ୍ୟ ।

'ମଦ'କୁ ବାଦଦେଇ ଜୁଆଙ୍ଗଙ୍କ ଜୀବନଶୈଳୀ କଥା ଚିନ୍ତା କରିହେବନି । ଦିନଯାକ କଠିନ ପରିଶ୍ରମ କରି ସନ୍ଧ୍ୟାରେ ଘରକୁ ଫେରିବା ପରେ ଜୁଆଙ୍ଗଟିଏ ଟିକେ ହାଣ୍ଡିଆ କିମ୍ବା ମହୁଲି ପିଇଦେଲେ ନିଜର ସବୁ ଦୁଃଖଯନ୍ତ୍ରଣା ଭୁଲି ଯାଇଥାଏ । ବିବାହ, ଯାନିଯାତରା ଓ ପର୍ବପର୍ବାଣୀମାନଙ୍କରେ ମଦ ହିଁ ସେମାନଙ୍କର ମୁଖ୍ୟ ପାନୀୟ ପାଲଟିଯାଏ । ସନ୍ଧ୍ୟାରେ ଉଭୟ ଜୁଆଙ୍ଗ କଂଗେର, ସେଲାନମାନେ ମଦ ପାନ କରି ନାଚ, ଗୀତରେ ମାତି ଉଠନ୍ତି । ବୁଢା, ବୁଢୀମାନେ ମଦ ପିଇ ପିଲାମାନଙ୍କର ନାଟ, ତାମସା ଦେଖନ୍ତି. ଜୁଆଙ୍ଗମାନେ ହାଣ୍ଡିଆ, ମହୁଲି, ଭଳି ବିଭିନ୍ନ ପ୍ରକାର ମଦ ପାନ କରିଥାନ୍ତି । ଜୁଆଙ୍ଗମାନେ ବିଭିନ୍ନ ପ୍ରକାର ମଦ ବ୍ୟବହାର କରିଥାନ୍ତି । ସେଗୁଡିକ ହେଲା- ମହୁଲି ମଦ, ହାଣ୍ଡିଆ, ଜୁଆଣି ମଦ, ଜିଈାରି ମଦ, ଖଜୁରୀ ମଦ, ସଲପ ମଦ ଆଦି ।

ମଦ ବ୍ୟତୀତ ଜୁଆଙ୍ଗମାନେ ଧୂଆଁପତ୍ରକୁ ନିଶା ପାଇଁ ବ୍ୟବହାର କରିଥାନ୍ତି । ଜୁଆଙ୍ଗମାନେ ତଇଲାରେ ଧୂଆଁପତ୍ର ଚାଷ କରିଥାନ୍ତି । ଶାଳପତ୍ର କିମ୍ବା କେନ୍ଦୁପତ୍ରରେ ଧୂଆଁପତ୍ରର ଗୁଣ୍ଡକୁ ଗୁଡେଇ ବିଡି ପ୍ରସ୍ତୁତ କରନ୍ତି । ଯେତେବେଳେ ଜୁଆଙ୍ଗ ଘରକୁ କେହି ଅତିଥି ଆସନ୍ତି ସେମାନଙ୍କୁ କିଛି ଧୂଆଁପତ୍ର ଓ ଶାଳପତ୍ର ଦେଇ ଅତିଥି ସତ୍କାର କରାଯାଇଥାଏ । ଉଭୟ ପୁରୁଷ ଓ ମହିଳାମାନେ ଧୂଆଁପତ୍ର ଟାଣନ୍ତି ।

ଜୁଆଣି (ମକା),ମାଣ୍ଡିଆ (କୁଦୁ), ବାଜରା (ଜିଈାରି), ଗହମ (ଗଅମ୍), ଚଣା, (ଚେନା), ହରଡ (ସେଣାଏ), ଧାନ (ବୁଆ), ବିରି (ସୁଲିର୍), ବରୁଗୁଡି (କାଳାର/ରୁମା),ସୁଆଁ (କାଙ୍ଗୁ), ରାଶି (ରାମତିଲା) ଭଳି ଶସ୍ୟକୁ ନେଇ ଜୁଆଙ୍ଗ ସମାଜରେ ବହୁ ବହୁ ପହଲି ପ୍ରଚଳିତ । ମକା ଗଛ ଡେଙ୍ଗା ହୋଇ ବଢ଼ିଥାଏ । ଗଛଟି ପତ୍ରମାନଙ୍କ ଦ୍ୱାରା ଆବୃତ ହୋଇ ରହିଥାଏ । ଜଣେ ବୁଢ଼ା କମ୍ବଳ ଘୋଡ଼େଇ ହେଲା ଭଳି ମକାଗଛଟି ପରସ୍ତ ପରସ୍ତ କରି ନିଜ ପତ୍ର ଦ୍ୱାରା ବେଷ୍ଟିତ ହୋଇଥାଏ

''ସାତପୁର କମ୍ବଳ ଡାନ୍‌ଚେରେ''
ଅର୍ଥ : ସାତ ପରସ୍ତ କମ୍ବଳ ଘୋଡ଼ି ହୋଇଛି
ଉତ୍ତର : ମକା

**ମହୁଲ ଗଛ :** ମହୁଲ ମଞ୍ଜି ଓ ମହୁଲ ଫୁଲକୁ ଛାଡ଼ିଦେଲେ ଜୁଆଙ୍ଗମାନଙ୍କ କଥା ଚିନ୍ତା କରିହେବନି । ମହୁଲ ଗଛ ଜୁଆଙ୍ଗମାନଙ୍କ ପାଇଁ ଏକ ଦେବ ବୃକ୍ଷ ତୁଲ୍ୟ । ଜୁଆଙ୍ଗମାନେ ଏହି ଗଛକୁ ପୂଜା କରିଥାନ୍ତି । ଏହାର ମଞ୍ଜି (ଟୋଲା)ରୁ ପ୍ରସ୍ତୁତ ତେଲ ଦ୍ୱାରା ଜୁଆଙ୍ଗ ରମଣିଟି ତାର ମୁଣ୍ଡର କେଶ ବିନ୍ୟାସ କରିବା ସହ ଖୋସା (ଜୁଡ଼ା)କୁ ସଜାଡ଼ିଥାଏ । ଜୁଆଙ୍ଗ ଯୁବତୀଟି ତାର ଆକର୍ଷଣୀୟ ଜୁଡ଼ା ମାଧ୍ୟମରେ ଯୁବକକୁ ପ୍ରେମ ନିବେଦନ କରିଥାଏ । ପୁଣି ମଧ୍ୟ ମହୁଲ ଫୁଲରୁ ପ୍ରସ୍ତୁତ 'ମହୁଲି ମଦ' ଜୁଆଙ୍ଗମାନଙ୍କର ଏକ ସିଦ୍ଧ ପାନୀୟ । ପ୍ରତ୍ୟେକ ପର୍ବପର୍ବାଣିରେ ଜୁଆଙ୍ଗମାନେ ନିଜର ପୂର୍ବପୁରୁଷ ଓ ଦେବଦେବୀଙ୍କୁ ମହୁଲି ମଦ ଉତ୍ସର୍ଗ କରିବା ପରେ ନିଜେ ପାନ କରିଥାନ୍ତି । ଏହାକୁ ନେଇ 'ଜୁରିପକା' (ମହୁଲି ଦାନ) ନାମରେ ଏକ କାର୍ଯ୍ୟକ୍ରମ ରହିଛି । ତେବେ ସେହି ମହୁଲ ଫୁଲକୁ ନେଇ ଏକ ଚମତ୍କାର ପହଳିଟିଏ ରହିଛି ।

''ଆଲିଙ୍ଗା ଆୟାକ୍ ତୋ ଲକା ସୁପୁର''
ଅର୍ଥ : ଉପରେ ବସା, ତଳେ ଅଣ୍ଡା
ଉତ୍ତର : ମହୁଲଫୁଲ

## ୬. କ୍ରିୟାତ୍ମକ ଅଭିବ୍ୟକ୍ତି ଭିତ୍ତିକ

ଜୁଆଙ୍ଗମାନଙ୍କ ନିତି ଦିନିଆ ଜୀବନ ଓ ନାନା ପ୍ରକାର କାର୍ଯ୍ୟକଳାପ ପହଳିରେ ସ୍ଥାନ ପାଇଥାଏ । ଘର ଝାଡୁ କରିବା (ଇଞ୍ଜ୍ୟା ଜଗେ), ଶୋଇବା (ଲେବେରେ), ପାଛୁନିବା (ଗୁଙ୍ଗେ), ଗଛ ଚଢ଼ିବା (ସୁମୁସିଂ ଡାଞ୍ଜ୍ୟା), ଖେଳିବା (ନେବଡମା) ଆଦି କ୍ରିୟାତ୍ମକ ଅଭିବ୍ୟକ୍ତିକୁ ନେଇ ଜୁଆଙ୍ଗମାନଙ୍କର ବହୁ ପହଳି ରହିଛି ।

ଚୁଲିରେ ନିଆଁ ଜଳୁଛି ଏବଂ ଭାତ ହାଣ୍ଡି ବସିଛି । ଏଭଳି ଭାବ ନେଇ ଜୁଆଙ୍ଗଟିଏ ସୃଷ୍ଟିକରୁଛି ଏକ ଚମତ୍କାର ପହଳି 'କାଳି ବସିଛି, ଗୋରୀ ନାଚୁଛି' । ଏଠାରେ ମାଟିହାଣ୍ଡିକୁ କାଳୀ ଝିଅ ସହ ତୁଳନା କରାଯାଇଥିବାବେଳେ ନିଆଁକୁ ଗୋରୀ ଝିଅ ସହ ତୁଳନା କରାଯାଇଛି । ଗୋରୀ ଓ କାଳୀ ଦୁଇଟି ବଳିଷ୍ଠ ରୂପକଳ୍ପ ।

''କାଳିଆ ରାଏ ଡୋକୋ ସେରେ
ବିଲିମ୍ ଡାଏ କିଜ୍‌କେ''
ଅର୍ଥ : କାଳି ବସିଛି, ଗୋରୀ ନାଚୁଛି
ଉତ୍ତର : ଚୂଲିରେ ବସିଥିବା ମାଟି ହାଣ୍ଡି ଓ ନିଆଁ ଜାଳିବା ଦୃଶ୍ୟ ।

ଜୁଆଙ୍ଗ ରମଣୀଟି ମୁଣ୍ଡରେ କଳସୀ ଧରି ନିକଟସ୍ଥ ଝରଣାରୁ ପାଣି ଆଣୁଥିବାର ଦୃଶ୍ୟ କେଉଁ ଭାବୁକକୁ ଆନମନା ନ କରିବ ? ଭାବୁକ, କବି, ଚିତ୍ରଶିଳ୍ପୀ ଓ ସ୍ରଷ୍ଟା ଆଦିବାସୀ ରମଣୀଙ୍କୁ ନେଇ ନିଜନିଜ କବିତା ଓ ଚରିତ୍ରରେ ଅନେକ ସୃଷ୍ଟି ସର୍ଜନା କରିଯାଇଛନ୍ତି । ଜୁଆଙ୍ଗମାନେ ବା ବାଦ୍ ପଡ଼ିବେ କିପରି ? ମୁଣ୍ଡରେ କଳସୀ ଧରି ଠିଆ ହୋଇଥିବା ଜଣେ ଜୁଆଙ୍ଗ ଯୁବତୀକୁ ଖୁଣ୍ଟରେ ବସିଥିବା ନିଟି ଚଢ଼େଇ ସହ ତୁଳନା କରାଯାଇଛି ।

''କୁଣ୍ଟଆ ଟେରେଜ ଡୋକସେରେ''
**ଅର୍ଥ :** ଖୁଣ୍ଟରେ ବସିଛି ନିଟି ଚଢ଼େଇ
**ଉତ୍ତର :** ମୁଣ୍ଡରେ କଳସୀ ଧରି ଠିଆ ହୋଇଥିବା ଜଣେ ଜୁଆଙ୍ଗ ନାରୀ

କୁକୁର ଲାଞ୍ଜଟି ସବୁବେଳେ ହଲହଲ ହେଉଥାଏ ହେଉଥାଏ । ଏମିତିକି କୁକୁର ଶୋଇଥିବା ଅବସ୍ଥାରେ ମଧ୍ୟ ଲାଞ୍ଜଟି ସ୍ଥିର ନଥାଏ । ଜୁଆଙ୍ଗଟିଏ ଭାବନାରେ ମଗ୍ନ ରହୁଛି । ରାଜାଘରୁ ଭାର ଯାଉଛି । ଯୁବକଟିଏ ରାଜାଘର ଭାରକୁ ନିଜ କାନ୍ଧରେ ବୋହିକରି ନେଉଛି । ମାତ୍ର ଏହି ଭାର (ବାହୁଙ୍ଗି)ଟି ଭାରି ଦୋହଲୁଥିବାରୁ ବିଚରା ଜୁଆଙ୍ଗ ଯୁବକଟି ଅସ୍ତବ୍ୟସ୍ତ ହୋଇପଡୁଛି । ରାଜାର ଭାର ଦୋହଲୁଥିବା ଘଟଣାକୁ ନେଇ ଯେଉଁ ପହଲି ରହିଛି ତାହାର ଉତ୍ତର ହେଉଛି କକୁର ଲାଞ୍ଜ ।

''ରାଜା ବାରର ଉଇଣ୍ଡେ ଉଇଣ୍ଡେ''
**ଅର୍ଥ :** ରଜାର ଭାର ଦୋହଲୁଥାଏ
**ଉତ୍ତର :** ହଲହଲ ହଉଥିବା କୁକୁର ଲାଞ୍ଜ

## ଜୁଆଙ୍ଗ ପହଳିର ବିଶେଷତ୍ୱ :

ଜୁଆଙ୍ଗମାନେ ବ୍ୟବହାର କରୁଥିବା ପହଳିଗୁଡ଼ିକର ଭାଷା ଅତି ସରଳ ଓ ଆକର୍ଷଣୀୟ । ବାକ୍ୟଗୁଡ଼ିକ ଖୁବ୍ ସଂକ୍ଷିପ୍ତ ଓ ଶାଣିତ । ଅଧିକାଂଶ କ୍ଷେତ୍ରରେ ବକ୍ତବ୍ୟ ସିଧାସଳଖ ଭାବେ ଉପସ୍ଥାପିତ ହୋଇଥାଏ । ଏଗୁଡ଼ିକ ସ୍ଥାନେସ୍ଥାନେ ଗଭୀର ଭାବ ଉଦ୍ରେକକାରୀ । ରୂପକ ଓ ଚିତ୍ରକଳ୍ପର ପ୍ରୟୋଗ ଜୁଆଙ୍ଗମାନଙ୍କ ପହଳିକୁ ଅଧିକ କାବ୍ୟିକ କରିଥାଏ । ବସ୍ତୁ ଓ ଚରିତ୍ରର ଆକୃତି, ବର୍ଣ୍ଣ, ସ୍ୱାଦ, ଗୁଣ, ଆଚରଣ ପହଳିଗୁଡ଼ିକରେ ଚିତ୍ରିତ ହୋଇଥାଏ ।

ଏହି ପହଳି ମାଧ୍ୟମରେ ଜୁଆଙ୍ଗ ଜୀବନର ବହୁ ବିରଳ ଘଟଣା ଓ ଦୃଶ୍ୟ ପ୍ରତିଫଳିତ ହୋଇଥାଏ । ଉଦାହରଣସ୍ୱରୂପ :

**''ମୁଇଣ୍ଡୋ ସେଲାନ୍‌ଜି, ନୁନୁ ଏଗୋଟା''**
**ଅର୍ଥ :** ଝିଅ ଗୋଟିଏ, ସ୍ତନ ତିନୋଟି
**ଉତ୍ତର :** ଚୁଲି

ଜୁଆଙ୍ଗମାନଙ୍କ ଏହି ପହଳି ମାଧ୍ୟମରେ ସେମାନଙ୍କ ନିତି ଦିନିଆ ଜୀବନଯାତ୍ରା ଓ ପରିବେଶ ଚିତ୍ରର ଅବତାରଣା ରହିଥାଏ । ଘର ଝାଡୁ କରିବା (ଇଞ୍ଜ୍ୟା ଜଗୋ), ଶୋଇବା(ଲେବେରେ), ପାଛୁଡ଼ିବା (ଗୁଙ୍ଗେ), ଗଛ ଚଢ଼ିବା (ସୁମୁସିଂ ତାଞ୍ଜ୍ୟା), ଖେଳିବା (ନେବଡମା) ଆଦି କ୍ରିୟାତ୍ମକ ଅଭିବ୍ୟକ୍ତି ମାଧ୍ୟମରେ ଜୁଆଙ୍ଗମାନଙ୍କର ବହୁ ପହଳି ରହିଛି । ପହଳିଗୁଡ଼ିକର ଚରିତ୍ର ଭାବେ ବୁଢ଼ିଆଣୀ, ମକା, ସୂର୍ଯ୍ୟ, ଚନ୍ଦ୍ର, ତାରା, ବେଙ୍ଗ, ସାପ, ପିମ୍ପୁଡ଼ି, ପଣସ, ଶିଳପୁଆ, ମାଣ ଛତାବେଣ୍ଟ, ଧନୁଶରଠାରୁ ଆରମ୍ଭ କରି ଚୁଲି, ଶିଆଳି ଫଳ, ରାଜା, ରାଣୀ ପର୍ଯ୍ୟନ୍ତ ସମସ୍ତେ ଉପସ୍ଥାପିତ ହୋଇଥା'ନ୍ତି । ଉପମା, ରୂପକ ଓ ଚିତ୍ରକଳ୍ପ ପ୍ରୟୋଗରେ ଜୁଆଙ୍ଗ ପହଳିମାନଙ୍କରେ ବହୁ ନୂତନତ୍ୱ ଲକ୍ଷ୍ୟ କରାଯାଏ । ଯଥା-

''କାଳିଆ ରାଏ ତୋକୋ ସେରେ
ବିଲିମ୍ ଡାଏ କିଜ୍‌କେ''
**ଅର୍ଥ :** କାଳି ବସିଛି, ଗୋରୀ ନାଚୁଛି
**ଉତ୍ତର :** ଚୂଲିରେ ବସିଥିବା ମାଟି ହାଣ୍ଡି ଓ ନିଆଁ ଜଳିବା ଦୃଶ୍ୟ

ଏଠାରେ ମାଟିହାଣ୍ଡିକୁ କାଳୀ ଝିଅ ସହ ତୁଳନା କରାଯାଇଥିବାବେଳେ ନିଆଁକୁ ଘୋରୀ ଝିଅ ସହ ତୁଳନା କରାଯାଇଛି । ଗୋରୀ ଓ କାଳୀ ଦୁଇଟି ରୂପକଳ୍ପ । ସେହିଭଳି

''ମାମୁଆଁ ଇଞ୍ଜ୍ୟାରା ମୁଇଁଣ୍ଡୋ ଅଲେକ୍
ମେସାରଜ୍ ମୁଇଁ ଜେନା''
**ଅର୍ଥ :** ମାମୁଁ ଘରେ ଗୋଟେ ଗାଈ, ରାତି ପାହିଲେ ମୋଟେ ନାଇଁ
**ଉତ୍ତର :** ତାରା

ବିଶାଳ ଆକାଶକୁ ମାମୁଁ ଘର ଗାଈ ଗୋଠ ସହ ତୁଳନା କରାଯାଇଛି । ତାରାମାନେ ହେଉଛନ୍ତି ଏହି ଗାଈଗୋଠରେ ବନ୍ଧା ଯାଇଥିବା ଗାଈ । ସକାଳ ହେଲାମାତ୍ରେ ଗାଈମାନଙ୍କୁ ଖୋଲି ଦେବାପରେ ସେମାନେ କେଉଁଆଡ଼େ ଅଦୃଶ୍ୟ ହୋଇଯାଉଛନ୍ତି । ଗାଈ ସହିତ ତାରାମାନଙ୍କର ତୁଳନା ଚମତ୍କାର ଓ ଅନନ୍ୟ ।

ତେବେ ଜୁଆଙ୍ଗମାନଙ୍କର ଏଭଳି ଏକ ଲୋକ ସଂସ୍କୃତି ଓ ପରମ୍ପରା ଆଜି ବିପନ୍ନ ।ପର୍ବପର୍ବାଣି ହେଉ କି ବିଭାଘର, ଯାନିଯାତରା ପାଳନବେଳେ ଜୁଆଙ୍ଗ ଯୁବକ, ଯୁବତୀ ମିଳିମିଶି ଚାଙ୍ଗୁ ବଜେଇ ନାଚଗୀତ କରୁଥିଲେ । ଢ଼ଗଢ଼ମାଳି ଓ ପହଲି ମାରୁଥିଲେ । ଦୁର୍ଭାଗ୍ୟ, ଆଜି ଏହି ପହଲି ଗାଇବା ପାଇଁ ଗାଁରେ କଙ୍ଗେର୍ (ଯୁବକ) ଓ ସେଲାନ୍ (ଯୁବତୀ)ମାନଙ୍କର ଦେଖାଦର୍ଶନ ମିଳୁନି । ଏଭଳି ପାରମ୍ପରିକ ଗୀତ ଗାଇ ଓ ପହଲି ବୋଲି ସମୟ ନଷ୍ଟ କରିବାକୁ ଆଜିର ତଥାକଥିତ ଆଧୁନିକ ଓ ଶିକ୍ଷିତ ଯୁବବର୍ଗ ପସନ୍ଦ କରୁନାହାନ୍ତି । ତଥାକଥିତ ମିଛ ଆଧୁନିକତାର ପ୍ରଭାବରେ ଏସବୁ ଲୋକ ପରମ୍ପରା ଆଜି ମୂଲ୍ୟହୀନ ହୋଇପଡ଼ିଛି । ଏହାର ସୁରକ୍ଷା ଓ ସଂରକ୍ଷଣ ଜରୁରୀ ନୁହେଁକି ?

**ପହଲି ସଂଗ୍ରହ ଉତ୍ସ:**

ପୁସ୍ତକ : 'ଜୁଆଙ୍ଗ ପର୍ବପର୍ବାଣି', ଲେଖକ - ରଂଜନ ପ୍ରଧାନ, ପ୍ରକାଶକ : କ୍ରିଏଟିଭ୍ ଓଡ଼ିଶା, କେନ୍ଦ୍ରାପଡ଼ା (୨୦୧୪)

**ସହାୟକ ଗ୍ରନ୍ଥସୂଚୀ :**

- 'ଉତ୍କଳ ପ୍ରହେଳି ଓ ପହଲି', ପ୍ରାଧ୍ୟାପକ ଲକ୍ଷ୍ମଣ କୁମାର ପରିଡ଼ା, ୧୯୯୩
- ଐତିହ୍ୟ, ସଂସ୍କୃତି ଓ ପର୍ଯ୍ୟଟନ: କେନ୍ଦୁଝର, ଲେଖକ : ରଂଜନ ପ୍ରଧାନ, ପ୍ରକାଶକ : କ୍ରିଏଟିଭ୍ ଓଡ଼ିଶା, କେନ୍ଦ୍ରାପଡ଼ା (୨୦୧୨)

# ମାହାଲି ଜନଜାତିର ସଂକ୍ଷିପ୍ତ ପରିଚୟ

- ଡକ୍ଟର ଦମୟନ୍ତୀ ବେଶ୍ରା

ଆଦିବାସୀମାନେ ଆଦିମ ଅଧିବାସୀ ଏହା ସର୍ବଜନବିଦିତ । ମାତ୍ର ସମ୍ପ୍ରତି କିଛି ଗବେଷକ ଭାରତବର୍ଷର କେତୋଟି ଆଦିବାସୀ ଗୋଷ୍ଠୀକୁ ପ୍ରାଚୀନତମ ଆଖ୍ୟା ଦେବାରେ ତତ୍ପର । ସେମାନଙ୍କ ଦୃଷ୍ଟିରେ ଯେଉଁମାନେ ଅନଗ୍ରସର ଅଥବା ଆଧୁନିକ ସଭ୍ୟତାର ଦୌଡ଼ରେ ପଛରେ ରହିଯାଇଛନ୍ତି ପ୍ରାଚୀନତମ । ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ତାଙ୍କୁ ଅଧିକ ସୁବିଧା ସୁଯୋଗ ଦେବାପାଇଁ ଏକ ଚିହ୍ନଟ ପ୍ରକ୍ରିୟା ଭାବରେ ହୁଏତ ଏହି ଆଖ୍ୟା ଯଥାର୍ଥ ହୋଇପାରେ, ଅନ୍ୟଥା ପ୍ରାଚୀନତମ ଶବ୍ଦଟି ସମସ୍ତ ଆଦିବାସୀ ଗୋଷ୍ଠୀପାଇଁ ପ୍ରଯୁଜ୍ୟ । କାରଣ ଇତିହାସ କହେ ଆଦିବାସୀମାନେ ଆର୍ଯ୍ୟମାନଙ୍କର ଆଗମନ ପୂର୍ବରୁ ଏ ଭୂମିରେ ବସତିସ୍ଥାପନ କରି ସାରିଥିଲେ । ତେଣୁ ଭାଷାଠାରୁ ଆରମ୍ଭ କରି ବିଭିନ୍ନ କର୍ମକାଣ୍ଡ ତଥା ଧର୍ମୀୟ ଆଚରଣରେ ସେମାନେ ଆର୍ଯ୍ୟଗୋଷ୍ଠୀଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସେମାନଙ୍କର ନିଜସ୍ୱ ଭାଷା ଅଛି ଯାହା ଆର୍ଯ୍ୟଭାଷା ସହିତ ମେଳଖାଏ ନାହିଁ । କେବଳ ଭାରତ ନୁହେଁ, ନେପାଳ ଏବଂ ବାଂଲାଦେଶରେ ବସତି ସ୍ଥାପନ କରୁଥିବା ସେଭଳି ଏକ ଆଗ୍ନେୟ ଭାଷା ପରିବାରର ଆଦିବାସୀ ଗୋଷ୍ଠୀ ହେଉଛି ମାହାଲି । ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ସଂଯୋଗାଞ୍ଚଳରେ ଏମାନେ ଅନାଦିକାଳରୁ ବସବାସ କରି ଆସୁଛନ୍ତି । ଭାରତବର୍ଷରେ ସେମାନଙ୍କର ବସତି ମୁଖ୍ୟ ଭାବରେ ଝାଡ଼ଖଣ୍ଡର ଛୋଟନାଗପୁର ଅଞ୍ଚଳ, ରାଞ୍ଚି, ଗୁମଲା, ସାନ୍ତଲପ୍ରଗଣା, ପୂର୍ଣ୍ଣିୟା, ପଶ୍ଚିମସିଂହଭୂମ, ପୂର୍ବ ସିଂହଭୂମ, ଷଢ଼େଇକଳା ଖରସୁଆଁ ଏବଂ ଧାନବାଦ ଜିଲ୍ଲାରେ, ପଶ୍ଚିମବଙ୍ଗର ଜଳପାଇଗୁଡ଼ି, ପଶ୍ଚିମ ମେଦିନୀପୁର, ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼ ଓ ଆସାମର ଚା ବଗାନ ଏବଂ ବାଂଲାଦେଶର ରାଜସାହି, ଅବିରପାଳା, ମାଟିନ୍ଦର, ମୁଣ୍ଡୁମାଲା, ପାଞ୍ଚନଡ଼ର ମାନଙ୍କରେ ଦେଖିବାକୁ ମିଳେ । ସଂଖ୍ୟାତ୍ମକ ଦୃଷ୍ଟିକୋଣରୁ ସେମାନଙ୍କର ଜନସଂଖ୍ୟା ପ୍ରାୟ ଦୁଇଲକ୍ଷ ଅଠସ୍ତରୀ ହଜାର । ମାହାଲିମାନେ ଅଧିକାଂଶତଃ ସାନ୍ତଳୀ ଭାଷା କହୁଥିଲେହେଁ କେତେକ ସ୍ଥାନରେ ସାଦ୍ରି ଏବଂ ମୁଣ୍ଡାରୀ ଭାଷା କହୁଥିବାର ଦେଖାଯାଏ । ମାହାଲି ଭାଷା ରହିଥିବାର ମଧ କେହି କେହି ମତବ୍ୟକ୍ତ କରନ୍ତି ।

ମାହାଲି ଜାତିର ପାଞ୍ଚଗୋଟି ବିଭାଗ ରହିଛି । ସେଗୁଡ଼ିକ ହେଲା-ବାଁଶପାହାଲ ମାହାଲି, ପାଟାର୍ ମାହାଲି, ସୁଲୁଂଖି ମାହାଲି, ତନ୍ତି ମାହାଲି ଏବଂ ମୁଣ୍ଡା ମାହାଲି । ଏହିସବୁ ବିଭାଗ ପୁଣି କେତେଗୁଡ଼ିଏ ଗୋତ୍ରରେ ବିଭାଜିତ । ସେଗୁଡ଼ିକ ମଧ୍ୟରେ ପ୍ରମୁଖ ହେଲା-ବେଶ୍ରା, ହାଁସଦା, ହେମ୍ବ୍ରମ୍, କିସ୍କୁ, ମାଣ୍ଡି, ମୁର୍ମୁ, ସରେନ୍, ଟୁଡୁ, ବଣେ, ସାମା, ପିଲ୍‌ହି, ଖାଙ୍ଗାର ଆଦି । ମାଣ୍ଡି ପରି କେତୋଟି ଗୋତ୍ରରେ 'ସାଦା' ଏବଂ 'ମୁଣ୍' ଭାବରେ ଦୁଇଟି ବିଭାଜନ ରହିଛି । 'ମୁଣ୍' ଉପଗୋତ୍ର ମାନେ ବିବାହ ସମୟରେ ହଳଦୀରେ ରଙ୍ଗାୟିତ ବସ୍ତ୍ର ପିନ୍ଧିଥିବା ବେଳେ 'ସାଦା' ଉପଗୋତ୍ରର ବରବଧୂ ବିନା ହଳଦୀରେ ସାଦା ବସ୍ତ୍ର ଧାରଣ କରନ୍ତି । ପ୍ରତିବେଶୀମାନଙ୍କ ଠାରେ ସବାରି ବାହକ ଏବଂ ବାଉଁଶ ଜାତ ଦ୍ରବ୍ୟର ନିର୍ମାତା ଭାବରେ ଏମାନେ ବେଶ୍ ଜଣାଶୁଣା । ମାହାଲିମାନେ ଏକ ସୁସଙ୍ଗଠିତ ସମାଜରେ ବାସ କରନ୍ତି । ଅନ୍ୟାନ୍ୟ ଆଦିବାସୀ ସମାଜ ପରି ଏମାନଙ୍କର ଗ୍ରାମ୍ୟ ବ୍ୟବସ୍ଥା ରହିଛି । 'ମାଝୀ' ହେଉଛି ତାଙ୍କର ଗ୍ରାମ୍ୟ ମୁଖ୍ୟ, 'ଗଡ଼େତ୍' ଉପମୁଖ୍ୟ ଏବଂ ଗ୍ରାମ୍ୟକାମରେ ତାଙ୍କୁ ସହାୟତା କରିବା ପାଇଁ କେତେଜଣ 'ପାରାନିକ୍' ମଧ ବଛା ଯାଇଥାଆନ୍ତି । ସେମାନେ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମରେ ସଂଘଟିତ ହେଉଥିବା ପାରିବାରିକ ତଥା ସମୂହ କାର୍ଯ୍ୟକୁ ତଦାରଖ କରିଥାଆନ୍ତି । ଏଥିପାଇଁ ତାଙ୍କୁ କିଛି ପାଉଣା ମିଳେ ନାହିଁ । ସେମାନେ କେବଳ ସମସ୍ତଙ୍କଠାରୁ ସମ୍ମାନ ପାଆନ୍ତି ଏବଂ ବିବାହପରି କେତେକ ଅବସରରେ ତାଙ୍କୁ ନୂତନ ବସ୍ତ୍ର ମିଳେ ।

ବାଉଁଶ କାମରେ ସେମାନେ ସିଦ୍ଧହସ୍ତ ହୋଇଥିବାରୁ ତାଙ୍କର ଜାତିର ନାମ 'ମାହାଲି' ହୋଇଛି ବୋଲି କେହି କେହି ମତବ୍ୟକ୍ତ କରନ୍ତି-Mahali has been orginated from two words: 'Mah' means bamboo and 'Ali' means specialised. Etymologically the word 'Mahali' indicates, those who are specialised in bamboo work. They are also known as traditional bamboo workers. - encyclopaedic Profile of Indian Tribes, Vol.I, Page-398 ଘରେ ବ୍ୟବହାର ଉପଯୋଗୀ ସରଞ୍ଜାମ ଯଥା-ଡାଲା, କୁଲା, ଭରଣୀ, ଟୁପ୍ ଲା, ଖଞ୍ଚି, ମରେଇ, ବାଲା, ଠେକା, ପାଛିଆ, ଚାଙ୍ଗୁଡ଼ି, ମାଛଧରା ଝିମ୍ପିରି ଓ ପଟା, ଚାଞ୍ଚଡା ଆଦିକୁ ସୁନ୍ଦର ଭାବରେ ତିଆରି କରିବାରେ ସେମାନେ ମହାରଥ ହାସଲ କରିଥାଆନ୍ତି । ବିଶେଷକରି ମହିଳା ମାନେ ଏହି କର୍ମରେ ସୁନିପୁଣା । ସେସବୁ ନିର୍ମିତ ବସ୍ତୁକୁ ହାଟକୁ ନେଇ ବିକିବା କ୍ଷେତ୍ରରେ ମଧ୍ୟ ମହିଳାମାନେ ପାରଙ୍ଗମ । ଜନଶ୍ରୁତି ଅନୁସାରେ ମାହାଲି ମାନେ ସାନ୍ତାଳ ଜନ ଜାତିର ଅଂଶ ବିଶେଷ-Risley conjuctured that the mahalis are branch of the Santal Tribe. The totems of the Mahalis and Santals generally agree with one another. - Gazetteer of India, Orissa, Mayurbhanj-p.125, 1697. କିନ୍ତୁ, ବାଉଁଶ କାମକୁ କୌଳିକ ବୃତ୍ତି ଭାବରେ ସେମାନେ ଗ୍ରହଣ କରିବାରୁ ମୂଳ ଗୋଷ୍ଠୀଠାରୁ ଅଲଗା ହୋଇଛନ୍ତି । ଅନୁରୂପ ଭାବରେ ମାହାଲି ମୁଣ୍ଡା ଗୋଷ୍ଠୀମାନେ ମୂଳତଃ ମୁଣ୍ଡା ଜନଜାତିର । ପାଟର୍ ମାହାଲି ଗୋଷ୍ଠୀମାନେ ଆର୍ଯ୍ୟ ଗୋଷ୍ଠୀକୁ ଅଲଗା ହୋଇଥିବାରୁ ମାନଭୂମର ଦକ୍ଷିଣପୂର୍ବ ଅଞ୍ଚଳରେ ଏମାନେ ଆଜସୁଦ୍ଧା, ତାଙ୍କର କର୍ମକାଣ୍ଡ ମାନଙ୍କରେ ବ୍ରାହ୍ମଣମାନଙ୍କୁ ନିଯୁକ୍ତ କରିବାର ଦେଖାଯାଏ । ସେମାନଙ୍କୁ ଛାଡ଼ିଦେଲେ ଅନ୍ୟଗୋଷ୍ଠୀର ସଂସ୍କାର କାର୍ଯ୍ୟରେ ବ୍ରାହ୍ମଣ ଲୋଡ଼ାଯାଏ ନାହିଁ । ଗ୍ରାମ୍ୟ ପଞ୍ଚର ସହଭାଗିତାରେ ସମସ୍ତ ପ୍ରକାରର ସଂସ୍କାର କର୍ମମାନ ସମ୍ପାଦନ କରାଯାଇଥାଏ ।

ବାଉଁଶ କାମ ଜୀବିକା ନିର୍ବାହର ମୂଳପନ୍ଥା ଯଦିବା ଏକ ସମୟରେ ମାହାଲି ମାନଙ୍କର ଥିଲା, କିନ୍ତୁ ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହଣ ସାଙ୍ଗକୁ କୃଷିକର୍ମରେ ମଧ୍ୟ ଏମାନେ ବେଶ ଧୁରନ୍ଧର । ଅନ୍ୟାନ୍ୟ ଅନୁ୍ୟନ୍ନତବର୍ଗର ଲୋକମାନଙ୍କ ପରି ଝାଟିମାଟିର ଘର କରି ଏମାନେ ରହିଥାଆନ୍ତି । କୃଷିକ୍ଷେତ୍ରରେ ଅଧିକ ସମ୍ପନ୍ନଥିବା ଲୋକ ଚାଳଛପର କରିଥାଏ ।

ପରିବାରରେ ନୂଆ ସଦସ୍ୟଟିଏ ଆସିବାର ଥିଲେ ଗର୍ଭବତୀ ମହିଳାର କିଛି ଅନିଷ୍ଟ ନ ଘଟୁବୋଲି ନାନା ପ୍ରକାରର କଟକଣା ମଧ୍ୟରେ ସ୍ତ୍ରୀ ଲୋକଟିକୁ ଗତି କରିବାକୁ ପଡ଼ିଥାଏ । 'ଝିମ୍ପିରି' କିମ୍ବା 'ରାବା' ପରି ଉପକରଣରେ ଧରା ହୋଇଥିବା ମାଛ ଖାଇବା ତାପାଇଁ ମନା । ଏହା ପଛରେ ଥିବା ଅବଧାରଣାଟି ହେଉଛି ସେହି ମାଛ ଖାଇଲେ ସ୍ତ୍ରୀ ଲୋକଟିର ପ୍ରସବ ଅଧିକ କଷ୍ଟହେବ । ଗର୍ଭାବସ୍ଥାରେ ଛୁଞ୍ଚିସୂତାରେ କିଛି ସିଲେଇ କରିବା ମଧ୍ୟ ତାପାଇଁ ମନା । ତାହା କଲେ ପିଲା ଅନ୍ଧ ହେବାର ବିଶ୍ୱାସ ରହିଛି । ସେହିପରି ସେ କୌଣସି ପ୍ରକାରର ପିଠା ପ୍ରସ୍ତୁତ କଲେ ଶିଶୁର ଓଠ ଖଣ୍ଡିଆ ହେବାର ଧାରଣା ରହିଛି । ଗର୍ଭାବସ୍ଥାରେ ପଣସ, ସପୁରୀ ଏବଂ ଆତଫଳ ମଧ୍ୟ ଦିଆଯାଏ ନାହିଁ । ଏସବୁ ଖାଇଲେ ଶିଶୁ କୁରୂପ ନେଇ ଜନ୍ମ ନେବାର ବିଶ୍ୱାସ ରହିଛି । ପ୍ରସବବେଳେ ଏବଂ ପରେ ମାଆ ଓ ଶିଶୁର ଯତ୍ନ ନେବାପାଇଁ ଧାଇବୁଢ଼ୀ ନିଯୁକ୍ତ କରାଯାଏ । ସେମାନେ ସାଧାରଣତଃ 'ହାଡ଼ି' ଜାତିର ହୋଇଥାଆନ୍ତି । ସେ ଶିଶୁର ନାହି କାଟେ । ପରମ୍ପରା ଅନୁସାରେ ନାହିଟିକୁ ଗୃହ ଅଗଣାରେ ହିଁ ପୋତାଯାଏ । ନବମ ଦିନରେ 'ଛାଟ୍ୟା'ର (purificatory bath) କର୍ମ କରାଯାଏ । ସେହିଦନିରେ ଏକ ଉତ୍ସବ ପାଳିତ ହୁଏ ଏବଂ ଶିଶୁ ଓ ଗ୍ରାମର ପୁରୁଷ ଲୋକମାନେ କ୍ଷଅର ହୁଅନ୍ତି । ଉଭୟ ପୁରୁଷ ଓ ମହିଳାମାନେ ନିକଟସ୍ଥ ଜଳାଶୟରେ ସ୍ନାନପରେ ତେଲ ଲଗାନ୍ତି ।

ସେହିଦିନ ଶିଶୁର ନାମକରଣ ହୁଏ ଏବଂ ଗ୍ରାମବାସୀ ତଥା ନିକଟ ସମ୍ପର୍କୀୟମାନଙ୍କୁ ହାଣ୍ଡିଆ ଓ ଭୋଜିଭାତ ଦିଆଯାଏ । ଧାଇବୁଢ଼ୀକୁ ତାର ସେବାପାଇଁ ନୂତନବସ୍ତ୍ର ସହିତ ଉପହାର ମିଳେ ।

ବିବାହ କ୍ଷେତ୍ରରେ ଉଭୟ ବାଲ୍ୟ ବିବାହ ଓ ବୟୋପ୍ରାପ୍ତ ପରେ ବିବାହ ପ୍ରଥା ପ୍ରଚଳିତ । ବିବାହ ପାଇଁ ପ୍ରସ୍ତାବ ସାଧାରଣତଃ ବରପକ୍ଷରୁ ଆସେ । ଏସବୁ କର୍ମରେ 'ରାୟବାର' (ମଧ୍ୟସ୍ଥ) କରିଥାଏ । ସେ ଝିଅ ଘରେ ପ୍ରସ୍ତାବ ରଖେ । ଝିଅପକ୍ଷ ରାଜି ହେଲେ ପୁଅପାଇଁ ଝିଅ ଦେଖା ଦିନ ଧାର୍ଯ୍ୟ କରେ । ପୁଅସହ ତାର ମାତାପିତା ଏବଂ କିଛି ନିକଟ ସମ୍ପର୍କୀୟ ମାନେ ଦେଖିବାକୁ ଯାଆନ୍ତି । ଝିଅଘରେ ତାଙ୍କୁ ପ୍ରଥମେ ହାଣ୍ଡିଆ ଦିଆଯାଏ । ସେହିଠାରେ ପ୍ରସ୍ତାବ ପଡ଼େ । ଝିଅପକ୍ଷ ରାଜି ହେଲେ ପଣ ଧାର୍ଯ୍ୟ ହୁଏ ଏବଂ କଥା ଚୂଡ଼ାନ୍ତ ହେଲେ ପୁଅପକ୍ଷ ଝିଅକୁ ଗହଣା ପିନ୍ଧାଇବା ସହିତ କିଛି ଟଙ୍କା ମଧ ଦିଅନ୍ତି । ସେହିଠାରେ ହିଁ ଦିନ ନିରୂପଣ କରାଯାଏ । ମାହାଲି ସମାଜରେ ଯୌତୁକ ପରିବର୍ତ୍ତେ କନ୍ୟାପଣ ଦିଆଯାଏ । ଏହା ପୁରୁଣା ପ୍ରଥା ଅନୁସାରେ ପାଞ୍ଚ ଟଙ୍କାରେ ସୀମିତ ଥିଲେ ହେଁ ଏଇଟିକୁ କେତେକ ସ୍ଥାନରେ କମ୍‌ବେଶି ମଧ କରାଯାଏ । ଯୁବକ ବିବାହ ପାଇଁ ବରଯାତ୍ରାକୁ ଯିବା ପୂର୍ବରୁ ଆମ୍ବ ବିବାହ କରିଥାଏ । ସେହିପରି କନ୍ୟାକୁ ମହୁଲ ବିବାହ କରିବାକୁ ପଡ଼େ । କନ୍ୟାଘରେ ପହଞ୍ଚିବା ପରେ ବର ତାଙ୍କର ନିକଟ ସମ୍ପର୍କୀୟଙ୍କର କାନ୍ଧରେ ବସେ । କନ୍ୟାର ଭ୍ରାତା ମଧ ଜଣଙ୍କର କାନ୍ଧରେ ବସି ବରକୁ ସ୍ୱାଗତ କେର । ସେମାନେ ପରସ୍ପର ଉପରକୁ ପାଣି ଛିଞ୍ଚନ୍ତି । ତାହାପରେ ବରକନ୍ୟାକୁ ଶାଳବୃକ୍ଷର ଡାଳରେ ନିର୍ମିତ ଛାମୁଡ଼ିଆ ତଳେ ବସାଯାଏ । ସେହିଠାରେ ବର କନ୍ୟାର କପାଳ/ସିନ୍ଥିରେ ପାଞ୍ଚଥର ସିନ୍ଦୂର ଘଷେ ବା ଛୁଆଁଏ । କନ୍ୟାକୁ ଲୁହା ନିର୍ମିତ ଖଡୁ ମଧ ପିନ୍ଧାଏ ।

ମାହାଲି ସମାଜରେ ବହୁ ପତ୍ନୀ ଗ୍ରହଣ କରିବାର ପ୍ରଥା ମଧ ରହିଛି । କିନ୍ତୁ ପତ୍ନୀ ସନ୍ତାନଧାରଣ କରିବାରେ ଅକ୍ଷମଥିଲେ ଦ୍ୱିତୀୟ ବିବାହ ସଂଘଟିତ ହୁଏ । ବିଧବା ବିବାହ କରିବାରେ କିଛି କଟକଣା ନାହିଁ । ମୁଖ୍ୟତଃ ମୃତ ସ୍ୱାମୀର ସାନଭାଇ ସସମ୍ମାନେ ତାଙ୍କୁ ସ୍ତ୍ରୀର ମର୍ଯ୍ୟାଦା ଦିଆଯାଏ । ସେହିପରି ପରିତ୍ୟକ୍ତା ସ୍ତ୍ରୀ ମାନେ ବିବାହ କରିବାରେ କିଛି ଅସୁବିଧା ନାହିଁ, କିନ୍ତୁ ଏଥିପାଇଁ ପ୍ରଥମ ସ୍ୱାମୀକୁ ବିଧି ମୁତାବକ ଲୁହାଖଡୁ ଫେରାଇଦେବାକୁ ପଡ଼େ ।

ମାହାଲି ସମାଜରେ ଅନ୍ୟ ଜାତିର ଲୋକଙ୍କୁ ଜାତିଭୁକ୍ତ କରିବାର ପ୍ରଥା ମଧ ରହିଛି । ଏଥିପାଇଁ ଜାତିରେ ଅନୁପ୍ରବେଶ କରିବାକୁ ଚାହୁଁଥିବା ଲୋକ ମାହାଲି ଗୋଷ୍ଠୀଠାରୁ ଉଚ୍ଚବର୍ଗର ହେବା ଆବଶ୍ୟକ । ନିୟମ ମୁତାବକ ତାକୁ ମାହାଲି ଭୋଜିଭାତ ଏବଂ ଗ୍ରାମର ମୁଖ୍ୟକୁ ଉପହାର ଦେବାକୁ ପଡ଼ିଥାଏ । ଭୋଜିଭାତ ଦିନ ଆନୁଗତ୍ୟତା ସ୍ୱୀକାର କରୁଥିବାର ପ୍ରମାଣ ସ୍ୱରୂପେ ତାଙ୍କୁ ମୁଖିଆ ମାନଙ୍କର ଉଚ୍ଛିଷ୍ଟ ଖାଇବାକୁ ପଡେ- The person seeking admission into the mahali community has merely to pay a small sum to the headman (parganait) of the case and to give a feast to the Mahalis of the neighborhood. This feast he must attend himself and signify his entrance into the brotherhood by tasting a portion of the food left by each of the guests on the leaf which on these occasions serves as a plate. HH Risley, the Tribes and Castes of Bengal, Vol-II, Page-41-1998.

ଖାଦ୍ୟପେୟ, ବେଶଭୂଷା ଏବଂ ଅନ୍ୟାନ୍ୟ ପ୍ରଥା ମାନଙ୍କରେ ସେମାନେ ଅନେକତଃ ସାନ୍ତାଳ ପରି ହୋଇଥିଲେ ହେଁ ଆଧାତ୍ମିକତା କ୍ଷେତ୍ରରେ ସାମାନ୍ୟ ଭିନ୍ନ । ସାନ୍ତାଳ ସମାଜରେ ପ୍ରତିଗ୍ରାମରେ 'ଜାହିରା' ମୁଖ୍ୟ ପୂଜାପୀଠ ଭାବରେ ରହୁଥିବା ସ୍ଥଳେ ମାହାଲି ମାନଙ୍କଠାରେ ସେପରି ପରିଲକ୍ଷିତ ହୁଏନାହିଁ । ସେମାନେ ମୁଖ୍ୟ ଭାବରେ 'ବଡପାହାଡି'

ଏବଂ 'ମାନସାଦେବୀ' ଙ୍କୁ ଉପାସନା କରିଥାଆନ୍ତି । 'ବଡପାହାଡି' ଏବଂ ସାନ୍ତାଳ ମାନଙ୍କର 'ମାରାଂବୁରୁ' ଙ୍କର ଅର୍ଥଗତ ସାମଞ୍ଜସ୍ୟ ରହିଛି । କେତେକ ମାହାଲି ତାଙ୍କୁ 'ମାରାବୁରୁ' ଭାବରେ ହିଁ ପୂଜା କରିବାର ଦେଖାଯାଏ । 'ମାନସାଦେବୀ' ହେଉଛନ୍ତି ସାପର ଦେବୀ । ଏତଦବ୍ୟତୀତ 'ବନକୁଆଁରୀ' କୁ ସେମାନେ ପାରିଧି ବେଳେ ପୂଜା କରନ୍ତି । 'ମଣେକ ତୁରୁୟକ' ଙ୍କୁ ଭଲ ଫସଲ ପାଇଁ, 'ବାବାଜୀ' କୁ ଗ୍ରାମର ମଙ୍ଗଳପାଇଁ 'ବଡଚଣ୍ଡି' କୁ ସଂକ୍ରାମକ ରୋଗଦାଉରୁ ରକ୍ଷାପାଇଁ ଉପାସନା କରନ୍ତି । ପର୍ବପର୍ବାଣୀରେ ପୂର୍ବପୁରୁଷମାନଙ୍କୁ ଖାଦ୍ୟ ଓ ହାଣ୍ଡିଆ ଅର୍ପଣ କରନ୍ତି । ସେମାନେ 'ମହାଦେବ', 'ଅହିରା' ଏବଂ 'ଗରୟା'କୁ ମଧ୍ୟ ଛେଳି, କୁକୁଡାଦି ବଳି ଦେଇଥାଆନ୍ତି ।

ମାହାଲିମାନେ ମୁଖ୍ୟତଃ 'ବାହା', 'ସହରାୟ', 'ମାଃମଣେ' ଆଦି ପର୍ବ ପାଳନ କରନ୍ତି । 'ବାହା' ଏକ ଫଗୁଣ ପର୍ବ । ସାନ୍ତାଳ ସମ୍ପ୍ରଦାୟ ସହିତ ସମ୍ପର୍କିତ ମାହାଲିମାନେ ଏହି ଅବସରରେ ନାୟକେ (ପୂଜକ) ମାଧ୍ୟମରେ ଜାହିରା ପୀଠରେ ଗ୍ରାମ୍ୟ ଦେବଦେବୀଙ୍କୁ କୁକୁଡା ବଳି ଦିଅନ୍ତି । 'ସହରାୟ' ପର୍ବ କାର୍ତ୍ତିକ ମାସରେ ପାଳନ କରାଯାଏ । ଏହା ଗ୍ରାମ ସନ୍ନିକଟ ଖୋଲା ଜାଗାରେ ପାଳିତ ହୁଏ । ସେଠାରେ କୁକୁଡା ବଳିପଡେ । ଗ୍ରାମର ପୁରୋହିତ 'ନାୟକେ' ପୂଜା ଶେଷ କଲାପରେ ସେଗୁଡିକୁ ରାନ୍ଧି ଗ୍ରାମବାସୀମାନେ ଖାଇଥାନ୍ତି । ତାହାପରେ ଗ୍ରାମରେ ଗୋରୁ ପଲକୁ ଆଣି ସେଠାରେ ଛଡାଯାଏ । ପୂଜା ସ୍ଥାନରେ ଥିବା ଚାଉଳ ଚୂନା ନିର୍ମିତ ଖଣ୍ଡକୁ ଯେଉଁ ଗାଈ ବା ବଳଦ ଛୁଏଁ ବା ଖାଏ ତାକୁ ଧରାଯାଏ । ହଳଦୀ ପାଣିରେ ତାର ଗୋଡ ଏବଂ ଶିଙ୍ଗକୁ ଧୋଇ ସିନ୍ଦର ବୋଳି ଦିଆଯାଏ । ସେହି ଗାଈ ବା ବଳଦକୁ ସେ ବର୍ଷର 'ଶିରା' ବା ମୁଖ୍ୟ ବିବେଚନା କରାଯାଉ ଥିବାରୁ ତାର ମୁନିବ ଖୁସିରେ ଗ୍ରାମବାସୀଙ୍କୁ ହାଣ୍ଡିଆ ଦିଏ । ତା ପରଦିନ ପ୍ରତି ଗୃହ ସମ୍ମୁଖରେ ଖୁଣ୍ଟ ପୋତାଯାଏ । ଅପରାହ୍ଣରେ ବଳଦିଟିଏ ବାନ୍ଧି ଗୃହ ସ୍ୱାମୀ ଖୁଣ୍ଟ ଉପରେ ଉପହାର ରଖେ । ଗ୍ରାମର ଯୁବକମାନେ ବନ୍ଧା ବଳଦର ଚତୁଃପାର୍ଶ୍ୱରେ ଗୀତ ଗାଇ ବାଜା ବଜାଇ ନୃତ୍ୟ କରନ୍ତି । ବଳଦଟି କ୍ଳାନ୍ତ ହେଲେ କୌଣସି ପ୍ରତିକ୍ରିୟା ପ୍ରକାଶ କରିପାରେ ନାହିଁ । ଏହି ଅବସରରେ ଯୁବକମାନେ ଉପହାର ଓହ୍ଲାଇ ଆଣନ୍ତି । ଏହି ପ୍ରକ୍ରିୟା ଗ୍ରାମର ଉପର ମୁଣ୍ଡରୁ ଆରମ୍ଭ ହୋଇ ଅପର ମୁଣ୍ଡରେ ଶେଷ ହୁଏ । ତାହାପରେ ସେମାନେ ପ୍ରତି ଘରେ ହାଣ୍ଡିଆ ପିଇ ନାଚ ଗୀତରେ ମସଗୁଲ ରହନ୍ତି ।

ଫସଲ ଅମଳ ସମୟରେ 'ମାଃମଣେ' ପୂଜା ହୁଏ । 'ନାୟକେ' ଜାହିରା ପୀଠରେ ପୂଜା କରେ । ଏହି ପୂଜା ଜଙ୍ଗଲଜାତ ଦ୍ରବ୍ୟ ଯଥା- ଫଳମୂଳ, ଶାଗ, କାଠ, ଜଙ୍ଗଲି ଘାସ ଆଦି ସଂଗ୍ରହ କରିବାର ଉଦଘାଟନ ପର୍ବ ଅଟେ । ମକର ପର୍ବକୁ ମଧ୍ୟ ମାହାଲିମାନେ ଖୁବ ଯାକଜମକରେ ପାଳନ କରନ୍ତି । ଏହା ଗ୍ରାମ୍ୟପୂଜା ନ ହୋଇ ଏକ ଘରୋଇ ପର୍ବ । ମାଘମାସ ହେଉଛି ଏହି ପର୍ବ ପାଳନର ସମୟ । ଏହି ଅବସରରେ ଆବାଳବୃଦ୍ଧବନି ସମସ୍ତେ ନୂତନ ବସ୍ତ୍ର ପରିଧାନ କରିବାର ବିଧି ରହିଛି ।

ମୃତ୍ୟୁରେ ଦାହ ଓ କବର ପ୍ରଥା ପ୍ରଚଳିତ । ମାହାଲିମାନେ ମୃତବ୍ୟକ୍ତିର ଶବକୁ ନୂତନ ବସ୍ତ୍ରରେ ଢାଙ୍କି ଦିଅନ୍ତି । ମୃତକର ଜ୍ୟେଷ୍ଠପୁତ୍ର ମୃତବ୍ୟକ୍ତିର କପାଳରେ ସିନ୍ଦୁର ଦେବାପରେ ଗାତକୁ ଓହ୍ଲାଇ ଦିଆଯାଏ । ଶବର ମୁଣ୍ଡ ସାଧାରଣତଃ ଉପରକୁ ଏବଂ ଉତ୍ତର ମୁହାଁ ହୋଇ ରହେ । A new piece of cloth is wrapped around the body, after which the eldest son puts a mark of vermillion over the deceased's fore-head. The body is then lowered into the pit and positioned with its head pointing to-wards the North and its face upward. Tribes of Orissa, Page -227,228 -2004. ଶବ ଉପରେ

ପ୍ରଥମେ ବଡପୁଅ ଆଞ୍ଜୁଳାଏ ମାଟି ପକାଏ । ଅନ୍ୟମାନେ ସେହିପରି ମାଟି ପକାଇଲାପରେ ଗାତକୁ ବନ୍ଦ କରି ଦିଆଯାଏ । ସମସ୍ତେ ସ୍ନାନ କରି ଗୃହକୁ ଫେରନ୍ତି । ଉତ୍ତର ମାନଭୂମୀ ଅଞ୍ଚଳରେ କବର ଦେବାବେଳେ ଶବକୁ ମୁହଁମାଡି ଶୁଆଇଦିଅନ୍ତି । ପାଟାର ମାହାଲି ଏବଂ ସାନ୍ତାଳପ୍ରଗଣାର ମାହାଲିମାନେ ଶବକୁ ଦାହ କରିବା ପରେ ପାଉଁଶକୁ ପୋତି ଦିଅନ୍ତି । କେଉଁଠି କେଉଁଠି ଅସ୍ଥିକୁ ନିକଟସ୍ଥ ନଦୀନାଳରେ ବିସର୍ଜନ ମଧ କରାଯାଏ । କବରବେଳେ ମୃତ ଶରୀର ସହିତ ଦାଆ କିମ୍ବା କୁରାଢୀ ରଖିବାର ମଧ୍ୟ ପରମ୍ପରା ରହିଛି । ଏହା ଦୁଷ୍ଟଆତ୍ମା ଠାରୁ ମୃତ ବ୍ୟକ୍ତିକୁ ସୁରକ୍ଷା ଦିଏ । ମୃତ୍ୟୁର ଏଗାର ଦିନରେ କବର ସ୍ଥାନରେ ଦୁଧ, ଘିଅ ଏବଂ ଚାଉଳ ପୂଜା କରନ୍ତି । କାର୍ତ୍ତିକ ଏବଂ ଚୈତ୍ରମାସରେ ମଧ୍ୟ ଅନୁରୁପ ଭାବରେ ମୃତ ବ୍ୟକ୍ତିମାନଙ୍କୁ ସେମାନ ପୂଜା କରିଥାଆନ୍ତି ।

ଏକଦା ଶିକ୍ଷା କ୍ଷେତ୍ରରେ ମାହାଲିମାନେ ବହୁ ପଛରେ ରହିଯାଇଥିଲେ । ବର୍ତ୍ତମାନ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କର ବିଭିନ୍ନ ପ୍ରକାର ପ୍ରୋତ୍ସାହନର ଫଳଶୃତି ସ୍ୱରୂପେ ଶ୍ରେଷ୍ଠତର ସୋପାନକୁ ପହଞ୍ଚିଲେଣି । ହାତଗଣତି କେତୋଟି ପରିବାରକୁ ଛାଡି ଦେଲେ ବାଉଁଶ କର୍ମକୁ ଅନ୍ୟମାନେ ଛାଡି ସାରିଲେଣି । ଚାଳ ଛପର ଘର ପରିବର୍ତ୍ତେ ପକ୍କା ଗୃହରେ ବସବାସ କଲେଣି । ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ଫଳରେ ପାରମ୍ପରିକ କୁଟୀରଶିଳ୍ପ ଆଜି ଅନେକ ପରିମାଣରେ ପ୍ରଭାବିତ । ଯେଉଁମାନେ ବାଉଁଶ କର୍ମକୁ ଆବୋରି ବସିଛନ୍ତି ତାହା ଜୀବିକାର୍ଜନର ଏକମାତ୍ର ପନ୍ଥା ହୋଇପାରୁନାହିଁ । ଏଭଳି ପରିସ୍ଥିତିରେ ବାଉଁଶ କଳାରେ ମହାରଥ ହାସଲ କରିଥିବା ମାହାଲି ଗୋଷ୍ଠୀ ପେଟପାଟଣା ପାଇଁ ଅନ୍ୟ ପନ୍ଥା ମାନଙ୍କରେ ଲୀନ ହୋଇଯାଇଛି । ଏସବୁ ସତ୍ତ୍ୱେ ମାହାଲି ଜନଜାତି ମୁଖ୍ୟ ସ୍ରୋତରେ ସାମିଲ ହେବା ଦୌଡରେ ପଛରେ ପଡିନାହିଁ ।

**ପ୍ରଧାପିକା ତଥା ବିଭାଗୀୟ ମୁଖ୍ୟ**
**ଓଡିଆ ଭାଷା ଓ ସାହିତ୍ୟ ବିଭାଗ**
**ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସତି ମହାବିଦ୍ୟାଳ୍ୟ**
**ତଖତପୁର, ବାରିପଦା- ୭୫୭୦୦୩**
**ମୋ- ୯୪୩୭୩୪୯୭୯୧**

# ପେଣ୍ଠିଆ ଜନଜାତିଙ୍କ ସାମାଜିକ ଜୀବନ

- ଡକ୍ଟର ରାଜେନ୍ଦ୍ର ପାଢ଼ୀ

ଓଡ଼ିଶାର ବାଷଠି ପ୍ରକାରର ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ପେଣ୍ଠିଆ ଜନଜାତି ଅନ୍ୟତମ । ୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ଏମାନଙ୍କ ଜନସଂଖ୍ୟା ୭୨୭୧ ଥିବାବେଳେ କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏମାନେ ୬୮୪୨ ଜଣ ବାସ କରିଥାନ୍ତି । ଏମାନେ ମୁଖ୍ୟତଃ କୋରାପୁଟ ଜିଲ୍ଲାର କୁନ୍ଦ୍ରା, ବୋରିଗୁମ୍ମା ଓ ଜୟପୁର ଅଞ୍ଚଳରେ ବହୁଳ ସଂଖ୍ୟାରେ ବାସ କରିଥାନ୍ତି । ମାଲକାନଗିରି, ନବରଙ୍ଗପୁର, କୋଟପାଡ଼, ଦାମନଯୋଡ଼ି ପ୍ରଭୃତି ଅଞ୍ଚଳରେ ସ୍ୱଳ୍ପ ସଂଖ୍ୟକ ବସବାସ କରୁଥିବା ଜଣାଯାଏ । ଏମାନଙ୍କ ମୁଖ୍ୟ ଜୀବିକା ହେଉଛି ଚାଷ । ଭୂମିହୀନ ପରିବାର ବିଭିନ୍ନ ବ୍ୟବସାୟ ଓ ଦୈନିକ ମଜୁରୀ ଲାଗି କୁଟୁମ୍ବ ପରିପୋଷଣ କରିଥାନ୍ତି । ଏମାନଙ୍କ ପୁରୁଷମାନେ ଗାମୁଛା, ଧୋତି, କୁର୍ତ୍ତା ପିନ୍ଧିଥାନ୍ତି ଓ ମହିଳାମାନେ ଲୁଗାକୁ ଛାତି ଉପରେ ଗୁଡ଼ାଇ ହୋଇ ବାମ କାନ୍ଧକୁ ଏକ ଗଣ୍ଠି ଦେଇ ଏପରି ଭିଡ଼ିଥାନ୍ତି ଯାହା ଖୁବ୍ ଶକ୍ତ ହୋଇଥାଏ । ଏହାଛଡ଼ା ଏମାନେ ଶାଢ଼ୀ, ସାୟା, ବ୍ଲାଉଜ ମଧ୍ୟ ପିନ୍ଧୁଛନ୍ତି । ଏମାନେ ସ୍ଥାନୀୟ ସଂଯୋଜକ ଭାଷା 'ଦେଶିଆ' ବୋଲିରେ ଭାବର ଆଦାନ ପ୍ରଦାନ କରିଥାନ୍ତି । ଏହି ଉପଭାଷା ବା 'ବୋଲି'ର ଲିପି ନ ଥିବାରୁ ଏମାନଙ୍କ ଗୀତ, କାହାଣୀ, ଲୋକୋକ୍ତି ଆଦି ମୌଖିକ ପରମ୍ପରାରେ ଗତିଶୀଳ ଓ ସଂଜୀବିତ । ଏମାନଙ୍କ ଶହଶହ ବର୍ଷରୁ ଆଲିଖିତ ଭାବେ ଗଡ଼ିଆସିଥିବା ପ୍ରଥାପରମ୍ପରା, ରୀତିନୀତି ଓ ଧର୍ମଧାରା ତଥା ସାମାଜିକ ଚଳଣିର ରୀତିନୀତି ମଧ୍ୟରେ ସନ୍ତାନଜନ୍ମ, ନାମଲେଖା, କନ୍ୟା ରଜସ୍ୱଳା, ବିବାହ, ମୃତକର୍ମ ଆଦି ପାରମ୍ପରିକ ବିଧିବିଧାନଦ୍ୱାରା ପରିଚାଳିତ । ପ୍ରସ୍ତୁତ ଆଲେଖ୍ୟରେ ଆଲୋଚିତ ପେଣ୍ଠିଆ ଜନଜାତିଙ୍କ ସାମାଜିକ ଚଳଣି ସମ୍ପର୍କରେ ସମ୍ୟକ୍ ଆଲୋକପାତ କରାଯାଉଛି ।

**ଗ୍ରାମଶାସନ :** ପେଣ୍ଠିଆ ଗ୍ରାମର ମୁଖ୍ୟ ହେଉଛନ୍ତି 'ନାୟକ' । ତାଙ୍କୁ ସାହାଯ୍ୟ କରିବା ନିମନ୍ତେ 'ଚାଲାନ୍' ନାମଧାରୀ ବ୍ୟକ୍ତି ରହିଥାନ୍ତି । ଗ୍ରାମର ଗଣ୍ଡଗୋଳ, କଳିଝଗଡ଼ା, ମନୋମାଳିନ୍ୟରେ ନ୍ୟାୟନିଶାପ, ଚାଷ ଅନୁକୂଳ, ପର୍ବପର୍ବାଣୀ ପାଳନ ଓ ଗ୍ରାମର ଭଲମନ୍ଦ ଆଲୋଚନା ନିମନ୍ତେ ଗ୍ରାମମୁଖ୍ୟ 'ନାୟକ' 'ବେରନ୍' (ବୈଠକ) ଡାକନ୍ତି । ଗ୍ରାମରେ ଥିବା ସର୍ବସାଧାରଣ ମିଳନସ୍ଥଳ 'ମେଲାନ' ବା 'ବେହେରନ୍ ମୁଣ୍ଡା'ରେ ସମସ୍ତେ ମିଶି ଆଲୋଚନା କରିଥାନ୍ତି । ନାୟକଙ୍କ ଆଦେଶରେ ଚାଲାନ୍ ଘରଘରବୁଲି ଲୋକଙ୍କୁ ବୈଠକକୁ ଡାକନ୍ତି । ସେ ବୈଠକର ନିଷ୍ପତ୍ତିକ୍ରମେ ବିଭିନ୍ନ ପର୍ବପର୍ବାଣୀ ପାଳନ ପାଇଁ ପ୍ରତ୍ୟେକ ଘରୁ ଚାନ୍ଦା ଆଦାୟ କରିଥାନ୍ତି । ପୂଜାରୀ ଓ ଡ଼ିସାରୀଙ୍କ ପରାମର୍ଶରେ ବିଭିନ୍ନ ପୂଜା ସାମଗ୍ରୀ କ୍ରୟ କରିଥାନ୍ତି । ପେଣ୍ଠିଆ ଜନଜାତିଙ୍କ ମୁଖ୍ୟଭାବେ 'ଭାତନାୟକ' ପଦବୀଧାରୀ ବ୍ୟକ୍ତି ରହିଥାନ୍ତି । ଏମାନେ, କୌଣସି ପେଣ୍ଠିଆ ବ୍ୟକ୍ତି ଭ୍ରଷ୍ଟ ହେଲେ ବିଧିବିଧାନ ପୂର୍ବକ ଜାତିରେ ମିଶାଇଥାନ୍ତି । ଦଳେଇ ନାମଧାରୀ ବ୍ୟକ୍ତି ଭାତରାନ୍ଧି ଭାତନାୟକଙ୍କ ପରାମର୍ଶରେ ଜାତିଭ୍ରଷ୍ଟ ଲୋକକୁ ଭାତ ଓ ମହାପ୍ରସାଦ ଖୁଆଇ ଜାତିରେ ମିଶାଇଥାନ୍ତି । ପେଣ୍ଠିଆ ଗ୍ରାମର ଧର୍ମୀୟ ମୁଖ୍ୟଭାବେ ପୂଜାରୀ, ଡିସାରୀ, ଗୁରୁଭାଇ, ସିରାମାନେ ରହିଥାନ୍ତି । ଡ଼ିସାରୀ ବିଭିନ୍ନ କାର୍ଯ୍ୟରେ ଶୁଭାଶୁଭ ଯୋଗ ନିର୍ଣ୍ଣୟ, ବିବାହ, ନାଁ ଦିଆ ରଜସ୍ୱଳା ମୃତକର୍ମରେ ପୂଜାପାଠ ଓ ବିଭିନ୍ନ ରୋଗରେ ଝଡ଼ାଫୁଙ୍କା ଓ ଚେରମୂଳୀ ଔଷଧ ଦେଇଥାନ୍ତି । ଗ୍ରାମରେ କେହି ବସନ୍ତ, ମିଳିମିଳା, ହାଡଫୁଟି, ହଇଜା ଓ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଲେ ଡ଼ିସାରୀଙ୍କ ସହ ଗୁରୁମାଇ ଓ ସିରା ପୂଜାପାଠକରି ଅନିଷ୍ଟ ଗ୍ରହ ଓ ଦେବଦେବୀଙ୍କୁ ପଶୁପକ୍ଷୀ ବଳି ପ୍ରଦାନପୂର୍ବକ ସନ୍ତୁଷ୍ଟ କରିଥାନ୍ତି ।

**ଗୋତ୍ର :** ଅନ୍ୟାନ୍ୟ ଆଦିବାସୀ ଗୋଷ୍ଠୀଙ୍କ ଅନୁରୂପ ପେଣ୍ଟିଆମାନେ ବିଭିନ୍ନ ପଶୁପକ୍ଷୀ ଓ ବୃକ୍ଷଲତାକୁ ନିଜର ଗୋତ୍ର ସନ୍ତକ ଭାବେ ଗ୍ରହଣ କରିଥାନ୍ତି । ଏମାନେ ମାଙ୍କଡ଼, ନାଗ, ବାଘ, କକ୍‌ଟିଆ (କୁମ୍ଭୀର) ସୁନାକେରିଆ (ଶାଗୁଣା) ସୁମ (ସୋମ) ଉପରିଆ (ସୂର୍ଯ୍ୟ), ଖମରିଆ (ଖମ୍ଭ) ଧାନକୁଣ୍ଡିଆ (ଧାନଗଛ) ପ୍ରଭୃତିଙ୍କୁ ନିଜଗୋତ୍ର ଭାବେ ମାନିଥାନ୍ତି । ଏମାନେ ନିଜ ଗୋତ୍ର ସନ୍ତକମାନଙ୍କୁ କୌଣସି ଆଘାତ ନ କରି ବିଭିନ୍ନ ପର୍ବପର୍ବାଣୀ ଓ ଉତ୍ସବରେ ପୂଜା ଆରାଧନା କରିଥାନ୍ତି । ବିବାହ କ୍ଷେତ୍ରରେ ଗୋତ୍ରକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ଓ ସମଗୋତ୍ରରେ ବିବାହ ନିଷେଧ ରହିଥାଏ । ଏମାନେ ନିଜ ଗୋତ୍ର ଲୋକଙ୍କୁ 'କୁଟୁମ୍ବଘର୍' ଓ ଅନ୍ୟ ଗୋତ୍ରର ଲୋକଙ୍କୁ 'ବନ୍ଧୁଘର୍' ଭାବେ ସମ୍ବୋଧନ କରିଥାନ୍ତି । ଏମାନେ ନିଜକୁ କ୍ଷତ୍ରୀୟ ବଂଶଜ ବୋଲି ଦାବି କରିଥାନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାରେ ବାସ କରୁଥିବା 'ହାଲ୍‌ବା' ସମ୍ପ୍ରଦାୟଙ୍କ ସହ ପେଣ୍ଟିଆମାନଙ୍କ ବୈବାହିକ ସମ୍ପର୍କ ସ୍ଥାପନ ହୋଇଥାଏ । ବହୁ ବୟସ୍କ ବ୍ୟକ୍ତିମାନେ ଉପରୋକ୍ତ ଦୁଇ ସମ୍ପ୍ରଦାୟ ଗୋଟିଏ ଜନଗୋଷ୍ଠୀ ଓ କୌଣସି ଘଟଣାକ୍ରମେ ପରସ୍ପର ଅଲଗା ହୋଇଯାଇଥିବା ମତବ୍ୟକ୍ତ କରିଥାନ୍ତି । ଅନୁଧ୍ୟାନରୁ ଜଣାଯାଏ ଯେ, ଉଭୟ ଜନଗୋଷ୍ଠୀଙ୍କ ସାମାଜିକ ଓ ଧର୍ମୀୟ ରୀତିନୀତି, ପ୍ରଥାପରମ୍ପରା ଓ ଚାଲିଚଳଣିରେ ବହୁ ସାମଞ୍ଜସ୍ୟ ରହିଛି ।

**ସନ୍ତାନ ଜନ୍ମ :** ପେଣ୍ଟିଆ ପରିବାରରେ ସ୍ତ୍ରୀଟିଏ ଗର୍ଭବତୀ ହେବା ଜଣାଗଲେ ତା'ର ଉପଯୁକ୍ତ ଯତ୍ନ ନିଆଯାଇଥାଏ । ତାକୁ ଅତ୍ୟଧିକ ଶ୍ରମ କରିବାକୁ ଦିଆଯାଏ ନାହିଁ । ତାର ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରିଥାନ୍ତି । ଗର୍ଭବତୀ ମହିଳାକୁ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ଦେଖିବାକୁ ବାରଣ କରାଯାଏ । ଶିଶୁଟିର ଜନ୍ମ ହେବା ସମୟ ହେଲେ ଗ୍ରାମରେ ଥିବା 'ବଣ୍ଡ୍‌କିଡ଼କରୀ'କୁ (ଗାଁ ଧାଇମା) କାଢ଼ିଥାନ୍ତି । ସେ ଗର୍ଭବତୀର ଅଣ୍ଟା ଓ ପେଟରେ ତେଲ ଲଗାଇ ପ୍ରସବ କରାଇଥାଏ । ପ୍ରସବ ପରେ ନବଜାତ ଶିଶୁର ନାହିଟିକୁ ଛୁରୀ କିମ୍ବା ବ୍ଲେଡ୍‌ରେ କାଟିଥାଏ । ଘରେ ଦୁଇ / ତିନି ଫୁଟର ଏକ ଗାତ କରି ସେଠାରେ ନାହିଟିକୁ ପୋଡ଼ିଦିଏ । ଏହି ସ୍ଥାନକୁ 'ବଣ୍ଡକି କହରା' କୁହାଯାଏ । ଶିଶୁଟିକୁ ତେଲ ଲଗାଇ ଗାଧୋଇ ଦିଆଯାଏ । ଏନ୍ତୁଡ଼ିଜାଳି ଶିଶୁଟିକୁ ସେକାସେକି କରାଯାଏ । ଧାଇମା'ଟି ନଅ ଦିନ ପର୍ଯ୍ୟନ୍ତ ଶିଶୁଟିର ଯତ୍ନ ନିଏ । ମା'ଟିକୁ ନଅ ଦିନ ପର୍ଯ୍ୟନ୍ତ ଉସୁନାଚାଉଳର ଭାତ, କୋଳଥ ଡାଲି, ଅମୃତଭଣ୍ଡା ସିଝା ଆଦି ଖାଇବାକୁ ଦିଆଯାଏ । ନଅ ଦିନରେ ମାଆଟି ଗାଧୁଆ ପାଧୁଆ କରି ଶୁଦ୍ଧ ହୋଇଥାଏ । ସାଧାରଣତଃ ଶିଶୁଟିର ନାମକରଣ ନଅ ଦିନ କିମ୍ବା ଏକୋଇଶି ଦିନରେ କରାଯାଇଥାଏ । ଏହିଦିନ ଘରଦ୍ୱାର ଲିପାପୋଛା ଓ ଲୁଗାପଟା ସଫାସୁତୁରା କରାଯାଏ । ନାହିଟି ପୋତାଯାଇ ଥିବା ସ୍ଥାନରେ ଗୋବର ମାଟି ଲିପି, ତା' ଉପରେ ରଙ୍ଗମାଟି ଲିପାଯାଏ । ଗାଁର ଡ଼ିସାରୀ ଆସି ପାଞ୍ଜିଦେଖି ଯନ୍ତ୍ର କାଟିଥାନ୍ତି । ନବଜାତ ଶିଶୁଟିର ଜନ୍ମଜାତକ ଗଣନା କରି ସେହି ସ୍ଥାନରେ ଧୋବଲା ଓ କାଳିଆ କୁକୁଡ଼ା ବଳି ଦିଅନ୍ତି । ଶିଶୁର ଲଗ୍ନ ଅନୁଯାୟୀ ପାଞ୍ଜିଦେଖି ଡ଼ିସାରୀ ନାମକରଣ କରିଥାନ୍ତି । ପେଣ୍ଟିଆମାନଙ୍କ ଦୃଢ଼ ବିଶ୍ୱାସଯେ, ପିତୃପୁରୁଷମାନେ ପୁଣି ଥରେ ସନ୍ତାନସନ୍ତତି ଭାବେ ଜନ୍ମ ଗ୍ରହଣ କରିଥାନ୍ତି । ନାଁ ଦିଆ ଦିନ ବନ୍ଧୁବାନ୍ଧବ ଓ ଗ୍ରାମବାସୀମାନଙ୍କୁ ଭୋଜିରେ ଆପ୍ୟାୟିତ କରାଯାଏ । ରାତିରେ ନୃତ୍ୟଗୀତର ଆସର ଜମିଥାଏ । ଶିଶୁଟିର ଜନ୍ମବାର୍ଷିକ ଦିନ ଗାଁର ମନ୍ଦିର କିମ୍ବା ଗୁପ୍ତେଶ୍ୱର ପୀଠକୁ ନେଇ ମୁଣ୍ଡନ କରିଥାନ୍ତି । ଶିଶୁଟିର କେଶକୁ ନେଇ ନଦୀରେ ଭସାଇ ଦିଅନ୍ତି । ଏମାନଙ୍କ ସମାଜରେ କନ୍ୟାଟି ରଜସ୍ୱଳା ପୂର୍ବରୁ 'ପାନିରକାନି' ଉତ୍ସବ ପାଳନ କରିଥାନ୍ତି । ଏହି ଦିନ କନ୍ୟାଟିକୁ ଗାଧୋଇ ଦେଇ ହଳଦିଆ ଲୁଗା ପିନ୍ଧାଇ ଦିଅନ୍ତି । ଡ଼ିସାରୀ ଆସି କନ୍ୟାଟିକୁ ବେଦିରେ ବସାଇ ପୂଜାପାଠ କରିଥାନ୍ତି । ସେଦିନ ଗ୍ରାମରେ କାହାର ବାହାଘର ହେଉଥିଲେ ସେଇବେଦିରେ କନ୍ୟାଟିକୁ ବସାଇ ପୂଜାପାଠ କରିଥାନ୍ତି । ତା'ମୁଣ୍ଡରେ ହଳଦିଆ ଚାଉଳ ପକାଇ ପରିପୂର୍ଣ୍ଣ ଜୀବନ ନିମନ୍ତେ ଆଶୀର୍ବାଦ କରିଥାନ୍ତି ।

**କନ୍ୟା ରଜସ୍ୱଳା :** ପେଣ୍ଡିଆ ସମାଜରେ କନ୍ୟାଟିଏ ରଜସ୍ୱଳା ହେଲେ ତାକୁ ଏକ ଅଲଗାଘରେ ନଅଦିନ ପର୍ଯ୍ୟନ୍ତ ରଖାଯାଏ । ଯେପରିକି, ସେ କୌଣସି ପୁରୁଷଙ୍କ ମୁହଁ ଦେଖି ନ ପାରିବ । ନଅଦିନର ବଡ଼ି ଭୋରରୁ ଗାଆଁର ସ୍ତ୍ରୀ ଲୋକମାନେ କନ୍ୟାଟିକୁ ପାଖ ନଦୀ କିମ୍ବା ପୋଖରୀକୁ ନେଇ ଗାଧୋଇ ଦିଅନ୍ତି । ନଦୀ କିମ୍ବା ପୋଖରୀ ତୁଠରେ ଏକ ଛାମୁଣ୍ଡିଆ କରି କନ୍ୟାଟିକୁ ନୂଆଲୁଗା ପିନ୍ଧାଇ ବସାଇ ଦିଅନ୍ତି । ସେଠାରେ କଦଳୀ ଗଛ ପୋତି, ଗୋଟିଏ ପାଣିକଖାରୁ ରଖି ଫୁଲ, ସିନ୍ଦୁର, ଧୂପ ଦୀପ, ନଡ଼ିଆ କଦଳୀ ସହ ଡ଼ିସାରୀ ପୂଜାପାଠ କରିଥାନ୍ତି । ଏହି ସ୍ଥାନରେ ପଶୁପକ୍ଷୀ ବଳି ମଧ ଦିଆଯାଏ । ଡ଼ିସାରୀ କନ୍ୟାର ଦୋଷାଦୋଷକୁ ପାଞ୍ଜି ଦେଖି ଗଣନା କରିଥାନ୍ତି । ଜଳଘାଟକୁ ଯାଇଥିବା ସ୍ତ୍ରୀଲୋକମାନେ ସେଠାରେ ଭୋଜିଭାତ କରି ଖାଇଥାନ୍ତି । ସନ୍ଧ୍ୟାବେଳେ ଘରେ ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରି ଭୋଜିଭାତରେ ଆପ୍ୟାୟିତ କରାଯାଏ । ରଜବତୀ ଝିଅଟିକୁ ବସାଇ ତା' ମୁଣ୍ଡରେ 'ଟିକା' (ଆଶୀର୍ବାଦ) ଦିଅନ୍ତି । ନୃତ୍ୟଗୀତରେ ରାତିସାରା ବିତାଇ ଦେଇଥାନ୍ତି ।

**ବିବାହ ପରମ୍ପରା :** ପେଣ୍ଡିଆ ସମାଜରେ ମୁଖ୍ୟତଃ ମାଗ୍‌ନି ବିବାହ (ନିର୍ବନ୍ଧ), ଉଦଲିଆ (ପ୍ରେମବିବାହ), ସଗରତ । (ପୁନଃବିବାହ) ଘରଜ୍ୱାଇଁ ବିବାହ, ରାଣ୍ଡିବିବା (ବିଧବା ବିବାହ) ପ୍ରଥା ପ୍ରଚଳିତ । ମାଗ୍‌ନି ବା ନିର୍ବନ୍ଧ ବିବାହରେ ପୁଅଘରର ଲୋକେ ଚୁଡ଼ା, ଗୁଡ଼, ଲିଆ ଓ ମଦ ଧରି କନ୍ୟା ଘରକୁ ଯାଇ ବିବାହ ପ୍ରସ୍ତାବ ପକାଇଥାନ୍ତି । କନ୍ୟାଟି ପସନ୍ଦଯୋଗ୍ୟ ହେଲେ କନ୍ୟାପିତାକୁ କହନ୍ତି ''ତୁମଘରେ ଗୋଟିଏ ଫୁଲ ଫୁଟିଛି, ଆମକୁ ଦେବକି ? କନ୍ୟାପିତା ରାଜି ହେଲେ ଡ଼ିସାରୀକୁ ଡାକି ବିବାହ ଦିନ ସ୍ଥିର କରାଯାଏ । ଏମାନଙ୍କ ବିବାହରେ ବର 'ଝଲାଡାବୁ' (କନ୍ୟାସୁନା) ରୂପେ କିଛି ଟଙ୍କା, ଚାରିଖଣ୍ଡ ଲୁଗା, ଚାଉଳ, ଚୁଡ଼ା, ଗୁଡ଼, ମଦ ପ୍ରଭୃତି କନ୍ୟାପିତାଙ୍କୁ ଦେବାକୁ ପଡ଼ିଥାଏ । ଏହାକୁ 'ବୋଜ୍' ବୋଲି କହିଥାନ୍ତି । ବର ଦେଇଥିବା ସାମଗ୍ରୀରେ ସମସ୍ତେ ମିଶି ଭୋଜିଭାତ କରି ଖାଇଥାନ୍ତି । 'ଉଦଲିଆ' ବିବାହରେ ପୁଅଟି ତାର ପସନ୍ଦର ଝିଅକୁ ହାଟ, ବଜାର ଯାନିଯାତ୍ରା ସ୍ଥଳରୁ ଉଠାଇ ନେଇ ନିଜ ସମ୍ପର୍କୀୟଙ୍କ ଘରେ ଆଠ/ଦଶଦିନ ରଖିଥାଏ । ଉଭୟଙ୍କ ପରିବାର ଖୋଜାଖୋଜି କରନ୍ତି । ପୁଅଟି ଘର ଲୋକଙ୍କୁ ଜଣାଇଥାଏ । ଘରଲୋକ ଖବର ପାଇ ପୁଅଟିକୁ ଘରକୁ ଆଣିଥାନ୍ତି । ପୁଅ ସହ ଝିଅଟି ମଧ ଆସି ଘରେ ରହିଥାଏ । ଦୁଇଜଣଙ୍କ ବାପା କଥାବାର୍ତ୍ତା ହୋଇ ଚୁଡ଼ା ଗୁଡ଼ ଖାଇ ସମ୍ମତି ପ୍ରଦାନ କରିଥାନ୍ତି । ତା'ପରେ ବିବାହ ଦିନ ସ୍ଥିର ହୋଇ ବିବାହ ବନ୍ଧନରେ ଆବଦ୍ଧ ହୋଇଥାନ୍ତି । ଏମାନଙ୍କୁ ସମାଜ ସ୍ୱୀକୃତି ଦେଇଥାଏ । ଏ କ୍ଷେତ୍ରରେ ସନ୍ତାନସନ୍ତତି ନ ହେବା ପୂର୍ବରୁ ଏମାନେ ବିବାହ ହୋଇଯାଇଥାନ୍ତି ।

**ସଗରତା ବିବାହ :** ଯଦି ବିବାହିତା ସ୍ତ୍ରୀଟି ନିଜ ସ୍ୱାମୀଙ୍କୁ ଛାଡ଼ି ଅନ୍ୟ ଜଣେ ପୁରୁଷକୁ ବିବାହ କରେ, ତେବେ ଦ୍ୱିତୀୟ ସ୍ୱାମୀ ପ୍ରଥମ ସ୍ୱାମୀଙ୍କୁ 'ସଗରତା ଡାବୁ' (ପତ୍ନୀ ଅଧିକାର ଟଙ୍କା ବା ଛାଡ଼ପତ୍ର ଟଙ୍କା) ଦେବାକୁ ପଡ଼ିଥାଏ । ସେ ଭୋଜିଭାତ ଦେଇ ବିବାହ ହୋଇଥାଏ ।

**ରାଣ୍ଡିବିବା ବା ବିଧବା ବିବାହ :** ସ୍ୱାମୀର ମୃତ୍ୟୁ ପରେ ବିଧବା ସ୍ତ୍ରୀଟି ପୁନଃ ବିବାହ କରିବା ପାଇଁ ସ୍ୱାଧୀନତା ପାଇଥାଏ । ଏ କ୍ଷେତ୍ରରେ ନିଜ ସ୍ୱାମୀର ବିବାହଯୋଗ୍ୟ ଭାଇଥିଲେ, ବିଧବାଟି ନିଜ ଦିଅରକୁ ବିବାହ କରିଥାଏ । ନିଜ ବୋହୂକୁ ଅନ୍ୟ କାହାଘରକୁ ନ ଛାଡ଼ି ନିଜ ଘରେ ରଖିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଯଦି ମୃତ ସ୍ୱାମୀର ବିବାହଯୋଗ୍ୟ ଭାଇ ନଥାନ୍ତି ତେବେ ତା'ପସନ୍ଦର ଅନ୍ୟ କେଉଁ ପୁରୁଷକୁ ବିବାହ କରିବା ପାଇଁ ଅଧିକାଂଶ ଆଦିବାସୀ ସମାଜ ସ୍ୱାଧୀନତା ପ୍ରଦାନ କରିଥାନ୍ତି । ବିଧବାଟିର ବିବାହ ସମ୍ପର୍କରେ ଅନ୍ୟମାନଙ୍କୁ ଅବଗତ କରିବା ନିମନ୍ତେ କେବଳ ଭୋଜି ଦିଆଯାଇଥାଏ ।

**ଘରଜ୍ୱାଇଁ ବିବାହ :** ବରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲେ ଓ 'ସେଝଲାଡାବୁ' (କନ୍ୟାସୁନା) ଦେବାରେ ଅସମର୍ଥ ଥିଲେ କିମ୍ବା କନ୍ୟାପିତା ନିଃସନ୍ତାନ ଥିଲେ ଘରଜ୍ୱାଇଁ ବିବାହ କରାଯାଇଥାଏ । ଏହି ବିବାହରେ ବର ତା'ର ମନଲାଖି କନ୍ୟାଟିକୁ ବିବାହ କରିବା ପାଇଁ ଶ୍ୱଶୁରଘରେ ପ୍ରାୟ ତିନିବର୍ଷ ରହି ଚାଷକାର୍ଯ୍ୟ ସହ ଅନ୍ୟାନ୍ୟ ଘରକରଣା କରିଥାଏ ତାର କାର୍ଯ୍ୟରେ କନ୍ୟାପିତା ସନ୍ତୁଷ୍ଟ ହେଲେ ନିଜ କନ୍ୟାସହ ବିବାହ କରିଥାନ୍ତି । ବିବାହର ସମସ୍ତଖର୍ଚ୍ଚ କନ୍ୟାପିତା ବହନ କରିଥାନ୍ତି । ଏହି ବିବାହ ନିରାଡମ୍ବରଭାବେ ପାଳନ କରାଯାଇଥାଏ । କନ୍ୟାପିତାମାତାଙ୍କ ବୃଦ୍ଧାବସ୍ଥାରେ ଯତ୍ନନେବା ଓ ଘରର ସମସ୍ତ ଦାୟିତ୍ୱ ବହନ କରିବା ଲକ୍ଷ୍ୟ ନେଇ କନ୍ୟାପିତା ଏକ ଉତ୍ତମ ଘରଜ୍ୱାଇଁ ବାଛିଥାନ୍ତି ।

**ଏକାଧିକପତ୍ନୀ ବିବାହ :** ପତ୍ନୀଟି କୌଣସି ଦୁଃସାଧ ରୋଗରେ ଆକ୍ରାନ୍ତହେଲେ, ସନ୍ତାନ ଜନ୍ମ ନ ହେଲେ କିମ୍ବା ଅନ୍ୟ ପୁରୁଷସହ ସମ୍ପର୍କରଖି ଘର ଛାଡ଼ିଚାଲିଗଲେ ଜଣେ ପୁରୁଷ ଏକାଧିକ ପତ୍ନୀ ବିବାହ କରିବା ପ୍ରଥା ପ୍ରଚଳିତ ।

ବିବାହର ପୂର୍ବଦିନ ଘରର ଇଷ୍ଟଦେବୀ, ଡୁମ୍ବାଦେବତା ଓ ଗ୍ରାମ ଦେବତୀ 'ହୁଣ୍ଡି'ଙ୍କୁ ଫୁଲ, ଦୀପ, ଧୂପ, ନଡ଼ିଆ, କୁକୁଡ଼ା ଓ ଅଣ୍ଡା ଅର୍ପଣ କରିଥାନ୍ତି । ଏହାକୁ 'ଘରଯାତ୍‌ରା' କୁହାଯାଏ । ନିଜେ ଗୃହକର୍ତ୍ତା ଘରର ଦେବଦେବୀଙ୍କୁ ଆବାହନକରି ସନ୍ତୋଷ ବିଧାନ କରିଥାନ୍ତି ଓ 'ହୁଣ୍ଡି'ଠାରେ ଗ୍ରାମର ପୂଜାରୀ ବିବାହ କାର୍ଯ୍ୟ କିପରି ନିର୍ବିଘ୍ନରେ ହେବ, ଏହା ପ୍ରାର୍ଥନା କରି ପୂଜା ଆରାଧନା କରିଥାନ୍ତି । ପେଣ୍ଟିଆମାନଙ୍କ ବିବାହ କାର୍ଯ୍ୟ ତିନିଦିନ ଧରି ଚାଲେ । ଏମାନେ ବିବାହ ବେଦିରେ ତାଳପତ୍ରର ଏକ ଛାମୁଣ୍ଡିଆ କରି ଏହାର ଚାରୋଟି ଖୁଣ୍ଟରେ ସୁନ୍ଦରଭାବେ ଚିତ୍ରିତ ହୋଇଥିବ । ମାଟିହାଣ୍ଡିମାନ ସଜାଇଥାନ୍ତି । ନିଜଗୃହକୁ ଧଳା, ଲାଲ, କଳା ମାଟିରେ ଅତି ପରିଚ୍ଛନ୍ନ ଓ ଆକର୍ଷଣୀୟଭାବେ ଲିପାପୋଛା କରିଥାନ୍ତି । ବିଭିନ୍ନ ରଙ୍ଗୀନ କାଗଜ ସହ ଆମ୍ବପତ୍ରର ତୋରଣ ଓ ବିବାହ ବେଦିରେ ଅଙ୍କିତ ଝୋଟି ଏମାନଙ୍କ କଳାପ୍ରବଣତାର ନିଦର୍ଶନ ।

**ମୃତ୍ୟୁ ସଂସ୍କାର :** ପେଣ୍ଟିଆ ପରିବାରରେ କେହି ମୃତ୍ୟୁବରଣ କଲେ ଏହି ଦୁଃଖଦ ସମ୍ବାଦଟି ସ୍ୱଳ୍ପ ସମୟ ମଧ୍ୟରେ ଚାରିଆଡ଼େ ପ୍ରଚାରିତ ହୋଇଯାଏ । ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ସହ ଗ୍ରାମର ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ସଦସ୍ୟ ସାଙ୍ଗରେ ଖଣ୍ଡେ ନୂଆ ଧଳା ଗାମୁଛା ଧରି ମୃତବ୍ୟକ୍ତିର ଘରେ ତତ୍‌କ୍ଷଣାତ୍ ପହଞ୍ଚିଯାଆନ୍ତି । ସମସ୍ତେ ସମବେତ ହେବାପରେ ଶବଟିକୁ ଶ୍ମଶାନକୁ ନିଆଯାଏ । ଏମାନେ ଅଧିକାଂଶ ଶବକୁ ପୋଡ଼ି ଦେଇଥାନ୍ତି । କିନ୍ତୁ, ବସନ୍ତ, ମିଳିମିଳା କିମ୍ବା ଅନ୍ୟ କୌଣସି ଦୁଃସାଧ ରୋଗରେ କେହି ମୃତ୍ୟୁବରଣ କଲେ ଶବଟିକୁ ଶ୍ମଶାନରେ ପୋତି ଦେଇଥାନ୍ତି । କାହାର ଆକସ୍ମିକ ଓ ଅସ୍ୱାଭାବିକ ମୃତ୍ୟୁଘଟିଲେ କୌଣସି ଅନିଷ୍ଟ ଶକ୍ତି କିମ୍ବା ଡୁମ୍ବା ଦେବତା ଖାଇଦେଲା ବୋଲି ଏମାନଙ୍କ ଦୃଢ଼ ବିଶ୍ୱାସ । ମୃତବ୍ୟକ୍ତିଙ୍କୁ ହଳଦୀଲଗାଇ ଗାଧୋଇ ଦିଅନ୍ତି ଓ ଏକ ଧଳା ଲୁଗା ପିନ୍ଧାଇ ଦିଅନ୍ତି । ବାଉଁଶ ଓ ପାଳ (ନଡ଼ା)ରେ ଡାଙ୍ଗିଆ କରି ମୃତକର ବ୍ୟବହୃତ ବିଛଣା ପାରି ଶୁଆଇ ଦିଅନ୍ତି ଓ ଶବ ଉପରେ ଏକ ନୂଆ ଧଳାଲୁଗା ଘୋଡ଼େଇ ଦିଅନ୍ତି । ମୃତବ୍ୟକ୍ତିର ପୁଅ ଓ ବଂଶଧରମାନେ ଡାଙ୍ଗିଆର ଚାରିପଟେ କାନ୍ଧେଇ ଶ୍ମଶାନକୁ ବୋହି ନେଇଥାନ୍ତି । ବନ୍ଧୁ ଘରର ଜଣେ ବ୍ୟକ୍ତି ହାଣ୍ଡି ଖପରାରେ ନିଆଁରଖି ପାଳଦଉଡ଼ି ଶିକାରେ ଲମ୍ବାଇ ଶବଆଗରେ ଚାଲିଥାଏ । ଆଉ ଜଣେ ଗୋଟିଏ ବାଉଁଶ କୁଲାରେ ଲିଆ, ପଇସା ଓ କଉଡ଼ି ବିଞ୍ଚି ବିଞ୍ଚି ଚାଲିଥାଏ । ଶ୍ମଶାନକୁ ନେବା ରାସ୍ତାରେ ତିନିଗ୍ରାମର ସନ୍ଧି 'ବେଜରନା' ଠାରେ ଶବକୁ ତଳେ ରଖାଯାଏ । ଏକପତ୍ର ଚକ୍‌ନି (ଦନା)ରେ ଲିଆ, ଚାଉଳ ଓ ବାସିପେଜ ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଅର୍ପଣ କରି କହିଥାନ୍ତି ''ସେ କୁଳରେ ମିଶିବା ପର୍ଯ୍ୟନ୍ତ ଖାଇକି ରହ ।'' ଶବ ସହ ଶ୍ମଶାନକୁ ଯାଇଥିବା ଲୋକମାନେ ବାଉଁଶ କୁଲାରେ ଥିବା ଧାନରୁ କିଛି ଶବ ଉପରେପକାଇଥାନ୍ତି । ଶ୍ମଶାନରେ

କାଠକୁ ସଜେଇ ଜୁଇ ପ୍ରସ୍ତୁତ କରାଯାଏ । ଶବର ମୁଣ୍ଡକୁ ଉତ୍ତର ଦିଗକୁ ଶୁଆଇ ଦିଆଯାଏ । ମୃତ ବ୍ୟକ୍ତିର ଦୁଇ ପୁଅ ଥିଲେ ଜଣେ ମୁଣ୍ଡ ପଟେ ଓ ଅନ୍ୟ ଜଣେ ଗୋଡ଼ ପଟେ ନିଆଁ ଲଗାଇଥାନ୍ତି । ଯଦି ମୃତବ୍ୟକ୍ତିର କେହି ପୁଅ ନଥାନ୍ତି, ତେବେ ନିଜ ବଂଶର କେହି ଜଣେ ମୁଖାଗ୍ନି ଦେଇଥାନ୍ତି । ମୁଖାଗ୍ନି ପୂର୍ବରୁ ଶବକୁ ତିନିଥର କୋକେଇ ଚାରିପଟେ ବୁଲାଇଥାନ୍ତି ଓ ଶବ ଉଦ୍ଦେଶ୍ୟରେ କହିଥାନ୍ତି ''ତମଘରେ ନିଆଁ ଲାଗିଯାଇଛି, ଲିଭାଇବାକୁ ଯା' । ଶବର ମୁଣ୍ଡ ପଟେ ଜଣେ ଟାଙ୍ଗିଆ ଧରି ଓ ଅନ୍ୟଜଣେ ଶବର ଗୋଡ଼ ପଟେ ଧରିଥିବା ଶାବଳକୁ ଅଦଳବଦଳ କରିଥାନ୍ତି । ଶବ ଉପରେ ସମସ୍ତେ ଆଣିଥିବା ନୂଆ ଗାମୁଛାକୁ ପକାଇ ଦେଇଥାନ୍ତି । ଚାରି/ପାଞ୍ଚଜଣ ଲୋକ ଶବ ପୋଡ଼ିବା ପର୍ଯ୍ୟନ୍ତ ଶ୍ମଶାନରେ ରହନ୍ତି ଓ ଅନ୍ୟମାନେ ନଦୀ କିମ୍ବା ପୋଖରୀରେ ଗାଧୋଇ ଫେରିଥାନ୍ତି । ପୁରୁଷମାନେ ଗାଧୋଇ ସାରି ଫେରିବା ପରେ ସ୍ତ୍ରୀମାନେ ଧାଡ଼ି ହୋଇ ଗାଧେଇବାକୁ ଯାଇଥାନ୍ତି ।

**ତୃତୀୟ ଦିନର ପିତା ଖିଆ :** ମୃତ୍ୟୁର ତୃତୀୟ ଦିନ ଆତ୍ମୀୟସ୍ୱଜନମାନେ ଶ୍ମଶାନକୁ ଯାଇ ପୋଡ଼ାଯାଇ ଥିବା ସ୍ଥାନରେ ପାଣି ଢ଼ାଳି ପାଉଁଶ ସବୁ ଏକାଠି କରନ୍ତି । ଏକ ନୂଆ କଳସୀରେ ଅସ୍ଥି ସଂଗ୍ରହ କରନ୍ତି । ଅସ୍ଥି ରଖାଯାଇଥିବା କଳସୀକୁ ଆମ୍ବ ଡାଳ ବାନ୍ଧି ଶ୍ମଶାନର ଗୋଟିଏ କୋଣରେ ପୋତିଦିଅନ୍ତି । ଶ୍ମଶାନରେ ଲିଆ, ଗୁଡ, ନଡ଼ିଆ ଓ କଦଳୀ ଅର୍ପଣ କରିଥାନ୍ତି । ଶ୍ମଶାନରେ ରଖାଯାଇଥିବା ଅସ୍ଥିକୁ ନଦୀ କିମ୍ବା ସମୁଦ୍ର ଜଳରେ ଏକବର୍ଷ କିମ୍ବା ତିନିବର୍ଷ ପରେ ବିସର୍ଜନ କରିଥାନ୍ତି । ମୃତ୍ୟୁର ତୃତୀୟ ଦିନର କର୍ମକୁ 'ପିତାଖିଆ' କୁହାଯାଏ । ଏହିଦିନ ଘରେ କଲରାଡାଳ, ଆମ୍ବଛାଲି, କ୍ଷୀର, ପଣା ଓ ଶୁଖୁଆ ମିଶାଇ ପାଟିରେ ଛୁଅଁନ୍ତି । କଷାପାଣି ଘରସାରା ଛିଞ୍ଚନ୍ତି । ଏହିଦିନ 'ବନ୍ଧୁଘର' (ଅନ୍ୟଗୋତ୍ର)ର ଲୋକେ ରାନ୍ଧି ଖାଇବାକୁ ଦେଇଥାନ୍ତି । ମୃତ୍ୟୁ ସଂସ୍କାର ପର୍ଯ୍ୟନ୍ତ ଏକ ଓଳିଆ ଭୋଜନର ନିୟମ ରହିଥାଏ । ଏମାନେ ଦଶଦିନ ପର୍ଯ୍ୟନ୍ତ ତେଲ ଓ ଆମିଷ ଛୁଇଁ ନଥାନ୍ତି ।

**ଦଶାହ କର୍ମ :** ମୃତ୍ୟୁର ଦଶଦିନରେ ସମସ୍ତେ ଶୁଦ୍ଧ ହୋଇଥାନ୍ତି । ଜ୍ଞାତି, କୁଟୁମ୍ବ ଓ ବନ୍ଧୁବାନ୍ଧବ ସମସ୍ତେ ନଦୀ କିମ୍ବା ପୋଖରୀକୁ ଯାଇ ତେଲ ଲଗେଇ ଗାଧୋଇ ଥାନ୍ତି । ନିଜବଂଶ ଲୋକେ ମୁଣ୍ଡନ ହୋଇଥାନ୍ତି । ପୁରୁଷ ଲୋକମାନେ ପୁରୁଣା ପଇତା ବଦଳାଇ ନୂଆ ପଇତା ଧାରଣ କରନ୍ତି । ସ୍ୱଚ୍ଛଳ ପରିବାରରେ ସମସ୍ତେ ନୂଆଲୁଗା ପିନ୍ଧନ୍ତି । ଗରିବ ପରିବାରେ କେବଳ ବଂଶଜମାନେ ନୂଆ ଲୁଗା ପିନ୍ଧି ଘରକୁ ଫେରନ୍ତି ।

ଗାଧୋଇବା ଘାଟରେ ମୃତବ୍ୟକ୍ତିର ଏକ ମୂର୍ତ୍ତି ତିଆରି କରାଯାଏ । ସମସ୍ତେ ଗାଧୋଇ ସାରିବା ପରେ ମୃତବ୍ୟକ୍ତି ଉଦ୍ଦେଶ୍ୟରେ ହଳଦିଆ ଚାଉଳ ପକାଇ ଜୁହାର କରନ୍ତି । ମୃତବ୍ୟକ୍ତିର ପୁଅ ନୂଆ ହାଣ୍ଡିରେ ଭାତ ରାନ୍ଧି କଦଳୀ ପତ୍ରରେ ରଖେ ଓ ହାଣ୍ଡିଟିକୁ ଭାଙ୍ଗି ଦଶଟି ଖପରା କରେ । ଉକ୍ତ ଦଶଟି ଖପରାରେ ରନ୍ଧାଯାଇଥିବା ଭାତ ବାଢ଼ି ଡ଼ିସାରୀର ମନ୍ତ୍ର ପାଠ ପ୍ରକାରେ ଜଳରେ ଗୋଟିଏ ପରେ ଗୋଟିଏ ଭସାଇ ଦିଏ । ପିତୃ ପୁରୁଷକୁ ଲିଆ, କ୍ଷୀର ଓ ଚାଉଳ ଅର୍ପଣ କରି ଶୁଭଦୃଷ୍ଟିରେ ଦେଖିବା ପାଇଁ ପ୍ରାର୍ଥନା କରେ । ପ୍ରତ୍ୟେକ ଲୋକ ମୃତ ବ୍ୟକ୍ତିର ମୂର୍ତ୍ତି ଉପରେ ହଳଦିଆ ଚାଉଳ ପକାଇ ଜୁହାର କରି ଘରକୁ ଫେରନ୍ତି । ପୁରୁଷମାନେ ଗାଧୋଇ ସାରିବା ପରେ ମହିଳାମାନେ ଗାଧୋଇ ସାରି ଜଳଘାଟରେ ଥିବା ମୂର୍ତ୍ତିକୁ ଲିଆ, କ୍ଷୀର ଓ ଚାଉଳ ଅର୍ପଣ କରନ୍ତି । ହଳଦିଆ ଚାଉଳ ପକାଇ ଜୁହାର କଲା ପରେ ମାଟିର ମୂର୍ତ୍ତିଟିକୁ ପାଣିରେ ଭସେଇ ଫେରିଆସନ୍ତି । ପୂର୍ବରୁ ସେଠାରେ ଶୁଦ୍ଧକ୍ରିୟା ପାଇଁ ତିଆରି କରାଯାଇବା କୁଡ଼ିଆରେ ନିଆଁ ଲଗେଇ ଦିଅନ୍ତି । ସମସ୍ତେ ଏକ ଧାଡ଼ି ହୋଇ ଘରକୁ ଫେରନ୍ତି । ପିଣ୍ଡାରେ ରଖାଯାଇଥିବା ପାଣିରେ ଗୋଡ଼ଧୋଇ ତୁଣ୍ଡରେ ଚାଉଳ ଓ ତୁଳସୀ ପତ୍ର ଦେଇ ଘରେ ପ୍ରବେଶ କରିଥାନ୍ତି ।

ଦଶାହ ରାତିରେ ମୃତବ୍ୟକ୍ତିର ଭଣଜା, ଯାହାକୁ 'ଜଳିକାରିଆ' କୁହାଯାଏ, ସେ ଘର ଭିତରେ ଏକ କଦଳୀ ପତ୍ରରେ ଚାଉଳଚୁନା ରଖନ୍ତି ଓ ତା' ଉପରେ ଏକ ନୂଆ ହାଣ୍ଡିରେ ସୂତାବାନ୍ଧି ଘୋଡେଇ ଦିଅନ୍ତି । ସକାଳୁ ପାହିଲେ ଚାଉଳଚୁନା ଉପରେ ଘୋଡ଼ାଯାଇଥିବା ମାଟିହାଣ୍ଡିକୁ ବାହାର କରି ତୁମ୍ଭା ଦେଖନ୍ତି । ଚୁନା ଉପରେ ହାତୀ, ଘୋଡ଼ା, କୁକୁର ଧାନ ଶିଶା ପ୍ରଭୃତି ପଶୁପକ୍ଷୀ ଓ ଶସ୍ୟାଦିର ଚିହ୍ନ ଥିଲେ ମୃତ ଲୋକଟି ସେହି ଯୋନିରେ ଜନ୍ମ ନେଇଛି ବୋଲି ବିଶ୍ୱାସ କରନ୍ତି । ଦଶାହ ଦିନ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଓ ଗ୍ରାମବାସୀମାନେ ଭୋଜି ଖାଇ ନାଚଗୀତରେ ମଜ୍ଜି ରହନ୍ତି । ଏକାଦଶ ଦିନ ବଡ଼ିଭୋର ସମୟରେ ମୃତ ବ୍ୟକ୍ତିର ଭଣଜା ନଦୀ କିମ୍ୱା ପୋଖରୀକୁ ଯାଇ ପୂର୍ବରୁ ଲୁଚାଇଥିବା କୌଣସି ବସ୍ତୁ ଖୋଜି ବାହାର କରେ । ଜଳରୁ ମାଛ, ବେଙ୍ଗ ଯାହା ମିଳେ ତାକୁ ଗୋଟିଏ ଛୋଟ ମାଠିଆରେ ଧରି ଘରକୁ ଫେରେ । ତା' ସାଙ୍ଗରେ ଯାଇଥିବା ଲୋକମାନେ ବାସନକୁସନ ବଜାଇ ବଜାଇ ଘରକୁ ଫେରନ୍ତି । ସେ ଘରକୁ ଫେରି ପିଣ୍ଡାରେ ରହେ । ଘରେ ଥିବାବେଳେ ତାକୁ କହନ୍ତି ''ଏଠାରେ ପରଦେଶିଆ ଲୋକଙ୍କୁ ଜାଗା ନାହିଁ, ଫେରିଯାଅ ।'' ଏପରି ତିନିଥର କହନ୍ତି ଓ ସେ ତିନିଥର ବାହୁଡ଼ିଯାଏ । ଶେଷରେ ସେ କହେ ''ଆମେ ଗୟା, ଗଙ୍ଗା ଯାଇଥିଲୁ, ରାତି ହେଲା, ଆମକୁ ଖଣ୍ଡେ ଜାଗାଦିଅ ।'' ଏହା କହିବା ପରେ ଭଣଜାକୁ ଗାଁରେ ପ୍ରବେଶ କରିବାକୁ ଅନୁମତି ଦିଆଯାଏ । ରାତିସାରା ଭୋଜିଭାତ ଓ ନୃତ୍ୟଗୀତରେ ସମସ୍ତେ ଆନନ୍ଦ ଅନୁଭବ କରିଥାନ୍ତି । ସ୍ୱଚ୍ଛଳ ବର୍ଗର ଲୋକେ ସ୍ଥାନୀୟ 'ଦେଶିଆନାଟ' ଡକାଇ ରାତିସାରା ମଞ୍ଚସ୍ଥ କରାଇଥାନ୍ତି ।

ପେଣ୍ଠିଆ ଆଦିବାସୀ ସମ୍ପ୍ରଦାୟଙ୍କ ସମେତ ଅନ୍ୟାନ୍ୟ ଆଦିବାସୀମାନଙ୍କ ପିତୃପୁରୁଷ ପୂଜା, ପ୍ରକୃତିପୂଜା ତଥା ବିଭିନ୍ନ ସାମାଜିକ ଓ ଧର୍ମୀୟ ରୀତିନୀତି ଭାରତୀୟ ସମାଜ ଓ ସଂସ୍କୃତିକୁ ବିଶେଷ ଭାବେ ସମୃଦ୍ଧ ଓ ପରିପୁଷ୍ଟ କରିଆସିଛି, ଏଥିରେ ଦ୍ୱିମତ ନାହିଁ ।

(ଲେଖାଟି ପ୍ରସ୍ତୁତ କରିବାରେ ସର୍ବଶ୍ରୀ ଗୋରା ପେଣ୍ଠିଆ, ୭୫ ବର୍ଷ, କାଉଡ଼ିଆଗୁଡ଼ା, ମହେଶ୍ୱର ପେଣ୍ଠିଆ, ୪୫ବର୍ଷ, କୁନି ପେଣ୍ଠିଆ, ୪୦ ବର୍ଷ, କାଉଡ଼ିଆ ଗୁଡ଼ା, ଭଗବାନ ପେଣ୍ଠିଆ, ୪୫ ବର୍ଷ, ଅଞ୍ଚଳ ତଥ୍ୟ ଯୋଗାଇଥିବାରୁ ଲେଖକ କୃତଜ୍ଞ) । ଆଦିବାସୀ ଗବେଷଣା ମଞ୍ଚ, ସା/ପୋ-କୁନ୍ଦ୍ରା, ଭା-ଜୟପୁର, ୭୬୪୦୦୨, ଜି-କୋରାପୁଟ, ଫୋନ୍-୯୪୩୮୫୧୬୩୩୨ ।

# ବଣୁଆ ଖଡ଼ିଆ ସଂସ୍କୃତି

- ଡ ବିନୋଦ କୁମାର ନାଏକ

ବଣୁଆ ଖଡ଼ିଆ ଜନଜାତିର ଲୋକମାନେ ମୟୂରଭଞ୍ଜ ଜିଲ୍ଲାର ଅଧିବାସୀ । ଏମାନେ ନିଜକୁ ମୟୂରଭଞ୍ଜ ଜିଲ୍ଲାର ମୂଳନିବାସୀ ବୋଲି ଦାବି କରନ୍ତି । ଏମାନଙ୍କର ବଦ୍ଧଧାରଣା ଏମାନେ ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦିପୂଜକ ବିଶ୍ୱାବସୁଙ୍କ ବଂଶଧର । ବ୍ରାହ୍ମଣ ଯୁବକ ବିଦ୍ୟାପତି ପ୍ରତାରଣା କରି ଖଡ଼ିଆ ଶବର କନ୍ୟା ଲଳିତାକୁ ପ୍ରେମ ଜାଲରେ ଫସେଇ ଠାକୁର ନୀଳମାଧବଙ୍କୁ ଚୋରିକରି ନେଇଯାଇଥିବାରୁ ଖଡ଼ିଆମାନେ ବ୍ରାହ୍ମଣମାନଙ୍କୁ ନାପସନ୍ଦ କରନ୍ତି । ସେମାନେ ବ୍ରାହ୍ମଣମାନଙ୍କୁ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ କର୍ମକର୍ମାଣିରେ ନିୟୋଜିତ କରନ୍ତି ନାହିଁ ।

କିମ୍ବଦନ୍ତୀ ରହିଛି - ମୟୂରୀର ଅଣ୍ଡାରୁ ମୟୂରଭଞ୍ଜର ତିନୋଟି ଜାତିର ଉତ୍ପତ୍ତି । ଅଣ୍ଡାର ହଳଦିଆ ଅଂଶରୁ ମୟୂରଭଞ୍ଜର ରାଜବଂଶ (ଭଞ୍ଜବଂଶ), ଧଳା ଅଂଶରୁ ଭଞ୍ଜ ପୁରାଣ ଓ ଅଣ୍ଡାର ଖୋଳପାରୁ ଖଡ଼ିଆ ଜାତିର ସୃଷ୍ଟି ହୋଇଛି । ଶହ ଶହ ବର୍ଷ ପୂର୍ବେ ଖଡ଼ିଆମାନେ ଜଙ୍ଗଲରୁ ଖାଦ୍ୟ ସଂଗ୍ରହ ଓ ପଶୁପକ୍ଷୀ ଶିକାର କରି ଜୀବିକା ନିର୍ବାହ କରୁ ନ ଥିଲେ । ସେମାନେ ଜଙ୍ଗଲର ସମତଳ ଅଞ୍ଚଳରେ ଚାଷବାସ କରି ଜୀବିକା ନିର୍ବାହ କରୁଥିଲେ । ସେମାନେ ତାଙ୍କ ଜାତିର ସର୍ଦ୍ଦାର ଜଗୁଡ଼ିଗର (ଖଡ଼ିଆ) ଅଧୀନରେ ମୟୂରଭଞ୍ଜର ଯଶିପୁର ଅଞ୍ଚଳରେ ଖୁସିବାସିରେ ବସବାସ କରୁଥିଲେ । ଏ ଅଞ୍ଚଳର ପ୍ରଚଳିତ ମୌଖିକ ଇତିହାସ ଅନୁଯାୟୀ ଅନ୍ୟ ଏକ ଆଦିବାସୀ ଗୋଷ୍ଠୀ - ବାଥୁଡ଼ି ଗୋଷ୍ଠୀର ଲୋକମାନେ ଏ ଅଞ୍ଚଳକୁ ବାରମ୍ବାର ଆକ୍ରମଣ କଲେ । ଖଡ଼ିଆମାନେ ପରାଜିତ ଓ ବିଭାଜିତ ହୋଇ ଶିମିଳିପାଳର ପାର୍ବତ୍ୟ ଅଞ୍ଚଳକୁ ପଳାଇ ଗଲେ ଓ ସେଠାରେ ବସତି ସ୍ଥାପନ କରି ବସବାସ କଲେ ଓ ବାଧ ହୋଇ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଜୀବିକା ପାଇଁ ନିର୍ଭରଶୀଳ ହେଲେ । ଜଙ୍ଗଲରୁ ଝୁଣା, ପାଳୁଅ, ମହୁ ଆଦିକୁ ସଂଗ୍ରହ କରି ଓ ତାକୁ ବିକ୍ରିବଟା କରି ଜୀବିକା ନିର୍ବାହ କରିବାକୁ ବାଧ ହେଲେ । ସେମାନେ ଏବେ ଜଙ୍ଗଲରୁ ଖେଜୁରୀ ପତ୍ର ଓ ଝାଡୁଘାସ ସଂଗ୍ରହ କରୁଛନ୍ତି । ଖେଜୁରୀ ପତ୍ରର ଚଟେଇ ବୁଣନ୍ତି ଓ ଝାଡୁଘାସରୁ ଫୁଲଝାଡୁ ତିଆରି କରନ୍ତି । ଏ ସମସ୍ତ ଜଙ୍ଗଲଜାତ ଦ୍ରବ୍ୟକୁ କୋହ୍ଲ (ହୋ) କୁଲ୍‌ମି, ସାନ୍ତାଳ, ବାଥୁଡ଼ି ଆଦି ଜାତିର ଲୋକଙ୍କୁ ବିକ୍ରି କରି ଗୁଜୁରାଣ କରନ୍ତି । ଅବଶ୍ୟ ଏମାନେ ଏବେ ଚାଷ କାମରେ ମୂଲ ମଜୁରୀ କରି ମଧ ପେଟ ପୋଷୁଛନ୍ତି । କାରଣ ଶିମିଳିପାଳ ପର୍ବତ ମାଳା (ଅଭୟାରଣ୍ୟ)କୁ ପ୍ରବେଶ କରିବା କଟକଣା ଅଛି ଓ ଆଉ ମଧ ଜଙ୍ଗଲରେ ପର୍ଯ୍ୟାପ୍ତ ପରିମାଣର ମହୁ, ଝୁଣା ଓ ପାଳୁଅ ଆଦି ମିଳୁନାହିଁ । ଏମାନେ ଶାଳପତ୍ର ଓ ଶିଆଳି ପତ୍ରକୁ ଜଙ୍ଗଲରୁ ସଂଗ୍ରହ କରି ଖଳିଦନା ତିଆରି କରି ତାକୁ ବିକି ପେଟ ପୋଷୁଛନ୍ତି । ଏମାନେ ଅତି ଅନଗ୍ରସର । ଏମାନଙ୍କ ଆର୍ଥିକ ଅବସ୍ଥା ଅତି ଶୋଚନୀୟ । ସରକାର ଏମାନଙ୍କୁ ଅତି ଅନଗ୍ରସର ଆଦିମ ଜନଜାତି (Primitive Tribal Group)ରୂପେ ଚିହ୍ନଟ କରି ତାଙ୍କର ସର୍ବାଙ୍ଗୀନ (ସ୍ୱାସ୍ଥ୍ୟ, ଶିକ୍ଷା ଓ ଆର୍ଥିକ ଅବସ୍ଥାର) ଉନ୍ନତି ପାଇଁ ୧୯୮୭ ମସିହା ଠାରୁ ଏକ ଅଣୁ ପ୍ରକଳ୍ପ (Micro Project) ଯଶିପୁର ଠାରେ ସ୍ଥାପନ କରିଛନ୍ତି । ଏହା କରଞ୍ଜିଆ ଓ ଯଶିପୁର ବ୍ଲକ୍‌ରେ ରହୁଥିବା ମାଙ୍କିଡ଼ିଆ ଓ ବଣୁଆ ଖଡ଼ିଆଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପଦକ୍ଷେପ ନେଉଛି । ଏମାନେ ପାହାଡ଼ ପର୍ବତରେ ଛୋଟ ଛୋଟ କୁଡ଼ିଆ (ଭୁଗୁଲା ଘର) କରି ରହୁଥିବାରୁ ବୋଧହୁଏ ଏମାନଙ୍କୁ Hill Kharia (ବଣୁଆ ଖଡ଼ିଆ) କୁହାଯାଏ । ଏମାନେ ଅବଶ୍ୟ ମୟୂରଭଞ୍ଜ ଜିଲ୍ଲାରେ କେବଳ ଖଡ଼ିଆ ରୂପେ ପରିଚିତ ।

ଏମାନେ ଯଶିପୁର ଓ କରଞ୍ଜିଆ ବ୍ଲକ୍ ସହିତ ମୟୂରଭଞ୍ଜ ଜିଲ୍ଲାର ସବୁ ବ୍ଲକ୍ ଯଥା - ଠାକୁରମୁଣ୍ଡା, କପ୍ତିପଦା, ଉଦଲା, ଗୋପବନ୍ଧୁ ନଗର, ଶ୍ୟାମାଖୁଣ୍ଟା, ମୋରଡ଼ା, ବାରିପଦା, ବାଙ୍ଗିରୀପୋଷି, ସାରସକୋଣା, କୁଳିଅଣା, ବିଶୋଇ, ବିଜାତଲା, ରାଇରଙ୍ଗପୁର, କୁସୁମି ଆଦି ବ୍ଲକ୍‌ରେ ମଧ୍ୟ ରହୁଥିବାର ଜଣାଯାଏ । ଏମାନଙ୍କ ଆଦିକାଳରୁ ଜୀବିକା ପାଇଁ ଜଙ୍ଗଲ ସହ ସମ୍ପର୍କ ରହି ଆସିଥିବାରୁ ଏମାନେ ଶିମିଳିପାଳ ବା ପାହାଡ଼ ତଳି ଅଞ୍ଚଳରେ ଦେଖିବାକୁ ମିଳେ । ଏମାନଙ୍କ ମାତୃଭାଷା ହେଉଛି ମୟୂରଭଞ୍ଜିଆ ଓଡ଼ିଆ ଭାଷା ।

## ଜୀବନ ଜୀବିକା :

ବଣୁଆ ଖଡ଼ିଆମାନେ ଜୀବିକା ପାଇଁ ଜଙ୍ଗଲ ପରିବେଶ ଉପରେ ନିର୍ଭରଶୀଳ । ସେମାନେ ଶିମିଳିପାଳ ପର୍ବତମାଳା ଓ ଅନ୍ୟ ଜଙ୍ଗଲ ଉପରେ ଜୀବିକା ପାଇଁ ନିର୍ଭର କରନ୍ତି । ସେମାନେ ବିଭିନ୍ନ ଋତୁରେ ଜଙ୍ଗଲଜାତ ସଂଗ୍ରହ କରିବା ସହ କୃଷି କର୍ମରେ ଶ୍ରମିକ କାମ କରିଥାନ୍ତି । କୃଷିକର୍ମ ଅପେକ୍ଷା ଜଙ୍ଗଲରୁ ଖାଦ୍ୟ ସଂଗ୍ରହ କରିବା ଓ ପଶୁପକ୍ଷୀ ଶିକାର କରିବା କାମ ବେଶୀ ନିରାପଦ ବୋଲି ତାଙ୍କର ଦୃଢ଼ ବିଶ୍ୱାସ । ସାଧାରଣତଃ ସେମାନେ ଅର୍ଦ୍ଧଯାଯାବର ଜୀବନଯାପନ ପ୍ରଣାଳୀ ଆପଣେଇ ଥାନ୍ତି । ସେମାନେ ଖାଦ୍ୟ ସଂଗ୍ରହ କରି ଓ ଜୀବଜନ୍ତୁ ଶିକାର କରି ବଞ୍ଚି ରହିଛନ୍ତି । ସେମାନେ ଖାଦ୍ୟ ସଂଗ୍ରହ କରିବା ଓ ଶୀକାର କରିବାକୁ ଚାରିଗୋଟି ମୁଖ୍ୟ ପ୍ରଣାଳୀ ଆପଣେଇଥାନ୍ତି । ଯଥା- ଗୋଟେଇବା, ଖୋଳିବା, ଗଛ ଚଢ଼ିବା ଓ ଗଛ କାଟିବା । ପ୍ରାକୃତିକ ମହୁ ବଢ଼ିବା ପାଇଁ ଶିମିଳିପାଳ ଜଙ୍ଗଲ ଅନୁକୂଳ ପରିବେଶ । ବଣୁଆ ଖଡ଼ିଆମାନେ ପାରମ୍ପରିକ ଭାବେ କୁଡ଼ିଆ ଘର ଜଙ୍ଗଲ ପାଖରେ ତିଆରି କରି ବସବାସ କରୁଥିବାରୁ ଏାମନେ କୋଉ ଆଦିକାଳରୁ ଜଙ୍ଗଲରୁ ମହୁ ସଂଗ୍ରହ କରି ଆସୁଛନ୍ତି । ସେମାନେ ଦୁଇ ପ୍ରକାର ମହୁ ଯଥା ବଡ଼ ବାଘୁଆ ମହୁ ଓ ସାନ ମହୁ ସଂଗ୍ରହ କରନ୍ତି । ବାଘୁଆ ମହୁମାନେ ପଥର ଗୁମ୍ଫାରେ କିମ୍ବା ବଡ଼ ଓ ଉଚ୍ଚଶାଳ ଗଛ ଶାଖାରେ ବା ଗଛର ଫମ୍ପା ଜାଗାରେ ବସା ବାନ୍ଧନ୍ତି । ଖଡ଼ିଆମାନେ ମହୁ ସଂଗ୍ରହ କରିବା ପାଇଁ ବାହାରି ଗଲା ବେଳେ ଛୋଟ ଛୋଟ ଦଳ ବାନ୍ଧି ପାଖରେ ଦଉଡ଼ି, କୁରାଢ଼ି, ଟିଣଡବା ଓ ନଡ଼ା ଦଉଡ଼ି ଧରିଥାନ୍ତି । ମହୁବସାରୁ ମହୁ ମାଛିକୁ ଘୋଉଡାଇବା ପାଇଁ ନଡ଼ା ଦଉଡ଼ିରେ ନିଆଁ ଲଗାଇ ଧୂଆଁ ଦିଅନ୍ତି । ସେମାନେ ମଧ୍ୟ ଉଚ୍ଚ ପଥରଗୁମ୍ଫା ବା ଡେଙ୍ଗା ଶାଳ ଗଛକୁ ଚଢ଼ିଲା ବେଳେ ପାଖରେ ଗୋଟିଏ ବାଉଁଶ ପାଛିଆ ରଖିଥାନ୍ତି । ଗଛ ଚଢ଼ିବା ପଥର ଗୁମ୍ଫାକୁ ଚଢ଼ିଲା ପରେ ପାଳ ଦଉଡ଼ିରେ ନିଆଁ ଲଗାନ୍ତି ଓ ନିଆଁ ଧୂଆଁକୁ ମହୁ ବସାକୁ ଦିଅନ୍ତି । ନିଆଁ ଯୋଗୁଁ ମହୁମାଛିମାନେ ମହୁବସାରୁ ହଟିଯାନ୍ତି । ଫଳରେ ତଳେ ମହୁ ସଂଗ୍ରହ କରୁଥିବା ଲୋକଙ୍କୁ ମହୁମାଛିର ଦଂଶନରୁ ରକ୍ଷା ମିଳିଥାଏ । ବେଳେବେଳେ ମହୁ ସଂଗ୍ରହ କରୁଥିବା ଗଛ ଚଢ଼ାଳି ବା ପଥର ଚଢ଼ାଳି ଉପରୁ ତଳେ ପଡ଼ି ଖଣ୍ଡିଆ ଖାବରା ହୁଏ କିମ୍ବା ମୃତ୍ୟୁ ମୁଖରେ ପଡ଼ିଥାଏ । ଏଣୁ ଏହା ଏକ ବିପଦଜନକ କାମ । କେତେକ ମହୁମାଛି ମାଟି ଗାତରେ ମହୁବସା ବାନ୍ଧିଥାନ୍ତି । ସେହି ଜାଗାକୁ ଖୋଳି ମହୁ ସଂଗ୍ରହ କରାଯାଏ । ମହୁ ରସ ମହୁ ଫେଣାକୁ ଚିପୁଡ଼ି ବାହାର କରି ଟିଣ ଡବାରେ ରଖାଯାଏ । ବର୍ଷର ମାର୍ଚ୍ଚ-ଜୁନ୍ ମାସବେଳେ ଓ ଅକ୍ଟୋବର-ନଭେମ୍ବର ବେଳେ ଶିମିଳିପାଳ ଜଙ୍ଗଲରେ ପ୍ରଚୁର ପରିମାଣର ମହୁ ମିଳେ ।

ଦୁଇ ବା ତିନି ଜଣ ଲୋକର ଦଳ ଛୁରି, ବୁଡ଼ିଆ (କୁରାଢ଼ୀ) ଓ ପାଛିଆ ଧରି ଜଙ୍ଗଲକୁ ଶାଳ ଗଛରୁ ଝୁଣା ସଂଗ୍ରହ କରିବା ପାଇଁ ଯାଆନ୍ତି । ଝୁଣା ସଂଗ୍ରହର ପ୍ରକୃଷ୍ଟ ସମୟ ହେଉଛି ବର୍ଷର ସେପ୍ଟେମ୍ବରରୁ ନଭେମ୍ବର ମାସ ପର୍ଯ୍ୟନ୍ତ ଓ ମାର୍ଚ୍ଚ ମାସ ଠାରୁ ଜୁନ୍ ମାସ ପର୍ଯ୍ୟନ୍ତ । ଏହି ସଂଗୃହିତ ଝୁଣାକୁ ବିକି ବେଶ ଟଙ୍କା ପଇସା ରୋଜଗାର କରନ୍ତି

ଖଡ଼ିଆମାନେ । ଶାଳ ଗଛର ଗଣ୍ଡିରେ କୁରାଢ଼ି ସାହାଯ୍ୟରେ ଖୋପ ତିଆରି କରାଯାଏ । ସେହି ଖୋପରେ ଗୋଡ଼ ରଖି ଗଛକୁ ଚଢ଼ାଯାଏ । ଗଛ ଚଢ଼ାଳିର ବେକ ଓ କାନ୍ଧରେ ବୁଡ଼ିଆ ଝୁଲୁଥାଏ ଓ ବାଉଁଶ ପାଛିଆକୁ ଅଣ୍ଟାରେ ବନ୍ଧାଯାଇ ଥାଏ । ଗଛ ଚଢ଼ିଲାପରେ ଗଛର ବକଳକୁ ଚାଞ୍ଛି ଝୁଣା ସଂଗ୍ରହକାରୀ ଝୁଣା ସଂଗ୍ରହ କରି ପାଛିଆରେ ରଖେ । ଶାଳ ଛାଲି ସହ ଝୁଣାକୁ ପାଛିଆରେ ରଖି ଘରକୁ ଦିଆଯାଏ । ଘରେ ଶାଳଗଛର ବକଳରୁ ଝୁଣାକୁ ଅଲଗା କରାଯାଇ ବିକ୍ରି କରାଯାଏ ।

ଜଙ୍ଗଲରୁ ମିଳୁଥିବା ପାଲୁଅର ଔଷଧୀୟ ଗୁଣ ଚାଷ କରାଯାଉଥିବା ପାଲୁଅ ଅପେକ୍ଷା ବେଶି । ମହୁ ଓ ଝୁଣା ସଂଗ୍ରହ କାମରେ ବିପଦ ରହିଥାଏ, କିନ୍ତୁ ପାଲୁଅ ସଂଗ୍ରହରେ ସେପରି ବିପଦ ନାହିଁ କିନ୍ତୁ ପାଲୁଅ ସଂଗ୍ରହ କରିବା ଏକ କଠିନ କାମ । ଏହାକୁ ସଂଗ୍ରହ କରିବାକୁ ହେଲେ ବହୁ ସମୟ ଧରି ବହୁ ପରିଶ୍ରମ କରିବାକୁ ହୁଏ । ପାଲୁଅ ସଂଗ୍ରହ କରିବାକୁ ଗଲାବେଳେ ସେଥିପାଇଁ ବୁଢ଼ା ଓ ରୁଗଣା ଲୋକଙ୍କୁ ଜଙ୍ଗଲକୁ ସାଥୀରେ ନିଆଯାଏ ନାହିଁ । ପାଲୁଅ ସଂଗ୍ରହ କରିବାକୁ ଲୋକମାନେ ଡିସେମ୍ବର-ମାର୍ଚ୍ଚ ମାସ ବେଳକୁ ଜଙ୍ଗଲକୁ ଯାଆନ୍ତି । ପାଣିସ୍ରୋତ ପାଖରେ କିମ୍ବା ନଦୀ କୂଳରେ ଅସ୍ଥାୟୀ କୁଡ଼ିଆ ଘର ତିଆରି କରି ରହନ୍ତି । ସେମାନେ ସଂଗ୍ରହ କରାଯାଉଥିବା ପାଲୁଅକୁ ପାଣିରେ ଧୋଇ ସଫାକରନ୍ତି । ପାଲୁଅ ସଂଗ୍ରହ ବେଳେ ଗାଣ୍ଡା (digging hoe) ବା ଶାବଳ, ଗାଞ୍ଜିଆ (ଶିଆଳି ଲଟାର ବଡ଼ ଜାଲ), ଛୋଟ ଛୁରୀ, ବଡ଼ ନୂଆ ହାଣ୍ଡି, ଖଣ୍ଡିଏ ଲୁଗା, ଆଦି କାମରେ ଲାଗିଥାଏ । ସେମାନେ ଗାଣ୍ଡା ସାହାଯ୍ୟରେ ପାଲୁଅ ଚେରକୁ ଖୋଳି ବାହାର କରନ୍ତି ଓ ତାକୁ ପାଣିରେ ବୁଡାଇ ସଫା କରନ୍ତି । ଚେର ଗୁଡ଼ିକୁ କାଟି ବହୁଥିବା ପାଣିରେ ପାଛିଆରେ ବା ପଥରରେ ବତୁରାଇ ରଖନ୍ତି । ଏହାକୁ ମୂଳକୁ ପଥରର ବାଲିରେ ଘଷିଥାନ୍ତି । ଏହାପରେ ଗୁଣ୍ଡ କରାଯାଇଥିବା ପାଲୁଅକୁ କନା ସାହାଯ୍ୟରେ ଛଣାଯାଇ (filtered) ଗୋଟିଏ ମାଟି ପାତ୍ରରେ ସଂଗ୍ରହ କରାଯାଏ । ଏହାପରେ ଛଣାଯାଇଥିବା ପାଲୁଅକୁ ବାରମ୍ବାର ପାଣିରେ ଧୁଆଯାଏ । ସବାଶେଷରେ ତାକୁ ଖରାରେ ଶୁଖାଯାଏ । ପାଲୁଅ ଶୁଖିଗଲେ ବ୍ୟବହାର ଉପଯୋଗୀ ହୁଏ । ପାହାଡ଼ି ଖଡ଼ିଆମାନେ କୁଶଳୀ ଶିକାରୀ ମଧ୍ୟ ।

ସେମାନେ ବଣରେ ହରିଣ, ସମ୍ବର, ବାରହା, ଠେକୁଆ ଆଦି ଜନ୍ତୁଙ୍କୁ ଶିକାର କରନ୍ତି । ସେମାନେ ଧନୁତୀର, ବର୍ଚ୍ଛା ଓ ବାଡ଼ ଆଦିକୁ ଶିକାର ବେଳେ ଅସ୍ତ୍ରରୂପେ ବ୍ୟବହାର କରନ୍ତି । ସେମାନେ ବଣକୁକୁଡ଼ା, ଝିଙ୍କ ପକ୍ଷୀ, ଗୁଣ୍ଡିଚିମୂଷା ଆଦି ଜନ୍ତୁଙ୍କୁ ଧରନ୍ତି । ଅବଶ୍ୟ ଏବେ ସେମାନେ ଜମିବାଡ଼ିରେ ଚାଷବାସ କରିବା ଶିଖିଲେଣି । ତଥା ତାଙ୍କର ମୁଖ୍ୟ ରୋଜଗାର ପନ୍ଥା ହେଉଛି ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ କରିବା । ଜଙ୍ଗଲ ଜାତ ଦ୍ରବ୍ୟଗୁଡ଼ିକ ହେଉଛି- ଝୁଣା, ଟସର, ମହୁ, ପାଲୁଅ, ଲାଖ, ମହୁସିଠା, ଗଛରୁ ନିର୍ଗତ ହେଉଥିବା ଅଠା ଆଦି । ସେମାନେ ଏହି ଦ୍ରବ୍ୟକୁ ହାଟରେ ବିକି ଥାନ୍ତି କିମ୍ବା ଧାନ ବା ଡାଲି ଜାତୀୟ ଖାଦ୍ୟ ସହ ବଦଳ କରିଥାନ୍ତି ।

ସେମାନେ ବାସ କରୁଥିବା ସ୍ଥାନରେ ମାଛ ମିଳନ୍ତି ନାହିଁ । ଏଣୁ ସେମାନେ ମାଛ ମାରିବା ଜୀବିକା କରି ନ ଥାନ୍ତି । ଅବଶ୍ୟ ବେଳେବେଳେ ନଦୀନାଳରୁ ମାଛ ଧରି ଖାଆନ୍ତି ।

ଖଡ଼ିଆ ସ୍ତ୍ରୀଲୋକମାନେ ନିଜର ବ୍ୟବହାର ପାଇଁ ଖେଜୁରୀ ପତ୍ରର ଚଟେଇ ବସିବା ଓ ଶୋଇବା କାମରେ ଲଗାନ୍ତି । ସେମାନେ ବାଉଁଶକୁ ଫଟାଇ ତା ଉପରେ ଆମ୍ବ ଜେଲିକୁ ଶୁଖାନ୍ତି । ସେମାନେ ନିଜର ବ୍ୟବହାର ପାଇଁ ଝୋଟ, ସବାଇ ଘାସ ଓ ଆଲୋଏ ଗଛର ପତ୍ରର ଦଉଡ଼ି ତିଆରି କରନ୍ତି । ସେମାନେ ମଧ୍ୟ ପତ୍ରର ଖୋଲି ଦନା ତିଆରି କରନ୍ତି ନିଜର ବ୍ୟବହାର ପାଇଁ କିମ୍ବା ବିକିବା ପାଇଁ ସେମାନେ ତେଲ ପେଡ଼ିବା ଜାଣନ୍ତି । ସେମାନେ ଶିଆଳି

ଦଉଡ଼ିରେ ତିଆରି 'ଟୋପା'ରେ ତୈଳବୀଜକୁ ରଖି ତା ଉପରେ ଓ ତଳେ ବଡ଼ କାଠ ପଟାର ଚାପ ଦେଇ ତେଲ ବାହାର କରିବା ଜାଣନ୍ତି । ସେମାନେ ଶିକାରରେ ବ୍ୟବହାର କରାଯାଉଥିବା ଯନ୍ତ୍ରପାତିକୁ (ଧନୁ ତୀରକୁ) ନିଜେ ବନେଇଥାନ୍ତି । ସେମାନ ମଧ୍ୟ କୃଷି ଉପକରଣ - ହଳଲଙ୍ଗଳ, କୁଆଳି ଆଦି, ମାଛ ଧରିବା ଜାଲ, ଶିକାରରେ ବ୍ୟବହୃତ ଯନ୍ତ୍ର, ଆଦିକୁ ନିଜେ ବନେଇଥାନ୍ତି । ସେମାନେ ଛେଳି, କୁକୁଡ଼ା, ମେଣ୍ଢା ଆଦିକୁ ଗୃହରେ ପାଳିଥାନ୍ତି । ସେମାନେ ଏହି ପଶୁପକ୍ଷୀଙ୍କୁ ମାରି ମକର ପର୍ବରେ, ବିବାହ ଉତ୍ସବରେ କିମ୍ବା ଶୁଦ୍ଧିକ୍ରିୟା ବେଳେ ଭୋଜିଭାତ କରନ୍ତି । ରୋଗ ବୈରାଗ୍ୟବେଳେ ବା ଦୈବିଦୁର୍ବିପାକ ବେଳେ ଏ ପଶୁପକ୍ଷୀଙ୍କୁ ବିକି ଖର୍ଚ୍ଚ ତୁଲାଇଥାନ୍ତି । ଏବେ ପରିସ୍ଥିତି ବଦଳିଲାଣି, ସେମାନେ ଆଉ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭର ନକରି ଛୋଟ ଛୋଟ କାରୋବାର କରିବା ଶିଖିଲେଣି ପନିପରିବା ବିକିବା, ଆଳୁ ପିଆଜ ଶୁଖୁଆ କାରୋବାର କରୁଛନ୍ତି ଆଉ କେତେକ ଲୋକ ସାଇକେଲ ରିପାୟରିଂ କାମ କରୁଛନ୍ତି ।

**ସମାଜିକ ଜୀବନ :**

ଜୀବନ ଚକ୍ରର ବିଭିନ୍ନ ସ୍ତର - ଗର୍ଭଧାରଣ, ଶିଶୁଜନ୍ମ, ଶୈଶବ ଅବସ୍ଥା, ଯୌବନ ଅବସ୍ଥା, ବିବାହ ଉତ୍ସବ, ବୃଦ୍ଧାବସ୍ଥା, ମୃତ୍ୟୁ ସହ ଥିବା ରୀତିନୀତିକୁ ପାହାଡ଼ି ଖଡ଼ିଆମାନେ ନିଷ୍ଠାର ସହ ପାଳନ କରନ୍ତି । ଛୁଆ ଜନ୍ମବେଳେ ଜଣେ ବୟସ୍କା ସ୍ତ୍ରୀ ଲୋକ ସାହାଯ୍ୟରେ ଆସିଥାଏ । ଖଡ଼ିଆମାନେ ଛୁଆ ଜନ୍ମ ଦିନଠାରୁ ନଅ ଦିନ ପର୍ଯ୍ୟନ୍ତ ଛୁତିକା ମାନନ୍ତି । ବେଳେବେଳେ ତାହା ଏକୋଇଶ ଦିନ ପର୍ଯ୍ୟନ୍ତ ପ୍ରଲମ୍ବିତ ହୁଏ । ଏହି ସମୟ ମଧ୍ୟରେ ଶିଶୁର ନାମକରଣ କରାଯାଏ । ମା' ଓ ଶିଶୁ ଜନ୍ମର ନବମ ଦିନ ବିଧିବଦ୍ଧ ଭାବେ ଗାଧୋଇଥାନ୍ତି । କେତେକ ପରିବାର ଏହି ଗାଧୋଇବା କ୍ରିୟାକୁ ୨୧ ଦିନକୁ କରନ୍ତି । ଗାଧୋଇବା ବେଳେ ଧାର୍ମିକ କର୍ମକାଣ୍ଡ କରାଯାଇ ଶିଶୁକୁ ନାମ ଦିଆଯାଏ । ଶିଶୁ ଜନ୍ମର ୫/୬ ବର୍ଷକୁ କାନଫୋଡ଼ା (ପର୍ବ) କରାଯାଏ ।

ବଣୁଆ ଖଡ଼ିଆ ସମାଜରେ ବିବାହ କମିଟିକୁ ବରପକ୍ଷ ଓ କନ୍ୟାପକ୍ଷର ଆପୋଷ ଆଲୋଚନା ମଧ୍ୟରେ କରାଯାଏ । ସେମାନେ ଯୁବକର ୨୦ ବର୍ଷ ବେଳକୁ ଓ ଯୁବତୀର ୧୫ ରୁ ୧୮ ବର୍ଷ ମଧ୍ୟରେ ବିବାହ କରାଇଥାନ୍ତି ।

ବଣୁଆ ଖଡ଼ିଆମାନେ ଏକ ପତ୍ନୀକ । ସେମାନେ ମାମୁଁ କିମ୍ବା ପିଇସାର ଝିଅକୁ ବିବାହ ହେବାକୁ ପସନ୍ଦ କରନ୍ତି । ଜୋରଜବରଦସ୍ତ ବିବାହ (ଝିଙ୍କା ବିବାହ), ପଳେଇ ଯାଇ ବିବାହ (ପ୍ରେମ ବିବାହ), ଆଦି ବିବାହ ମଧ୍ୟ ଦେଖିବାକୁ ମିଳେ । କୁଟୁମ୍ବ ମଧ୍ୟରେ ବିବାହ ନିଷେଧ । ବନ୍ଧୁ ପରିବାରର ପୁଅ ଓ ଝିଅଙ୍କ ମଧ୍ୟରେ ବିବାହ ହୁଏ । ବରପକ୍ଷ କନ୍ୟାପକ୍ଷକୁ କନ୍ୟାପଣ ଦିଏ । ଏହି ପଣରେ ଥାଏ ଟ. ୬୦.୦୦, ଛ ଗୋଟି ଲୁଗା, ଦୁଇ ମହଣ ଧାନ, ଦୁଇ ବାରେଲ ମଦ ଓ ଗୋଟିଏ ଛେଳି । ଏହା ବାଦେ ବିବାହ ବେଳେ ଲାଗୁଥିବା ଅନ୍ୟ ଖାଦ୍ୟଦ୍ରବ୍ୟ ମଧ୍ୟ ବରପକ୍ଷ କନ୍ୟାପକ୍ଷଙ୍କୁ ଦେଇଥାଏ । ବିବାହ ସମ୍ପନ୍ନ ହୁଏ । କନ୍ୟାର କପାଳରେ ବା ସିନ୍ଥିରେ ବର ସିନ୍ଦୁର ଲେସି ଦେଇ ବିବାହ ପରେ ନବ ଦମ୍ପତି ତାଙ୍କର ନିଜର ଅଲଗା ସଂସାର ଗଢ଼ନ୍ତି / ବସାନ୍ତି । ଛାଡ଼ପତ୍ର ଦେବା ପ୍ରଥା ବଣୁଆ ଖଡ଼ିଆ ସମାଜରେ ପ୍ରଚଳିତ । ସ୍ୱାମୀ ପରିତ୍ୟକ୍ତା ବା ବିଧବାର ପୁନର୍ବାର ବିବାହ କରିବାର ସ୍ୱାଧୀନତା ରହିଛି । ବଣୁଆ ଖଡ଼ିଆ ପରିବାର ଏକାନ୍ନବର୍ତ୍ତୀ ପରିବାର । ପରିବାରରେ ବାପା, ମାଆ, ଓ ଅବିବାହିତ ପୁଅଝିଅ ରହନ୍ତି । ଖଡ଼ିଆ ପରିବାର ପିତୃକୈନ୍ଦ୍ରିକ । ସ୍ତ୍ରୀର ସ୍ଥାନ ସ୍ୱାମୀ ଠାରୁ ଗୌଣ । ସ୍ୱାମୀ ଖାଦ୍ୟ ଖାଇବା ପରେ ସ୍ତ୍ରୀ ଖାଦ୍ୟ ଖାଏ । ଉଭୟ ସ୍ୱାମୀ ସ୍ତ୍ରୀ ରୋଜଗାର କରନ୍ତି । ପରିବାର ମୁଖ୍ୟ ସ୍ୱାମୀ, ସ୍ତ୍ରୀ ସହ ଆଲୋଚନା କରି ପରିବାର ଚଳାଏ । ପାହାଡ଼ି

ଖଡ଼ିଆମାନେ ରକ୍ତ ସମ୍ପର୍କୀୟକଙ୍କୁ କୁଟୁମ୍ବ ଓ ବଂଶର ଲୋକରୂପେ ଗ୍ରହଣ କରନ୍ତି । ବିବାହ ଦ୍ୱାରା ଯୋଡ଼ାଯାଇଥିବା ସମ୍ପର୍କର ଲୋକମାନଙ୍କୁ ବନ୍ଧୁଲୋକ କୁହାଯାଏ ।

ମୟୂରଭଞ୍ଜର ବଣୁଆ ଖଡ଼ିଆଙ୍କ କୌଣସି ଗୋତ୍ର ଥିବା ଜଣାଯାଏ ନାହିଁ । ସେମାନଙ୍କ ବିଶ୍ୱାସ ଏକ ବଂଶର ଲୋକମାନେ କୌଣସି ଏକ ପୂର୍ବଜଙ୍କ ବଂଶଧର । ଖଡ଼ିଆମାନେ ଦେହୁରୀ, ଦଣ୍ଡସେନା, ନାଏକ ଆଦି ସଞ୍ଜ୍ଞା ଗ୍ରହଣ କରନ୍ତି । ସେମାନଙ୍କ ବଂଶର ପୁଅ ଝିଅଙ୍କ ମଧରେ ବିବାହ ହୁଏ ନାହିଁ । ସେମାନେ ବଂଶ ବାହାରେ ବିବାହ ହୁଅନ୍ତି । ବଂଶର ପୁରୁଷ ସ୍ତ୍ରୀଙ୍କ ମଧ୍ୟରେ କୌଣସି ପ୍ରକାରର ଯୌନ ସମ୍ପର୍କକୁ ବରଦାସ୍ତ କରାଯାଏ ନାହିଁ । ଏକ କୁଟୁମ୍ବ ବା ବଂଶର ଲୋକମାନେ ଜନ୍ମ ଓ ମୃତ୍ୟୁ ଯୋଗୁଁ ଆଶୌଚ ହୁଅନ୍ତି । ଜନ୍ମ, ବିବାହ ଓ ମୃତ୍ୟୁଜନିତ ରୀତିନୀତିକୁ ବଂଶର ଲୋକେ କଡାକଡ଼ି ଭାବେ ପାଳନ କରନ୍ତି ।

କେଣସି ବ୍ୟକ୍ତିର ମୃତ୍ୟୁରେ ବଂଶର ଲୋକମାନେ ଦଶଦିନ ଅଶୌଚ ପାଳନ କରନ୍ତି । ଶୁଦ୍ଧିକ୍ରିୟା କର୍ମ ଶେଷ କରି ମହୁଘିଅ ଖାଇ କୁଟୁମ୍ବର ଲୋକମାନେ ଶୌଚ ହୁଅନ୍ତି ।

ବଣୁଆ ଖଡ଼ିଆ ସମାଜରେ ଅଜା ଓ ନାତିର ସମ୍ପର୍କ ଥଟ୍ଟା ତାମସାର ସମ୍ପର୍କ । ଭିଣୋଇଙ୍କ ଶଳା-ଶାଳୀଙ୍କ ମଧ୍ୟରେ ଓ ଭାଉଜ ଦିଅରଙ୍କ ମଧରେ ଥଟ୍ଟା ତାମସା ଚାଲେ । ସାନ ଭାଇର ସ୍ତ୍ରୀ ବଡ଼ ଭାଇଙ୍କୁ ଦେଢ଼ଶୁର ରୂପେ ମାନ୍ୟ କରିଥାଏ । ସାନ ଭାଇର ସ୍ତ୍ରୀ ଓ ଦେଢ଼ଶୁର ସମ୍ପର୍କ ସମ୍ମାନର ସମ୍ପର୍କ ।

## ଧାର୍ମିକ ଜୀବନ :

ବଣୁଆ ଖଡ଼ିଆମାନେ ଅଦୃଶ୍ୟ ଶକ୍ତିଙ୍କ ତୁଷ୍ଟି ପାଇଁ ଧର୍ମ ସମ୍ବନ୍ଧୀୟ ରୀତିନୀତିକୁ ପାଳନ କରନ୍ତି । ଏହି ରୀତିନୀତିକୁ ଗୋଷ୍ଠୀର ମଙ୍ଗଳ ଓ ସମାଜର କଲ୍ୟାଣ ପାଇଁ ନିଷ୍ଠାର ସହ ସେମାନେ ପାଳନ କରନ୍ତି । ଶିମିଳିପାଳ ପର୍ବତମାଳାରେ ଅବସ୍ଥିତ ଅଠର ଦେଉଳ ତାଙ୍କର ଏକ ପବିତ୍ରସ୍ଥଳ । ଏହି ଅଠର ଦେଉଳରେ ଅବସ୍ଥାନ କରୁଥିବା ବଡ଼ାମ ଠାକୁରଙ୍କୁ ଶିମିଳିପାଳର ପ୍ରଧାନ ଦେବତାରୂପେ ସେମାନେ ମାନ୍ୟକରନ୍ତି । ବଣୁଆ ଖଡ଼ିଆଙ୍କ ବିଶ୍ୱାସ 'ବଡ଼ାମ' ଠାକୁରଙ୍କୁ ଉପାସନା କଲେ ବା ପୂଜାଦେଲେ ସମସ୍ତକାମନା ପୂର୍ଣ୍ଣ ହୋଇଥାଏ ।

ଖଡ଼ିଆମାନେ ଶାଳଗଛକୁ ଏକ ପବିତ୍ର ଗଛରୂପେ ବିବେଚନା କରି ଗ୍ରହଣ କରନ୍ତି । ଏହି ଗଛରେ ଲାଗିଥିବା ନିଆଁ ପବିତ୍ର, ଏହାର ପତ୍ରରୁ ପସ୍ତୁତ ଦନା ପବିତ୍ର, ଶାଳଗଛର ଝୁଣା ପବିତ୍ର ସୁଗନ୍ଧ ପ୍ରଦାନ କରେ ତେଣୁ ପୂଜା ଅର୍ଚ୍ଚନ ବେଳେ ଶାଳଗଛର ଝୁଣାର ଧୂଆଁ ଦିଆଯାଏ । ଏହାର ଧୂଆଁ କୀଟନାଶ କରେ । ତାଙ୍କର ଅଗାଢ଼ ବିଶ୍ୱାସ ଶାଳଗଛ ହେଉଛି – ଆଧିଭୌତିକ ଶକ୍ତି ଓ ବହୁ ଦେବଦେବୀଙ୍କ ରହଣି ସ୍ଥାନ । ଶାଳ ଗଛ ଏକ ପବିତ୍ର ଗଛରୂପେ ତାଙ୍କର ଗ୍ରହଣୀୟ ହୋଇଥିବା ହେତୁ ସେମାନେ ଏ ପବିତ୍ର ଗଛକୁ କାଟନ୍ତି ନାହିଁ । ତାଙ୍କ ପୂଜକ-ଦେହୁରୀ ବର୍ଷକୁ ଦୁଇଥର ଏ ଗଛର ପୂଜା କରନ୍ତି । ଖଡ଼ିଆମାନେ ତାଙ୍କ ଶ୍ମଶାନରେ ଥିବା ଗଛଗୁଡ଼ିକୁ ପବିତ୍ର ଗଛ ରୂପେ ମାନୁଥିବବାରୁ ତାର ଛେଦନ କରନ୍ତି ନାହିଁ । ସେମାନଙ୍କ ବଂଶ ପ୍ରତୀକର ଗଛକୁ କାଟନ୍ତି ନାହିଁ ଓ ପଶୁପକ୍ଷୀଙ୍କୁ ବଧ କରନ୍ତି ନାହିଁ । ସେମାନେ ଜାହିରାରେ ଥିବା ଶାଳ ଗଛର ପୂଜାକରନ୍ତି । ଏହି ଶାଳଗଛରେ ଗ୍ରାମଦେବତା ଅବସ୍ଥାନ କରନ୍ତି ଓ ସେ ଗ୍ରାମକୁ ଓ ଗ୍ରାମବାସୀଙ୍କୁ ସୁରକ୍ଷା ପ୍ରଦାନ କରିଥାନ୍ତି ।

ବଣୁଆ ଖଡ଼ିଆମାନେ ସୂର୍ଯ୍ୟଦେବତାଙ୍କୁ ଧରମ ଦେବତାରୂପେ ଓ ସୃଷ୍ଟିକର୍ତ୍ତାଭାବେ ମାନ୍ୟ କରି ତାଙ୍କର ପୂଜା ଆରାଧନା କରନ୍ତି । ତାଙ୍କ ଦୃଷ୍ଟିରେ ଶିମିଳିପାଳ ପର୍ବତମାଳାର ପ୍ରତ୍ୟେକ ପାହାଡ଼ ଜଣେ ଜଣେ ଦେବତା ଓ ସେମାନେ ଜଙ୍ଗଲ ସମ୍ପଦକୁ ସୁରକ୍ଷା ପ୍ରଦାନ କରନ୍ତି । ସେମାନଙ୍କ ମୁଖ୍ୟ ଦେବଦେବୀ ହେଉଛନ୍ତି-ବଡ଼ାମ୍ ବୁଢ଼ୀ ରାମରାଜା, ପବନ୍‌ବୀର, ମହାବୀର, ଭଣ୍ଡାର ଦେବତା, ଠାକୁରାଣୀ, ବାଉଳୀ, ବାସୁଳୀ, ବାସୁକୀ ଓ ଗ୍ରାମଦେବତୀ ବା ଗ୍ରାମଦେବୀ । ସେମାନେ ଏହି ଦେବୀ ଦେବତାଙ୍କୁ ପୂଜା ଉପାସନା କରିବା ସହ ଡାହାଣୀ ଓ ଭୁତଙ୍କୁ ମଧ୍ୟ ପୂଜା କରନ୍ତି । ସେମାନେ ପରିବାରର ସଦସ୍ୟଙ୍କ କୁଶଳ ମଙ୍ଗଳ ପାଇଁ ପୂର୍ବଜଙ୍କୁ ଓ ବଂଶର ଦେବତାମାନଙ୍କୁ ସବୁ ପର୍ବପର୍ବାଣିରେ ପଶୁପକ୍ଷୀଙ୍କୁ ବଳି ପକାଇ ନିଷ୍ଠାର ସହ ପୂଜା ଉପାସନା କରନ୍ତି । ଜଙ୍ଗଲରେ ଖାଦ୍ୟ ସଂଗ୍ରହ ବେଳେ ବା ପଶୁପକ୍ଷୀଙ୍କ ଶିକାର କରିବା ବେଳେ କୃତକାର୍ଯ୍ୟ ହେବା ପାଇଁ ଜଙ୍ଗଲ ଦେବତାଙ୍କୁ ପୂଜା ଦିଅନ୍ତି । ପ୍ରତ୍ୟେକ ଗାଁରେ ଏକ ପୂଜାଶାଳ ଥାଏ ତାକୁ ଜାହିରା କୁହାଯାଏ । ସେଇଠି ଏକ ବିରାଟ ଶାଳଗଛ ରହିଥାଏ । ଗାଁ ଦେହୁରୀ ଗ୍ରାମ ଦେବତାଙ୍କ ତୁଷ୍ଟି ପାଇଁ ସେହି ଶାଳଗଛମୂଳେ ବଳି ପୂଜା ଦିଏ ।

ପ୍ରତ୍ୟେକ ଖଡ଼ିଆ ଗାଁରେ ଗାଁ ଠାକୁରାଣୀ ଥାଆନ୍ତି । ତାଙ୍କୁ ମାତୃ ଦେବୀର ମାନ୍ୟତା ଦିଆଯାଏ । ତାଙ୍କ ରହଣି ଶଳକୁ (ସ୍ଥାନକୁ) ଠାକୁରାଣୀ ସ୍ଥଳ କୁହାଯାଏ । ଖଡ଼ିଆମାନେ ପ୍ରତିବର୍ଷ ମେଲାଣି ପର୍ବବେଳେ ବସନ୍ତରୋଗ, ପାଣି ବସନ୍ତ ରୋଗରୁ ସୁରକ୍ଷା ପାଇବା ପାଇଁ ବା ଆରୋଗ୍ୟ ହେବାପାଇଁ ଠାକୁରାଣୀଙ୍କୁ ଦେହୁରୀ ପୂଜା ସେବା ଦିଅନ୍ତି । ସେମାନେ ଧରଣୀ ଦେବତା ଓ ବଣ୍ଡା (ହିରୋ)ର ପୂଜା ମଧ୍ୟ କରନ୍ତି । ଦଶହରା ପର୍ବ ବେଳେ ସେମାନେ କୁରାଢ଼ୀ ଓ ଲଙ୍ଗଳର ପୂଜା କରନ୍ତି । ତାଙ୍କ ବିଶ୍ୱାସ ଦେବୀଦେବତାଙ୍କ କୋପରୁ ଲୋକେ ଅସୁସ୍ଥ ହୁଅନ୍ତି ବା ରୋଗରେ ପଡ଼ନ୍ତି । ତାଙ୍କର ମଧ୍ୟ ବିଶ୍ୱାସ ଏହି ଯେ କୌଣସି ଦେବତାର ଗାଁରେ ଅନଧିକାର ପ୍ରବେଶ ଯୋଗୁଁ, ଦୁଃଷ୍ଟଦେବତାଙ୍କ କୁଦୃଷ୍ଟି ଯୋଗୁଁ, ଡାହାଣୀମାନଙ୍କ କୁବିଦ୍ୟାର ପ୍ରଭାବ ଯୋଗୁଁ, ପୂଜାବେଳେ ରୀତିନୀତିର ପାଳନର ବ୍ୟତିକ୍ରମ ହେଲେ ଗାଁ ଲୋକମାନେ ଜ୍ୱରରେ ପଡ଼ନ୍ତି ବା ରୋଗରେ ଆକ୍ରାନ୍ତ ହୁଅନ୍ତି । ତାଙ୍କର ଧର୍ମରେ ବିଶ୍ୱାସ ଓ ପୂଜାସେବା ଦେବାର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଦେବୀ ଦେବତାଙ୍କ ଓ ଆଧିଭୌତିକ ଶକ୍ତିଙ୍କ ତୁଷ୍ଟି କରିବା ।

ସେମାନେ ସୂର୍ଯ୍ୟଦେବତା ଓ ଅନ୍ୟ ଦେବୀ ଦେବତାଙ୍କ ତୁଷ୍ଟି ପାଇଁ ଛେଳି କୁକୁଡ଼ାର ବଳି ପକାନ୍ତି ଓ ମଦ ଓ ଅନ୍ୟ ପୂଜା ସାମଗ୍ରୀ ଦେଇ ପୂଜା ଦିଅନ୍ତି । ସେମାନଙ୍କ ଧାରଣା ପ୍ରକୃତି, ଜଙ୍ଗଲ ବା ପାହାଡ଼ରେ ରହୁଥିବା ଦେବଦେବୀଙ୍କୁ ଗୁଣିଆର କହିବାର ଅନୁସାରେ ପୂଜା ଉପାସନା କରନ୍ତି ଓ ଚେରମୂଳୀ ଔଷଧ ଦେଇ ରୋଗୀର ଚିକିତ୍ସା କରନ୍ତି । ତାଙ୍କ ଧର୍ମୀୟ ଚିନ୍ତାଧାରା, ଲୋକ ବିଶ୍ୱାସ, ପୂଜା ରୀତିନୀତି ପାଳନ ଆଦି ହିନ୍ଦୁଧର୍ମ ଦ୍ୱାରା ପ୍ରଭାବିତ ସେମାନେ ଗୁଣିଆର ଚିକିତ୍ସା ଓ କବିରାଜୀ ଚିକିତ୍ସାକୁ ଆପଣେଇଥିବା ହେତୁ ଭଣ୍ଡାର ଦେବତାର ପୂଜା କରନ୍ତି । ଜଙ୍ଗଲରୁ ସଂଗ୍ରହ କରୁଥିବା ମହୁକୁ ପ୍ରଥମେ ସେମାନେ ମାତୃଦେବୀଙ୍କୁ ଅର୍ପଣ କରନ୍ତି । ବଣୁଆ ଖଡ଼ିଆମାନେ ରଜ ଓ ମକର ପର୍ବକୁ ହର୍ଷଉଲ୍ଲାସର ସହ ପାଳନ କରନ୍ତି । ସେମାନେ ରଜପର୍ବବେଳେ ରାମଦୋଳି, ପଟାଦୋଳି ଖାଇ ଦୋଳି ଆଦି ଦୋଳି ନିର୍ମାଣ କରିଥାନ୍ତି । ଏହି ଦୋଳି ହେଉଛି କାଠ ଓ ବାଉଁଶରେ ନିର୍ମିତ ଏକ ସ୍ୱତନ୍ତ୍ର ଧରଣର ଦୋଳି । ମକର ପର୍ବରେ ସେମାନେ ନୂଆ ବସ୍ତ୍ର ପିନ୍ଧନ୍ତି ଓ ପିଠାପଣାରେ ମଜା ମାରନ୍ତି । ସେମାନେ କୁକୁଡ଼ା ଗଞ୍ଜାକୁ ବଳି ପକାଇ ପୂର୍ବଜଙ୍କ ତୁଷ୍ଟିକରନ୍ତି ମକର ପର୍ବ ବେଳେ । ସେମାନେ ଗାଁ ବାହାରେ ଥିବା ଜଳାଶୟଠାରେ ମକର ପର୍ବ ପୂର୍ବ ରାତିରେ ନିଆଁଜାଳି ରାତି ବିତାନ୍ତି ଓ ସମସ୍ତଙ୍କ ମଙ୍ଗଳପାଇଁ ସକାଳେ ଅଗ୍ନି ଦେବତାଙ୍କୁ ପୂଜା କରନ୍ତି । ସେମାନେ ମାଘୁଆ ପୂଜା ନ ହେବାଯାଏ ଜଙ୍ଗଲ ଜାତ ଦ୍ରବ୍ୟର ସଂଗ୍ରହ କରନ୍ତି ନାହିଁ । ସେମାନେ ଏପ୍ରିଲ-ମେ

ମାସରେ ପ୍ରଚୁର ପରିମାଣର ମହୁ ପାଇବା ଆଶାରେ ଓ ସେପ୍ଟେମ୍ବର ଅକ୍ଟୋବର ମାସ ବେଳକୁ ଭଲ ଓ ପ୍ରଚୁର ପରିମାଣର ଶାଳଫୁଣା ମିଳିବା ଆଶାରେ ଦୁଇଥର ଦେବୀଦେବତାଙ୍କ ପୂଜା ଦିଅନ୍ତି । ସେମାନେ ନଭେମ୍ବର - ଡିସେମ୍ବର ମାସ ବେଳକୁ ଧନ ସମ୍ପତ୍ତିର ଦେବତା ଲକ୍ଷ୍ମୀ ଦେବୀଙ୍କ ତୁଷ୍ଟି ପାଇଁ ହିନ୍ଦୁ ମାଣବସା ପାଳନ କରନ୍ତି ।

ସେମାନେ ସବୁ ପର୍ବ ପର୍ବାଣିକୁ ଗୀତ ଗାନ କରି ଓ ନୃତ୍ୟକରି ନିଜକୁ ଆମୋଦିତ କରନ୍ତି

ଖଡ଼ିଆମାନେ ବିବାହ ଉତ୍ସବରେ ଶିଶୁ ଜନ୍ମଉତ୍ସବରେ, ରଜ, ମକର ଓ ଫସଲ ଅମଳ ପର୍ବବେଳେ ଏବଂ ଠାକୁରାଣୀ ପୂଜାବେଳେ ଚାଙ୍ଗୁ ବଜାଇ, ନାଚଗୀତ ଗାଇ ଆନନ୍ଦିତ ହୁଅନ୍ତି ଖଡ଼ିଆମାନେ ଚାଙ୍ଗୁ ବାଦ୍ୟଯନ୍ତ୍ରକୁ ଏକ ପବିତ୍ର ବାଦ୍ୟଯନ୍ତ୍ରର ମାନ୍ୟତା ଦିଅନ୍ତି । ତାଙ୍କ ବିଶ୍ୱାସ ଚାଙ୍ଗୁ ହେଉଛି ବଡ଼ାମ ଠାକୁରଙ୍କ ପବିତ୍ର ବାଦ୍ୟଯନ୍ତ୍ର । ତାଙ୍କ ବିଶ୍ୱାସ ବଡ଼ାମ ଠାକୁର ଚାଙ୍ଗୁ ବଜାଇ ଆନନ୍ଦିତ ହୁଅନ୍ତି । ପୁରୁଷ ଲୋକମାନେ ଚାଙ୍ଗୁକୁ ବାମହାତରେ ଦରି ଡାହାଣ ହାତରେ ଆଙ୍ଗୁଳିରେ ବଜାଇ ବଜାଇ ଗୀତ ଗାଇ ଗାଇ ନାଚନ୍ତି । ସ୍ତ୍ରୀ ଲୋକମାନେ ଚାଙ୍ଗୁତାଳରେ ମୁଣ୍ଡରେ ଓଢ଼ଣି ଦେଇ ନଇଁ ନଇଁ ନାଚନ୍ତି । ଚାଙ୍ଗୁ ନୃତ୍ୟପୂର୍ବରୁ ବଡ଼ାମ ଠାକୁରଙ୍କ ବନ୍ଦନା ଗାନ କରି ଚାଙ୍ଗୁନାଚ ଓ ଗୀତ କରାଯାଏ ।

॥ ୧ ॥

ବନ୍ଦଇଁ ବନ୍ଦଇଁ ଚଉଦିଗ ବନ୍ଦଇଁ
ବନ୍ଦୁଅଛି ବସୁମତି
ବାଇକୁଣ୍ଡଳ ବନ୍ଦନା କରୁଛି
ଆଗେ ପୂଜା ଗଣପତି ॥

ବି.ଦ୍ର. : ବାଇକୁଣ୍ଡଳ - ଚାଙ୍ଗୁ

॥ ୨ ॥

ଚାଙ୍ଗୁ ଦହଲିଆରେ ଚାଙ୍ଗୁ ଦହଲିଆ,
ପ୍ରଥମେ ବନ୍ଦନା କର ବଡ଼ାମ୍ କାଲିଆ
ଚାଙ୍ଗୁ ଦହଲିଆରେ ଚାଙ୍ଗୁ ଦହଲିଆ
ଦ୍ୱିତୀୟେ ବନ୍ଦନା କର ସଭାସଦଜନ
ଯିଏ ଚାଙ୍ଗୁ ଦେଖିବାକୁ ବଳାଏ ମନ
ଚାଙ୍ଗୁ ଦହଲିଆରେ ଚାଙ୍ଗୁ ଦହଲିଆ ।

॥ ୩ ॥

ନିଟାରୀ ବଡ଼ାମ୍
ଶୀତଳ ବଉଳ ତଳେ ହୋ
ଦଣ୍ଡେ ବିଶିରାମ
ରାମ ରାମ ହେ ରାମ ଗୋବିନ୍ଦ ନାଁ

॥ ୪ ॥

ଶିମିଳି ପାହାଡ଼ରେ ଶିମିଳି ପାହାଡ଼ରେ
ଟାଙ୍ଗୁ ବାଦ୍ୟଖଣ୍ଡି ଗଢ଼ିଛି ବିଧାତା ।

॥ ୫ ॥

ମା ଗୋ କାଳିକା ହୋଇଥିବ ସାହା
ମାରିବି ଲଙ୍କା ନୃପତି ।
ଗଙ୍ଗା ଗଣ୍ଡା ବୁଦା ତେରୁଆଲି ଛେଦା
ଆଣି ତ ରଖିବି କତି ॥

॥ ୬ ॥

ତାନା ନାନା ନାରେ ନାରେ ନାରେ
ଏକ ଅକ୍ଷର ବିନା ମହିରେ ନାହିଁ ଭଜନ
ଗୁଣ୍ଡିଚା ନାକରେ ସୁନା ପଗଡ଼ି
ନେଉଳ ନାକରେ ଚଣା
ମଞ୍ଚରି ଧରେ ବିଞ୍ଚଣା
ଏକ ଅକ୍ଷର ବିନା ମହିରେ ନାହି ଭଜନ
ଢ଼େଙ୍କିଙ୍କୁ ହେଲା କାଶଶର୍ଦ୍ଦି
କୁଲାକୁ ହେଲା ଜ୍ୱର
ଚାଲୁଣି ଯାଇଛି ବୈଦ ଡାକି
ଏକ ଅକ୍ଷର ବିନା ମହିରେ ନାହିଁ ଭଜନ

**ନିମ୍ନୋକ୍ତ ତାଳରେ ଟାଙ୍ଗୁ ବଜାଯାଏ :**
ଛାଇ ଘିନି ଘିନି ଛାଇ
ଛାଇ ଘିନି ଘିନି ଛାଇ
ଛୁଆକେ ପକେଇ
ମକେଇ ଘିନ୍
ଛାଇ ଘିନି ଘିନି ଛାଇ

ଖଡ଼ିଆମାନଙ୍କର ସବୁ ନୃତ୍ୟ ଗୋଷ୍ଠୀ ନୃତ୍ୟ । ସେମାନେ ତାଙ୍କ ପଡ଼ୋଶୀ ଜାତି ମହାନ୍ତ (କୁଲ୍‌ମ)ମାନଙ୍କର କରମ ପର୍ବ ବେଳେ ହେଉଥିବା କରମ ନାଚକୁ ବହୁତ ପସନ୍ଦ କରନ୍ତି ଓ ଝୁମର ଗୀତକୁ ମଧ୍ୟ ପସନ୍ଦ କରନ୍ତି ।

## ଝୁମର ଗୀତ

ଆଜିତରେ କରମ ରଜା ଘରେ ଦୁଆରେ
କାଲିତରେ କରମ ରାଜା ବାଂଶ ନଟି ପାରେ
ଆମ ଗାଜାଲୁ ଛଣ୍ଡା ଜାମ୍ ଗାଜାଲୁ
ଭାଲ ଭାଲ ଛଣ୍ଡାମାନଙ୍କୁ ବାଗେ କାଟାଲୁ

ରଜପର୍ବ ବେଳେ ଖଡ଼ିଆ ଯୁବକ ଯୁବତୀମାନେ ଦୋଲି ଖେଳି ଖେଳି ଗୀତ ଗାଇବାକୁ ବହୁତ ପସନ୍ଦ କରନ୍ତି । ଏହି ରଜପର୍ବ ବେଳେ ଯୁବକ ଓ ଯୁବତୀମାନେ ଦଳଦଳ ହୋଇ ବନ୍ଧୁଗାଁକୁ ଯାଆନ୍ତି ଦୋଲି ଖେଳି ଖେଳି ବାଦୀଗୀତ ବୋଲନ୍ତି । ଏହି ବାଦୀଗୀତ ବେଳେ ଯୁବକ ଯୁବତୀମାନେ ଜୀବନ ସାଥୀ ମଧ୍ୟ ବାଛି ନିଅନ୍ତି ।

ସେମାନେ ଏତିକିବେଳେ ଗାଉଥିବା ଦୋଳି ଗୀତ ଏହିପରି :

॥ ୧ ॥

ଶୁଖିଲା ପତର ଫାଳେ
ଆଇନା ଗୀତାଲୁ ମୁହଁକୁ ଥରେ
ଲାଗିଯିବା ତାଳେ ତାଳେ

॥ ୨ ॥

ତେନ୍ତୁଳି ପତର ସରୁ
ଆସି ନାହିଁ ମୋର ଗୀତର ଗୁରୁ
ଗୀତ ହେବ ସରୁ ସରୁ

॥ ୩ ॥

କୁଲାରେ କାଟିଲି ତରୁ
ତୁମରି ଭିଳାରେ ଗୀରତ ଗୁରୁ
ଶିଖେଇ ଶିଖେଇ ମରୁ

॥ ୪ ॥

ନଈର କଖଡ଼ା ଘାସ
ତୁମ୍ଭର ଆମର ଏକା ବୟସ
ଏକା ବୟସ ହୋ, ପୀରତି କରିବା ଆସ

॥ ୫ ॥

ପଣସ ପାଚିଲା ବଣେ
ବଣ ପୁଡ଼ିଗେଲ ଦୁନିଆ ଜାଣେ
ମନ କଥା କିଏ ଜାଣେ

*ବିଜୟରାମଚନ୍ଦ୍ରପୁର, ବାରିପଦା, ମୟୂରଭଞ୍ଜ*

# ବାହା ପାରବ ନାଟ

- ଡଃ କୃଷ୍ଣଚନ୍ଦ୍ର ନାୟକ

ମାନବ ସଭ୍ୟତାର ପ୍ରଥମ ପ୍ରଭାତରୁ ପ୍ରକୃତିର ମନୋମୁଗ୍ଧକର ମାୟା ଓ ମଧୁର ସାହଚର୍ଯ୍ୟ ମନୁଷ୍ୟର ଧାର୍ମିକ ଭାବନା ସହ ସମସ୍ୱର ହୋଇ ତାକୁ ଅଭିନୟ କରିବାକୁ ପ୍ରେରଣା ଦେଇ ଆସିଛି ।

'ବାହା' ବା 'ସାଲୁଇ ପୂଜା' (ଶାଳଫୁଲ ଫୁଟିବା) ପ୍ରକୃତି ରୂପର ଉତ୍ସବ । ପ୍ରତିବର୍ଷ ଚୈତ୍ର ମାସରେ ଫେବୃୟାରୀ ମଧ୍ୟଭାଗ ଓ ମାର୍ଚ୍ଚମାସ ଶେଷ ପର୍ଯ୍ୟନ୍ତ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଏହି ପର୍ବ ପାଳନ କରନ୍ତି । ଏହାକୁ 'ସାରହୁଲା' ଏବଂ 'ଫୁଲଭାଙ୍ଗୁଣି' ପରବ ମଧ୍ୟ କୁହାଯାଏ । ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଜିଲ୍ଲା ସହିତ ଛୋଟନାଗପୁର ଝାଡ଼ଖଣ୍ଡ ରାଜ୍ୟରେ ବସବାସ କରୁଥିବା ବନବାସୀମାନେ ଏହି ପ୍ରକୃତି ପୂଜାପର୍ବ ପାଳନ କରନ୍ତି । ବସନ୍ତ ରୂପସମ୍ଭାର, ଆବେଗ ଉନ୍ମାଦନାର ଋତୁ । ଧରଣୀରେ, ଆକାଶରେ, ପ୍ରକୃତିରେ ସବୁଠି ସେଇ ସୌନ୍ଦର୍ଯ୍ୟ ଓ ପାର୍ବଣର ଉତ୍ସବ । ବସନ୍ତ ଉତ୍ସବର ପାଳନ ବିଶ୍ୱବିଦିତ - ରାଜ ପ୍ରାସାଦରୁ ପର୍ଣ୍ଣକଟୀର ପର୍ଯ୍ୟନ୍ତ ।

ଆଦିବାସୀ ତତ୍ତ୍ୱ, ଦର୍ଶନ ଅପେକ୍ଷା ଆତ୍ମୀୟତାର ମହାବନ୍ଧନକୁ ସମ୍ମାନ କରେ । ସେ ଭାତୃତ୍ୱଭାବ କେବଳ ବଂଶ, ପରିବାର, ଜାତି ଓ ଗ୍ରାମ ମଧ୍ୟରେ ସୀମିତ ରହେ ନାହିଁ; ବରଂ ଜଙ୍ଗଲ, ପାହାଡ଼, ଆକାଶ, ନଦୀ, ଝରଣା ପଶୁପକ୍ଷୀ ପର୍ଯ୍ୟନ୍ତ ସମ୍ପର୍କ ପ୍ରଲମ୍ବିତ ହୋଇଯାଏ । 'ପୃଥିବୀମାତା କୋଳରେ ଲାଳିତ ପାଳିତ ଏହା ଏକ ଯୌଥ ପରିବାର ସଦୃଶ । ଏହି ମହାଭାବକୁ ବିଶ୍ୱାସ କରୁଥିବା ମଣିଷଭାବେ ଜୀବନ ଏକ ସୀମାହୀନ ମହୋତ୍ସବର ରଙ୍ଗଭୂମି । ପ୍ରକୃତି ଏକାତ୍ମ ସୃଷ୍ଟି କରେ ପୂଜାର୍ଚ୍ଚନା, ନୃତ୍ୟ, ଗୀତ ଓ ଅଭିନୟ ।

ଋତୁରାଜ ବସନ୍ତ ଆଗମନରେ ବୃକ୍ଷରାଜିରେ ନବପଲ୍ଲବ ସହିତ ସୁବାସିତ ପୁଷ୍ପର ସମ୍ଭାର ବନ୍ୟ ପ୍ରକୃତିକୁ ସୌନ୍ଦର୍ଯ୍ୟମଣ୍ଡିତ କରିଥାଏ । ଆଦିବାସୀ ଜୀବନରେ ବୃକ୍ଷ ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା ଖାଦ୍ୟ, ବାସଗୃହ କୃଷିଉପକରଣ, ଔଷଧ, ଇନ୍ଧନ, ଧର୍ମ, ଦର୍ଶନ, ଅର୍ଥନୀତି ଓ ସୌନ୍ଦର୍ଯ୍ୟର ପ୍ରତୀକ । ଅବଚେତନରେ ଗଛ ହୋଇଯାଏ ତା'ର ଜୀବନ ଜୀବିକା । ଫୁଲଭରାଗଛକୁ ଦେଖି ସେ ଉଚ୍ଚକିତ ହୁଏ; ଆଗାମୀଦିନରେ ବଞ୍ଚିବାପାଇଁ ସ୍ୱପ୍ନଦେଖେ । ସତେ ଯେପରି ବସନ୍ତର ଆଗମନୀ ଛନ୍ଦ ତା' ଜୀବନର ଛନ୍ଦକୁ ବହୁଧା ନିକ୍ୱଣିତ କରେ । ବାହାପାରବ ଶାଳଫୁଲ ଫୁଟିବା ସହିତ ଜଡ଼ିତ । ଶାଳଗଛରେ ଫୁଲ ଫୁଟିବା ଅର୍ଥ 'ପୁନର୍ଜନ୍ମ' ନବଯୌବନ ପ୍ରାପ୍ତି ।

'ବାହାପାରବ' ପାଳନ ଅନ୍ତରାଳରେ ସୁନ୍ଦର କିମ୍ବଦନ୍ତୀଟିଏ ରହିଛି । ଧରିତ୍ରୀ ମାତାଙ୍କର ଅଲିଅଳ ଝିଅଟିଏ ଥିଲା । ସେ ଦେଖିବାକୁ ଯେମିତି ସୁନ୍ଦର ସେମିତି ବୁଦ୍ଧିମତୀ । ତା'ର କଥାକୁହା ଆଖି, ଚନ୍ଦ୍ରମାପରି ମୁଖମଣ୍ଡଳ ପାହାଡ଼ର ଦାଣ୍ଡିପରି ନାକ । ତା'ର ଲମ୍ବା କେଶଗୁଚ୍ଛକୁ ମୁକୁଳା କରି ପାହାଡ଼ କଡ଼ରେ ବି ନୀଳ ଆକାଶକୁ ଚାହିଁ ରହିଥାଏ । ତାକୁ ଦେଖିଲେ ମନେହେବ ସ୍ୱର୍ଗରୁ ଅପସରାଟିଏ ଭୁଲରେ ପୃଥିବୀକୁ ଧରାବତରଣ କରିଛି । ସେ ପ୍ରଜାପତି ସହିତ ସାଙ୍ଗ ହୁଏ, ସାଧବ ବଧୂ ସହିତ ଓଦାମାଟିରେ ଖେଳେ । ଜଙ୍ଗଲୀପବନ ସହିତ ସ୍ୱର ମିଳାଇ ଗୀତ ଗାଏ । ଝରଣା ପାଣିରେ ଗୋଡ଼ ବୁରାଇ ତା' ପାଉଁଜିକୁ ଛମ୍‌ଛମ୍ କରେ । ଦିନେ ଧରିତ୍ରୀମାତା ତାଙ୍କର ଦିନକର ପାଇଟି ସାରି ଆସି ଦେଖିଲାବେଳକୁ ଝିଅଘରେ ନାହିଁ । ବହୁତ ଖୋଜିଲେ ହେଲେ କେଉଁଠି ପାଇଲେ ନାହିଁ । ତାଙ୍କ ଆଖିରୁ ଲୁହ ଝରିଲା ଆଷାଢ଼ ବର୍ଷାପରି । ଅଖିଆ ଅପିଆ ମୁହଁ ମାଡ଼ି ଶୋଇଲେ ଘରେ । କିଏ ତାଙ୍କର ଦୁଃଖ ପୋଛି

ଦେବ ? ସମସ୍ତେ ଆସିଲେ, ଗଲେ । ଝିଅ ଫେରିଆସିବ ବୋଲି ସାନ୍ତ୍ୱନା ଦେଇଗଲେ । ଝିଅ ଫେରିଲାନି; ଦୁଃଖ ଗଲା ନାହିଁ । ଦିନେ ବଡ଼ଠାକୁର ଆସି ଧରିତ୍ରୀମାତାଙ୍କର ଆଖିରୁ ଲୁହ ପୋଛି ଦେଇ, କହିଲେ, ''ବ୍ୟସ୍ତହନା, ଝିଅ ଯେଉଁଠି ଥିବ ତାଙ୍କୁ ସାଙ୍ଗରେ ନେଇ ଆସିବି ।'' କିଛି ଖାଦ୍ୟ ପଦାର୍ଥ ଓ ବାଡ଼ିଟିଏ ଧରି ସେ ଚାଲିଲେ । ଠାକୁର ଖୋଜୁଛନ୍ତି ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ତିନିପୁର, କେଉଁଠି ତାର ସନ୍ଧାନ ନାହିଁ । ଗଲା କୁଆଡ଼େ ? ଏମିତି ଭାବୁ ଭାବୁ ସେ ବିସ୍ମିତ ହେଲେ, ଦେଖିଲେ, ଝିଅଯାଇ ବସିଛି ଯମରାଜା ଅଗଣାରେ । କାନ୍ଦି କାନ୍ଦି ମୁହଁ ତା'ର ଶୁଖିଯାଇଛି । ବଡ଼ଠାକୁର ଯମରଜା ପାଖରେ ଗୁହାରି କଲେ, ଝିଅକୁ ଫେରାଇଦେବା ପାଇଁ ନେହୁରା ହେଲେ । ଯମ ନିଶଫୁଲାଇ ତା' ଜ୍ୱଳନ୍ତା ଅଙ୍ଗାର ପରି ଆଖି ଦୁଇଟିକୁ ବୁଲାଇ କହିଲା, ''ଏ ରାଜ୍ୟକୁ ଆସି ଫେରନ୍ତି ନାହିଁ, ସେ କେମିତି ଯିବ ?'' ବଡ଼ ଠାକୁର କହିଲେ, ''ତା ମା' ବହୁତ କାନ୍ଦୁଛି, ସେ ଖିଆପିଆ ଛାଡ଼ି ଦେଇଛି ।'' ଯମରାଜା କହିଲା ''ଠିକ୍ ଅଛି ସେ ତା' ମା' ପାଖକୁ ଯିବ, ମାତ୍ର ବର୍ଷକୁ ଛମାସ ପାଇଁ ।'' ବଡ଼ଠାକୁର ସହିତ ଝିଅ ତା' ମା କୋଳକୁ ଫେରିଲା ଝିଅର ଘର ବାହୁଡ଼ା ଦେଖି ଧରିତ୍ରୀ ମାତାଙ୍କର ଆନନ୍ଦ କହିଲେ ନସରେ । ଶାଳଗଛରେ ଫୁଲଫୁଟିଲା, ଚଢ଼େଇମାନେ ଗୀତ ଗାଇଲେ । ପାହାଡ଼ୀ ମଣିଷମାନେ ଆନନ୍ଦରେ ନାଚିଗାଇ ବାହାପାରବ ନାଚ ପାଳନ କଲେ ।

କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସାନ୍ତାଳ ଜନଜାତି ବାହାପାରବ ନାଚ କରନ୍ତି । 'ବାହା' ସାନ୍ତାଳ ଶବ୍ଦ ଯାହାର ଅର୍ଥ ହେଉଛି ଫୁଲ । ଏହି ବାହାପାରବରୁ ନବବର୍ଷର ଆରମ୍ଭ ହୋଇଥାଏ । ଏହି ଦିନ ଶାଳଫୁଲ ସହିତ ପଳାଶ ଫୁଲ ଓ ମହୁଲଫୁଲ ପୂଜା କରାଯାଏ । ବାହା ପାରବରେ ପୂଜା ନ ହେଲା ପର୍ଯ୍ୟନ୍ତ କେହି ଫୁଲ ମଥାରେ ଖୋସନ୍ତି ନାହିଁ କି ଖାଆନ୍ତି ନାହିଁ । ବାହାପାରବ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଥାଏ । ସାନ୍ତାଳ ପରିବାର ତାଙ୍କ ଗୃହକୁ ରଙ୍ଗମାଟିରେ ଲିପାପୋଛା କରି ସୁନ୍ଦର କରିଥାନ୍ତି । ନୂଆଲୁଗା, ସୁମିଷ୍ଟ ଖାଦ୍ୟପେୟ ଓ ପାନୀୟ (ହାଣ୍ଡିଆ)ର ବ୍ୟବସ୍ଥା ହୋଇଥାଏ । ନାଗରା, ମାଦଳ, ଧୂମସା, ସାରଙ୍ଗି, ନାଚ ଓ ସମୂହଗୀତ ସ୍ୱରରେ ଗାଁ ଭୂଇଁ ମୁଖରିତ ହୁଏ । ପର୍ବର ପ୍ରଥମଦିନ ଗ୍ରାମବାସୀ 'ଜାହେରସ୍ଥାନ'ରେ ଦେବତାଙ୍କ ପୂଜା ପାଇଁ ଦୁଇଟି ଚାଳଘର ନିର୍ମାଣ କରନ୍ତି, ଗୋଟିଏ 'ଜାହେରଏରା' 'ମଣେକ – ତୁରୁଇକ' ଓ 'ମାରାଂବୁରୁ'ଙ୍କ ପାଇଁ ଓ ଅନ୍ୟଟି 'ଗୋସାଇଁଏରା'ଙ୍କ ପାଇଁ । ଗ୍ରାମବାସୀ ଶାଳଗଛରେ ତୀରମାରି ଶାଳଫୁଲ ସଂଗ୍ରହ କରନ୍ତି । 'ନାଏକେ' ଗାଁ ପୁରୋହିତଙ୍କର ସ୍ତ୍ରୀ ସୁମିଷ୍ଟ ପିଠା ପାଇଁ ଚୂନା ପ୍ରସ୍ତୁତି କରନ୍ତି ଏବଂ ଗାଁର ମୁଖିଆ ଗ୍ରାମର ପ୍ରତ୍ୟେକଙ୍କ ଘରୁ ଚାଉଳ, ଲୁଣ ଓ ହଳଦୀ ସଂଗ୍ରହ କରନ୍ତି । ଶୋଭାଯାତ୍ରାରେ ଗ୍ରାମବାସୀ ପବିତ୍ର ଜାହେର ସ୍ଥାନକୁ ଗୀତ ଗାଇଗାଇ ଗମନ କରନ୍ତି । ପୂଜକ (ନାଏକେ) ମୁଣ୍ଡରେ ବଡ଼ ଠେକା ବୋହି ଆଗରେ ଚାଲନ୍ତି ଏବଂ ପିଲାଟିଏ ପବିତ୍ର ଜଳଘଟ ଧରି ଚାଲିଥାଏ । ଦେବଦେବୀଙ୍କ ପୂଜାବେଳେ କାଳସୀ ଆସନ୍ତି । ଏମାନଙ୍କୁ 'ବଙ୍ଗା' କୁହାଯାଏ । ଏମାନଙ୍କ ଦେହରେ ଦେବ, ଦେବୀ ବିଜେ କରିଥାନ୍ତି । ଏମାନେ ଧନୁତୀର, ଖଣ୍ଡା ଓ ପାରମ୍ପରିକ ଅସ୍ତ୍ରଧରି ଝୁମନ୍ତି ଏବଂ ନୃତ୍ୟ କରନ୍ତି । ପୂଜକ ମନ୍ତ୍ର ଉଚ୍ଚାରଣ କରି ଗ୍ରାମର ମଙ୍ଗଳ ପାଇଁ କୁକୁଡ଼ାବଳି ପ୍ରଦାନ କରନ୍ତି । ବଙ୍ଗାମାନେ କୁକୁଡ଼ା ରକ୍ତ ଶୋଷି ଖାଆନ୍ତି । ପୂଜା ମାଂସ ଓ ଚାଉଳରେ ପ୍ରସ୍ତୁତ ଖେଚୁଡ଼ି (ଶଲେଦାକା) ଭୋଗ ଗ୍ରାମବାସୀଙ୍କୁ ବିତରଣ କରାଯାଏ । ଅପରାହ୍ନରେ ଗ୍ରାମବାସୀ ଦେହୁରୀଙ୍କ ସହିତ ଶୋଭାଯାତ୍ରାରେ ଗୃହ ପ୍ରତ୍ୟାବର୍ତ୍ତନ କରନ୍ତି । ଗ୍ରାମର ଲଳନାମାନେ 'ନାଏକେ'ଙ୍କର ପାଦ ହଳଦୀପାଣିରେ ଧୋଇଦେଇ ତାଙ୍କୁ ଶାଳଫୁଲ ଅର୍ପଣ କରନ୍ତି । ଏହି ଉତ୍ସବରେ ଦର୍ଶକଙ୍କ ଉପରକୁ ପବିତ୍ରଜଳ ସିଞ୍ଚନ କରାଯାଏ । ଯଦି ବି ଏଥିରେ ରଙ୍ଗବୋଳା ଯାଇ ନଥାଏ, ତଥାପି ଏହା ହୋଳିପର୍ବ ପରି ମନେ ହୁଏ । ଏହାପରେ ନୃତ୍ୟ, ଗୀତ ଓ ଭୋଜିର ଆୟୋଜନ କରାଯାଏ । ଏଥିରେ ଏକକ ଅଭିନୟ, ଅନୁକରଣ ସହ ହାସ୍ୟରସାତ୍ମକ ଦୃଶ୍ୟ ପରିବେଷଣ

କରାଯାଏ । 'ନାଏକେ'ଙ୍କ ଘରୁ ଶୋଭାଯାତ୍ରାରେ ବାହାରି ଗ୍ରାମ ମୁଖିଆଙ୍କ ଘରେ ପହଞ୍ଚିବାକୁ ହୁଏ ଏବଂ ପ୍ରସାଦ ସେବନ ପରେ 'ବାହାପାରବ' ଶେଷ ହୁଏ ।

ବାହାପାରବ ନାଟରେ ବସନ୍ତ ଉତ୍ସବ ଗୀତ 'ବାହାସେରେଞ୍ଜ' ବୋଲାଯାଏ । ଏଗୁଡ଼ିକ ଛୋଟ ଛୋଟ ପଂକ୍ତିରେ ସୃଷ୍ଟି; ଯେପରି ଭାବୋଦ୍ଦିପକ ସେହିପରି ସରଳ ଓ ହୃଦ୍ୟ । କବିତା ଗୁଡ଼ିକରେ ବିଭୁଚେତନା, ପ୍ରକୃତି, ସମାଜଜୀବନର ଚିତ୍ର ପ୍ରତିଫଳିତ ହୋଇଥାଏ ।

ମୂଳରୂପ : ଜାହେର୍ ସାଲିମ୍ ସାର୍‌ଜମ୍ ବାହାଦ
ନାଏକେ ରାଚାରେ ମନ୍ଦ ମୁଲି
ପେଟେଜ୍ ଜଂଗେ ସାନାଞ୍ଜା ସାର୍‌ଜମ୍ ବାହାଦ
ଚାଗାଲ ଜଂଗେ ସାନାଞ୍ଜା ମନ୍ଦ ମୁଲି ।

ଓଡ଼ିଆ ଭାବାର୍ଥ :

ଶାଳଫୁଲ ପେନ୍ଥା ଜାହିରା ମାଆର ଚାଳ ଉପରେ
ମଲ୍ଲୀଫୁଲ ଗଛ ପୁରୋହିତଙ୍କ ଅଗଣା ଭିତରେ
ଶାଳଫୁଲ ପେନ୍ଥି ଭାଙ୍ଗି ଆଣିବାକୁ
ମନ ହୁଏ ହାଇଁ ପାଇଁ
ତୋଫା ମଲ୍ଲୀଫୁଲ ତୋଳିବାକୁ
ଇଚ୍ଛା କରୁଅଛି ମୁହିଁ ।

ଝିଅଟିଏ ତା ସାଥି ଭଉଣୀଙ୍କୁ ଶାଳଫୁଲ ମଥାରେ ଖୋସି ମହୁଲ ଫୁଲ ଗୋଟାଇବା ପାଇଁ ଗୀତରେ ଅନୁରୋଧ କରୁଛି ।

ମୂଳରୂପ : ହାଲାଂ ଆଲାଂ ନାଜିଂ ମାତ୍‌କମ୍
ବାହାୟେ ଆଲାଂ ନାଜିଂ ସାରଜମ୍ ବାହା
ଞ୍ଜୁଇଁ ଆଲାଂ ନାଜିଂ ମାତ୍‌କମ୍ ରାସା ।

ଓଡ଼ିଆରୂପ : ଭଉଣୀଲୋ ଚାଲ ଶାଳଫୁଲ ତୋଳିବା
ମହୁଲ ଫୁଲକୁ ମାଟିରୁ ସାଉଁଟି ନେବା
ଗଭାକୁ ସଜାଇ ଶାଳଫୁଲ ଦେବା ଖୋସି
ମହୁଲ ରସ
ବଡ଼ ମଧୁର ଲୋ ରସକୁ ପିଇବା ଶୋଷି ।

(ସାନ୍ତାଳ ଲୋକସାହିତ୍ୟ)

ଶ୍ରୀ ବିନୋଚନ୍ଦ୍ର ନାୟକ (ହେମ୍ବ୍ରମ)

ନୃତ୍ୟ ଆବେଗମୟ ଗତିଶୀଳ କଳା । ନୃତ୍ୟ ମାଧ୍ୟମରେ ଦେବଦେବୀଙ୍କୁ ହୃଦୟର ଅର୍ଘ୍ୟ ଅର୍ପଣ କରିବା ମଣିଷର ସହଜାତ ପ୍ରବୃତ୍ତି । ବାହାପାରବ ନାଟରେ ସମସ୍ତ ଗ୍ରାମବାସୀ ନୃତ୍ୟରେ ସାମିଲ ହୁଅନ୍ତି । ଏଥିରେ 'ଜାତୁରା'

ଓ 'ଡାହାର' ନୃତ୍ୟ ପରିବେଷଣ କରାଯାଏ । ବାଦ୍ୟ ବାଜିଲେ ନୃତ୍ୟ ଆରମ୍ଭ ହୁଏ ଏବଂ ଗୀତ ବୋଲାଯାଏ । ନୃତ୍ୟକାରୀମାନେ ହାତକୁ ହାତ ଧରି ଗୋଲାକାରରେ ଡାହାଣକୁ ମାଡ଼ି ନାଚନ୍ତି । ନାଚିଲାବେଳେ ଶରୀର ଅଣ୍ଟା ଓ ପାଦର ଦୋଳାୟମାନ ଭଙ୍ଗୀ ଆମୋଦକର ହୋଇଥାଏ । 'ବୁସାଃ ସିମ୍ ସାବ୍ ସାବ୍ ଉଦଗି ଲୁତୁର କାବ୍'' ମାଦଳ ତାଳରେ ନୃତ୍ୟ ହୁଏ । ବାଦ୍ୟକାରମାନେ ନୃତ୍ୟଦଳର ସମ୍ମୁଖ ଭାଗରେ ରହନ୍ତି । ଯୁବକ ଯୁବତୀମାନେ ପାରମ୍ପରିକ ବେଶପୋଷାକରେ ସଜ୍ଜିତ ହୋଇଥାନ୍ତି । ତରୁଣୀମାନେ ଖୋସାରେ ଶାଳଫୁଲ ଖୋସିଥିବା ବେଳେ ତରୁଣମାନେ ତାଙ୍କ ପଗଡ଼ିରେ ମହୁଲ, ଚିଙ୍ଗୁଡ଼ି ଓ ପଳାଶ ଆଦି ଫୁଲ ଖୋସିଥାନ୍ତି । ଏଠି ପ୍ରକୃତି କୋଳ ହିଁ ରଙ୍ଗମଞ୍ଚ । ଶାଳବଣର ଜାହିରାଠାରୁ ଗ୍ରାମଦାଣ୍ଡଯାଏ ରଙ୍ଗ ମଞ୍ଚରେ ପରିଣତ ହୋଇଥାଏ । ଭିନ୍ନଭିନ୍ନ ସ୍ଥାନ ଓ ସମୟରେ ଦିବାରାତ୍ର ପୂଜା, ନୃତ୍ୟ, ଗୀତ ଓ ଅଭିନୟର ଆସର ଚାଲିଥାଏ । ପଡ଼ୋଶୀ ଗ୍ରାମରୁ ବିଭିନ୍ନ ସମ୍ପ୍ରଦାୟର ଲୋକ ଆସି ଏହି ନାଟ୍ୟୋତ୍ସବ ଉପଭୋଗ କରନ୍ତି ।

ପ୍ରକୃତିର ପୂଜା 'ବାହାପାରବ ନାଚ' ପରି ସାରହୁଲ ପର୍ବ ଛୋଟନାଗପୁର, ଝାଡ଼ଖଣ୍ଡ, ସୁନ୍ଦରଗଡ଼ ଓ ରାଉରକେଲାରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟରେ ପାଳନ କରାଯାଏ । ଭୌଗୋଳିକ ପରିବେଶ ଅନୁସାରେ ଏହି ପର୍ବ ଭିନ୍ନ ଭିନ୍ନ ଭାବରେ ପାଳନ କରାଯାଏ । ରାଉରକେଲାରେ ରହି ଫୁଲ ଉତ୍ସବରେ ପାଳନ କରାଯାଏ । ସାରନା ପୂଜା ସ୍ଥଳରେ ଦେବତାଙ୍କୁ ପଳାଶପତ୍ରରେ ଶାଳଫୁଲ, ମହୁଲଫୁଲ, ଚାଉଳ, ସିନ୍ଦୁର ଦେଇ ପୂଜା କରାଯାଏ । ମନରେ ପବିତ୍ରତା ଆଣିବା ପାଇଁ ପୂଜାପୂର୍ବରୁ ବ୍ରତ, ଉପବାସ ପାଳନ କରନ୍ତି । ପୂଜାପରେ ଧର୍ମଗୁରୁ ଓ 'ପାହାଣ' (ପୁରୋହିତ) ଭକ୍ତମାନଙ୍କୁ ଅବିର ଲଗାଇ ଦିଅନ୍ତି । ପୂଜକ ଲଳନାମାନଙ୍କୁ ପ୍ରସାଦ ଓ ମୁଣ୍ଡରେ ଶାଳଫୁଲ ଖୋସିଦେଇ ତାଙ୍କର ଶୁଭ ମନାସି ଥାନ୍ତି । ପୂଜା ସମୟରେ ଝିଅ ଓ ମହିଳାମାନଙ୍କୁ 'ଉଗୁଆ' ଲାଗିଥାଏ । ଏମାନେ ପ୍ରକୃତି ଦେବୀଙ୍କ ସହିତ ଲୀନ ହୋଇ କେଶ ମୁକୁଳା କରି ଅଙ୍ଗଭଙ୍ଗୀ ପ୍ରଦର୍ଶନ କରନ୍ତି । ପୁରୁଷମାନେ ପାରମ୍ପରିକ ଅସ୍ତ୍ର, ଧନୁଶର, ଖଣ୍ଡାଧରି ଶୋଭାଯାତ୍ରାରେ ବାହାରନ୍ତି । ଉଭୟ ପୁରୁଷ ଓ ନାରୀ ରଙ୍ଗ ବେରଙ୍ଗର ପୋଷାକ ପରିଧାନ କରିଥାନ୍ତି । ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ନାଚ ଗୀତର ଆସର ଜମେ । ଟମକା, ମାଦଳ, ନାଗରା ବାଦ୍ୟଧ୍ୱନିରେ ରଙ୍ଗଶାଳା ମୁଖରିତ ହୁଏ । ସମୂହ ଗୀତ ଓ ବାଦ୍ୟର ତାଳେତାଳେ ମହିଳା ଓ ପୁରୁଷମାନେ ନୃତ୍ୟ କରନ୍ତି ।

'ବାହାପାରବ ନାଚ' ଆଧ୍ୟାତ୍ମିକ, ମନୋରଞ୍ଜନ ସହିତ ଜୀବନଦର୍ଶନ ପ୍ରଖ୍ୟାପନ କରିଥାଏ । ପ୍ରକୃତି ବସନ୍ତଋତୁରେ ବୃକ୍ଷରାଜିର ସବୁଜିମା, ପୁଷ୍ପ ସମ୍ଭାରରେ କେବଳ ଧରଣୀରାଣୀକୁ ସୌନ୍ଦର୍ଯ୍ୟମୟ କରେ ନାହିଁ, ବରଂ ମଣିଷ ଆତ୍ମାକୁ ଶ୍ରଦ୍ଧା, ବିଶ୍ୱାସ, ଧୈର୍ଯ୍ୟ, ସହିଷ୍ଣୁତା ଓ ଈଶ୍ୱରବିଶ୍ୱାସୀ କରାଇଥାଏ । ଶୀତ ଋତୁରେ ବୃକ୍ଷ ପତ୍ରଝଡ଼ା ଦେଇ ବିବର୍ଣ୍ଣ ହୋଇ ଯାଇଥାଏ । ଏଥିପାଇଁ ପ୍ରକୃତି ମ୍ରିୟମାଣ ହୋଇପଡ଼େ ନାହିଁ । ସମୟ ଆସେ, ସୂର୍ଯ୍ୟ, ବାରିଦ, ଜହ୍ନ ଓ ସମୀରର ଯାଦୁକାରୀ ସ୍ପର୍ଶରେ ପ୍ରକୃତି ଅପରୂପ ଧାରଣ କରେ । ଏକାତ୍ମ ହୋଇ ମଣିଷ ବସନ୍ତପରି ଶୀତ ଋତୁକୁ ଆପଣେଇ ନିଏ । ଭଗବାନଙ୍କର ଏହି ବିଚିତ୍ର ଲୀଳାକୁ ସନ୍ଦର୍ଶନ କରି ଆନନ୍ଦର ସହିତ ନୃତ୍ୟ ଗୀତ ଓ ପୂଜାକରି ଧନ୍ୟ ହୁଏ; ପ୍ରକୃତିର ନିରବଚ୍ଛିନ୍ନ ସ୍ରୋତକୁ ମାନି ନେଇ ସେହି ଧାରାରେ ବଞ୍ଚିରହିବାକୁ ଶପଥ ନିଏ ।

ଠିକଣା : ସା/ପୋ : ଜାଲି, ଜିଲ୍ଲା : କେନ୍ଦୁଝର
ପିନ୍ - ୭୫୮୦୩୨

# ରଡ଼ ବୁରୁର ଦେହୁରୀ

- ଡଃ ନାକୁ ହାଁସଦା
ମୋ-୯୪୩୭୨୯୨୮୯୯

ଓଡ଼ିଶାର ଆଦିବାସୀଭୁକ୍ତ ଜିଲ୍ଲାମାନଙ୍କ ମଧ୍ୟରେ ମୟୂରଭଞ୍ଜର ସ୍ଥାନ ଅନ୍ୟତମ । ଉତ୍ତର ଓଡ଼ିଶାରେ ଏହି ଜିଲ୍ଲାରେ ସର୍ବାପେକ୍ଷା ଅଧିକ ସଂଖ୍ୟକ ଆଦିବାସୀ ବସବାସ କରୁଥିବା କଥା ଜଣାଯାଇଥାଏ । ଏହି ଜିଲ୍ଲା ମୁଖ୍ୟତଃ ସାନ୍ତାଳ ଆଦିବାସୀମାନଙ୍କ ସକାଶେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଜର ପରିଚୟ ସୃଷ୍ଟି କରି ପାରିଅଛି । ଯାହା ଆମରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ । କିନ୍ତୁ ଏହି ଜିଲ୍ଲାରେ ସାନ୍ତାଳ ଆଦିବାସୀଙ୍କୁ ଛାଡ଼ି ଆହୁରି ଅନେକ ପ୍ରକାରର ଆଦିବାସୀ ବସବାସ କରନ୍ତି, ଯେଉଁମାନଙ୍କ କଥା ପ୍ରାୟତଃ ପର୍ଯ୍ୟାପ୍ତ ମାତ୍ରାରେ ଆଲୋଚନା କରାଯାଇ ପାରିନାହିଁ । ଯାହା ମଧ୍ୟ କରାଯାଇଛି ତାହା ଅତ୍ୟଳ୍ପ । ଏହି ଆଦିବାସୀମାନଙ୍କ ମଧ୍ୟରେ ମହାଲୀ, ବୀରହଳ, ଖଡ଼ିଆ, ଲୋଧା, ଆଦି ପ୍ରଧାନ । ଏହି ଆଲୋଚନା ପ୍ରସଙ୍ଗରେ ଖଡ଼ିଆ (ଜନଜାତି) ଆଦିବାସୀଙ୍କ କଥା ଆଲୋଚନା କରାଯାଉଅଛି । ଖଡ଼ିଆମାନେ ମୟୂରଭଞ୍ଜର ବଣ ଜଙ୍ଗଲମାନଙ୍କରେ ବସବାସ କରୁଥିବା ଦେଖାଯାଇଥାଏ । ଏମାନଙ୍କର ସେମିତି ବଡ଼ଧରଣର ଗାଁ ପ୍ରାୟତଃ ନାହିଁ । ଯେଉଁଠି ବି ସେମାନେ ରହନ୍ତି ସେହି ଆଠ ଦଶ ପରିବାରକୁ ନେଇ ସେମାନଙ୍କ ସାହି ଗଢ଼ି ଉଠିଥାଏ । ଏମାନଙ୍କ ମୁଖ୍ୟ ଜୀବିକା ହେଉଛି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ଏବଂ ଜଙ୍ଗଲ ଜମିରେ ଚାଷ କରିବା । ଏହା ବ୍ୟତିରେକ ସେମାନେ ମଧ୍ୟ କିଛି କିଛି ପଶୁପାଳନ କରିବା ବୃତ୍ତିକୁ ଆପଣେଇ ନେଇଛନ୍ତି । ଏହି ପ୍ରବନ୍ଧରେ ମୟୂରଭଞ୍ଜର ସମସ୍ତ ଅଞ୍ଚଳର ଖଡ଼ିଆ ଆଦିବାସୀଙ୍କ କଥାକୁ ଆଲୋଚନାର ପରିସରଭୁକ୍ତ କରାଯାଇ ପାରୁନାହିଁ । କେବଳ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଭୁକ୍ତ ବାମନଘାଟି ସବ୍‌ଡ଼ିଭିଜନସ୍ଥ ରଡ଼ପାହାଡ଼ ଅଞ୍ଚଳରେ ବସବାସ କରୁଥିବା ଏହି ସମ୍ପ୍ରଦାୟର ଆଦିବାସୀଙ୍କ କଥା ଆଲୋଚନା କରାଯିବାର ଲକ୍ଷ୍ୟ ରଖାଯାଇଅଛି ।

ରଡ଼ିବୁରୁ (ପାହାଡ଼) ବାମନଘାଟି ଉପଖଣ୍ଡର ଏକ ଐତିହାସିକ ପାହାଡ଼ । ଏହି ପାହାଡ଼ ସହିତ ଏଠାରେ ଘଟିଯାଇଥିବା 'ଗାଲ୍‌ମେଳି ବିଦ୍ରୋହ', 'ଗୁଣ୍ଡୁରିଆ ଗୁଳିକାଣ୍ଡ ପରି କେତେକ ବିଶିଷ୍ଟ ଘଟଣାଗୁଡ଼ିକ ସହିତ ସମ୍ବନ୍ଧ ରହିଛି । ସେ ସବୁ କଥା ଯାହା ହେଉନା କାହିଁକି ଏଠାରେ ସେଗୁଡ଼ିକ ଆଲୋଚନା କରାଯିବାର କୌଣସି ଯଥାର୍ଥତା ମନେହୁଏ ନାହିଁ । ଏହି ପାହାଡ଼ ସଂଲଗ୍ନ ଡ଼ିବାକଚା, ଆମ୍ବଲାଗଡ଼ା, ପଟ୍‌କା, ଲାଖାୟଡ଼ିହି, ସାପଘରା ଆଦି ଗ୍ରାମମାନଙ୍କରେ ଖଡ଼ିଆ ବସବାସ କରୁଥିବାର ଦେଖାଯାଇଥାଏ । ଏହି ଅଞ୍ଚଳର ଖଡ଼ିଆମାନଙ୍କ ଜୀବନଯାପନ ପ୍ରଣାଳୀକୁ ଅନୁଧ୍ୟାନ କଲେ କେତେକ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୋଇଥାଏ, ତାରାକୁ ନିମ୍ନ ପ୍ରକାରେ ଆଲୋଚନା କରାଯାଇପାରେ ।

**୧. ବେଷଭୂଷା :** ଏହି ଅଞ୍ଚଳର ଖଡ଼ିଆମାନେ ପୋଷାକ ପରିଛଦ କ୍ଷେତ୍ରରେ ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟ ଏବଂ ସାଧାରଣ ଲୋକଙ୍କ ଠାରୁ ସ୍ୱାତନ୍ତ୍ର୍ୟ ରକ୍ଷାକରି ଆସିଛନ୍ତି । ପୁରୁଷ ଲୋକମାନେ ଧୋତିକୁ ଗୁଡ଼ାଇ ଅଣ୍ଟାପାଖରେ ପିନ୍ଧନ୍ତି, ଏହି ଖଣ୍ଡିକ ଛାଡ଼ିଦେଲେ ସେମାନଙ୍କ ଦେହ ପ୍ରାୟତଃ ଖୋଲାଥାଏ । ପୁଣି ଯେଉଁ ଧୋତି ସେମାନେ

ପିନ୍ଧିଥାନ୍ତି ତାହା ପାହାଡ଼ିଆ ମାଟିର ସଂସ୍ପର୍ଶରେ ଆସି ନାଲି ରଙ୍ଗ ଧାରଣ କରିଥାଏ । ସେମାନଙ୍କ ହାତରେ ଧନୁତୀର, ଟାଙ୍ଗିଆ, ଫାର୍ସା ଆଦି କୌଣସି ନା କୌଣସି ଅସ୍ତ୍ର ନିଶ୍ଚୟ ରହିଥାଏ । କିଛି ନହେଲେ ହାତରେ ବାଉଁଶ ଠେଙ୍ଗାଟିଏ ହେଲେ ମଧ୍ୟ ସେମାନେ ଧରିଥାନ୍ତି । କେହି କେହି କର୍ଣ୍ଣରେ କୁଣ୍ଡଳ ଧାରଣ କରିବାର ମଧ୍ୟ ଦେଖାଯାଏ । ସେହିପରି ନାରୀମାନଙ୍କ ବେଶଭୂଷାକୁ ଅନୁଧ୍ୟାନ କଲେ ସେମାନେ ପ୍ରାୟତଃ ନାଲିରଙ୍ଗ ବିଶିଷ୍ଟ ଧଳାଶାଢ଼ୀ ପରିଧାନ କରନ୍ତି । ଏମାନେ ଶାଢ଼ୀକୁ ଆଣ୍ଠୁଠାରୁ  ସାମାନ୍ୟ ତଳ ପର୍ଯ୍ୟନ୍ତ ପିନ୍ଧନ୍ତି । ପିନ୍ଧିଥିବା ସେହି ଶାଢ଼ୀରେ ହିଁ ନିଜ ଶରୀରକୁ ଆବୃତ କରିରଖନ୍ତି । ଅନ୍ୟ ରମଣୀମାନଙ୍କ ପରି ଖଡ଼ିଆ ରମଣୀମାନେ ମଧ୍ୟ ଅଳଙ୍କାର ପ୍ରିୟ ଅଟନ୍ତି । ଏମାନେ ନାକ, କାନ, ହାତ ଓ ଗୋଡ଼ରେ ବିଭିନ୍ନ ଅଳଙ୍କାରମାନ  ପରିଧାନ କରିଥାନ୍ତି । ଏଗୁଡ଼ିକ ମଧ୍ୟରୁ କେତେକ ସୁନା, ରୂପା, ପିତଳ ତମ୍ବା, ଲୁହା ଆଦି ଧାତୁର ହୋଇଥିବା ସ୍ଥଳେ ଅନ୍ୟକେତେକ କାଷ୍ଠ ନିର୍ମିତ ଅଳଙ୍କାରମାନ ପରିଧାନ କରୁଥିବାର ଦେଖାଯାଇଥାଏ । ସେହିପରି ଏମାନେ ମଧ୍ୟ ବିଭିନ୍ନ ଫୁଲ ଏବଂ ପତ୍ରକୁ ମଧ୍ୟ ଅଳଙ୍କାର ସ୍ୱରୂପ ପରିଧାନ କରିଥାନ୍ତି । ପୁରୁଷ ଲୋକମାନେ ଅସ୍ତ୍ର ଧାରଣ କରିବା ପରି ନାରୀମାନେ ଟୋକେଇ ନହେଲେ ଗଣ୍ଠିଲିକୁ ସବୁବେଳେ ଧାରଣ କରିବା ଦେଖାଯାଇଥାଏ । ଏମାନଙ୍କ ପିନ୍ଧା ଶାଢ଼ୀର ରଙ୍ଗ ମଧ୍ୟ ପୁରୁଷମାନଙ୍କ ଧୋତି ପରି ଜଙ୍ଗଲ ମାଟିର ରଙ୍ଗରେ ଲାଲ କିମ୍ବା ଖଇରିଆ ରଙ୍ଗର ହୋଇଯାଇଥାଏ । ନାରୀମାନେ ଛୋଟ ଛୋଟ ପିଲାଙ୍କୁ ନିଜ ପିନ୍ଧା ଶାଢ଼ୀରେ ପିଠି ପାଖରେ ଝୁଲାଇ ରଖିବାର ଦେଖାଯାଇଥାଏ । ସେମାନଙ୍କ କେଶ ବିନ୍ୟାସ ଅତି ସରଳ ନାରୀମାନେ ତାଙ୍କ ଲମ୍ବାକେଶକୁ ଗୁଡ଼ାଇ ଜୁଡ଼ା ବାନ୍ଧିବାକୁ ପସନ୍ଦ କରନ୍ତି । ସେହିପରି ପୁରୁଷ ଲୋକମାନେ ଛୋଟ ବାଳ ରଖିବାକୁ ଅଧିକ ପସନ୍ଦ କରୁଥିବା ଜଣାଯାଇଥାଏ ।

**୨. ବାସଗୃହ ନିର୍ମାଣଶୈଳୀ :** ଏହି ଅଞ୍ଚଳର ଖଡ଼ିଆମାନଙ୍କ ବାସଗୃହ ନିର୍ମାଣଶୈଳୀ ସ୍ୱତନ୍ତ୍ର ଧରଣର । ସେମାନେ ପ୍ରଥମତଃ ସ୍ଥାନ ନିର୍ଦ୍ଧାରଣ କରନ୍ତି କେଉଁ ଜାଗା ସ୍ୱତନ୍ତ୍ର ଧରଣର । କେଉଁ ଜାଗା ବାସଗୃହ ନିର୍ମାଣ କରିବା ପାଇଁ ଉପଯୁକ୍ତ ଅଟେ । ଏଥି ସକାଶେ ମୁରବୀ ଶ୍ରେଣୀର କେତେ ଲୋକ ଶୀତ ରାତିରେ ଅନ୍ୱେଷଣ ଉଦ୍ଦେଶ୍ୟରେ ବାହାରନ୍ତି । ସେମାନେ ଯେଉଁ ଅଞ୍ଚଳରେ ଘର ତୋଳିବାକୁ ଚାହୁଁଛନ୍ତି ସେହି ଅଞ୍ଚଳକୁ ପରିକ୍ରମା କରନ୍ତି ଏବଂ ଯେଉଁ ସ୍ଥାନରେ ଅପେକ୍ଷାକୃତ କମ୍ ଶୀତ ଅନୁଭୂତ ହୁଏ ତାହାକୁ ଉପଯୁକ୍ତ ସ୍ଥାନଭାବେ ଗ୍ରହଣ କରି ପରବର୍ତ୍ତୀ ପର୍ଯ୍ୟାୟରେ ନିର୍ଦ୍ଦିଷ୍ଟ ବିଧିମତେ ପୂଜାର୍ଚ୍ଚନା କରାଯାଇ ନିର୍ମାଣକାର୍ଯ୍ୟ ଆରମ୍ଭ କରିଥାନ୍ତି । ତାଙ୍କର ଘରଗୁଡ଼ିକ ପ୍ରାୟତଃ ଝାଟିମାଟିର କାନ୍ଥ ଏବଂ ନଡ଼ାରେ ଛାଉଣୀ କରାଯାଇଥାଏ । ଘରଗୁଡ଼ିକର ଉଚ୍ଚତା କମ ଥିବା ସହ ସେଗୁଡ଼ିକର ଦୈର୍ଘ୍ୟ ପ୍ରସ୍ଥ ମଧ୍ୟ ଯଥାନୁରୂପେ କରାଯାଇଥାଏ । ଅର୍ଥାତ୍ ସେଗୁଡ଼ିକ ଛୋଟ ଛୋଟ କୁଡ଼ିଆ କହିଲେ ବୋଧହୁଏ ଭୁଲ୍‌ହେବ ନାହିଁ । ଏହି କୁଡ଼ିଆଗୁଡ଼ିକ ଅତ୍ୟନ୍ତ ପବିତ୍ର ସ୍ଥାନ ହୋଇଥିବା ହେତୁ, ଏଠାକୁ ପ୍ରାୟତଃ ସର୍ବସାଧାରଣଙ୍କ ସକାଶେ ପ୍ରବେଶ କରିବା ନିମନ୍ତେ ବାରଣ କରାଯାଇଥାଏ । ସେହିପରି ଏହି ଘରେ ଅବସ୍ଥାନ କାଳ ମଧ୍ୟରେ ପରିବାରର କୌଣସି ସଦସ୍ୟଙ୍କ ଦେହାନ୍ତ ଘଟିଲେ ଏମାନେ ସେହିଘରକୁ ପରିତ୍ୟାଗ ପୂର୍ବକ ପୁଣି ଏକ ନୂତନ ଗୃହ ନିର୍ମାଣ କରିଥାନ୍ତି । ଏହି ଧାରାଟି କେଉଁ ଆବହମାନ କାଳରୁ  ଏହିପରି ଭାବେ ଗଢ଼ି ଆସିଛି  । ଯାହା ଅନ୍ୟ ଆଦିବାସୀଙ୍କ ପରମ୍ପରାରେ ପ୍ରାୟତଃ ନାହିଁ । ତେଣୁ ଏହା ଏହି ସମ୍ପ୍ରଦାୟର ଏକ ସ୍ୱାତନ୍ତ୍ର୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**୩. ଧର୍ମ ବିଶ୍ୱାସ :** ଆଲୋଚ୍ୟ ଆଦିବାସୀ ସମ୍ପ୍ରଦାୟର ଧର୍ମ ଉପରେ ପ୍ରଗାଢ଼ ବିଶ୍ୱାସ ରଖି ଆସିଛି । ତେଣୁ ଯେକୌଣସି ପ୍ରକାର ଦୁର୍ବିପାକର ସମ୍ମୁଖିନ ହେଲେ ସେ ଧର୍ମର ଦ୍ୱାରସ୍ଥ ହୁଏ । ରୋଗ ବୈରାଗ୍ୟର ଶୀକାର ହେଲେ, ରାଜା ତଥା ଶାସକଙ୍କ ତାଡ଼ନାର ସମ୍ମୁଖୀନ ହେଲେ ରାଜ୍ୟରେ ଅନାବୃଷ୍ଟି ଦେଖାଦେଲେ ସେମାନେ ଧର୍ମର ସହାଯ୍ୟ ଲୋଡ଼ିଥାନ୍ତି । ସରକାରଙ୍କ ଅପେକ୍ଷା ଧର୍ମ ପ୍ରତି ଏହିମାନଙ୍କ ଆସ୍ଥା ଯଥେଷ୍ଟ ବେଶୀ । ଏମାନେ ବହୁ ଦେବାଦେବୀଙ୍କୁ ପୂଜା କରିଥାନ୍ତି । ଯଥା ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ସମେତ ଆଖପାଖର ସମସ୍ତ ପାହାଡ଼ର ଦେବତାମାନଙ୍କୁ ମଧ୍ୟ ପୂଜାକରିଥାନ୍ତି । ଏହି ପ୍ରବନ୍ଧରେ ଆଲୋଚନା କରାଯାଉଥିବା ଅଞ୍ଚଳର ଖଡ଼ିଆ ଆଦିବାସୀମାନେ ରଢ଼ ପାହାଡ଼ର ଦେବତା 'ରଢ଼ବୁଢ଼ା'ଙ୍କୁ ନିଜର ଇଷ୍ଟଭାବେ ଗ୍ରହଣ କରି ଆସଅଛନ୍ତି । ଏହାଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ରଢ଼ ପାହାଡ଼ରେ ଏକ ପୂଜାସ୍ଥଳ ରହିଅଛି । ଯାହାକୁ 'ରଢ଼ଜାହେର' ବୋଲି ମଧ୍ୟ କୁହାଯାଇଥାଏ । ଏଠାରେ ଠାକୁରଙ୍କ ସକାଶେ ମାଟି ଘୋଡ଼ା, ହାତୀ, ବାଘ, ସିଂହ, ହରିଣ ଆଦି ବିଭିନ୍ନ ବନ୍ୟଜନ୍ତୁମାନ ନିର୍ମାଣ କରି ରଖାଯାଇଅଛି, କିନ୍ତୁ ଠାକୁରଙ୍କ କୌଣସି ବିଗ୍ରହ ନାହିଁ । କାରଣ ଆଦିବାସୀ ସମାଜରେ ଦେବାଦେବୀଙ୍କୁ ବିଗ୍ରହ ରୂପରେ ପୂଜା କରିବାର ପରମ୍ପରା ନାହିଁ । ଅବଶ୍ୟ ବିଗ୍ରହ ପରିବର୍ତ୍ତେ ଅନେକ ସ୍ଥାନରେ ଶିଳାଖଣ୍ଡମାନ ସ୍ଥାପନ କରାଯାଇଥାଏ କିନ୍ତୁ ଏହା ମଧ୍ୟ ସର୍ବତ୍ର ନୁହେଁ । ଏକଥା ଯାହା ହେଉନା କାହିଁକି ଏହି ପବିତ୍ର ରଢ଼ପୀଠର ପୂଜକ ଭାବେ ଖଡ଼ିଆମାନେ ରହି ଆସିଥିବା କଥା ଜଣାଯାଇଥାଏ । ଏହି ପୀଠର ପୂଜକଙ୍କୁ 'ଦେହୁରୀ' ବୋଲି କୁହାଯାଏ । ବୋଧହୁଏ ଏଥିପାଇଁ ହିଁ ଅଞ୍ଚଳର ଅଧିକାଂଶ ଖଡ଼ିଆ ଦେହୁରୀ ସଂଜ୍ଞା ଧାରଣ କରୁଥିବା ଜଣାଯାଇଥାଏ । ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଯେ ରଢ଼ବାବା (ବୁଢ଼ା) ଏହି ଅଞ୍ଚଳର ଇଷ୍ଟ ଠାକୁର ବିଶେଷତଃ ଆଦିବାସୀ ଗ୍ରାମମାନଙ୍କରେ ସ୍ଥାପନ କରାଯାଇଥିବା ପ୍ରତ୍ୟେକ ଗ୍ରାମର ଜାହିରାରେ ମଧ୍ୟ ସେ ପୂଜା ପାଉଛନ୍ତି । କେବଳ ଆଦିବାସୀ କାହିଁକି ଅଣଆଦିବାସୀମାନେ ମଧ୍ୟ ତାଙ୍କୁ ଆରାଧ ଦେବତା ଭାବେ ମାନି ଆସିଅଛନ୍ତି । ଅର୍ଥାତ୍ ଏହି ଠାକୁର ଏହି ଅଞ୍ଚଳର ଇଷ୍ଟଭାବେ ଜନ ମାନସରେ କେଉଁ ଆବହମାନ କାଳରୁ ସ୍ଥାନ ଲାଭ କରିଆସିଅଛନ୍ତି । 'ରଢ଼ ହାଡ଼ାମ୍' (ରଢ଼ବୁଢ଼ା)ଙ୍କ ପୂଜକ ଖଡ଼ିଆମାନେ ମଧ୍ୟ ଏଥି ସକାଶେ ସମାଜରେ ସ୍ୱତନ୍ତ୍ର ସ୍ଥାନ ପାଇ ସାରିଛନ୍ତି । ତାଙ୍କ ପ୍ରତି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ଯଥେଷ୍ଟ ଶ୍ରଦ୍ଧା ଓ ଭକ୍ତିଭାବ ରହିଥିବାର ଜଣାଯାଏ । ରଢ଼ଦେହୁରୀ ରଢ଼ ଠାକୁରଙ୍କୁ ପୂଜା କରୁକରୁ ନିଜେ ମଧ୍ୟ ଠାକୁର ବା ଦେବତାର ସ୍ଥାନ ନେଲାପରି ମନେ ହୁଏ ।

ବାମନ ଘାଟି ଉପଖଣ୍ଡରେ ଅନାବୃଷ୍ଟି ଦେଖାଦେଲେ ଯେଉଁ ଗାଆଁମାନଙ୍କରେ ବର୍ଷା ଠିକ୍‌ଭାବେ ହେଉ ନାହିଁ ସେମାନେ ରଢ଼ଦେହୁରୀଙ୍କ ଦ୍ୱାରସ୍ଥ ହୁଅନ୍ତି । ତାଙ୍କୁ ତାଙ୍କ ଗାଆଁକୁ ଯିବା ସକାଶେ ନିମନ୍ତ୍ରଣ କରାଯାଏ । ବେଳେବେଳେ କେତେଖଣ୍ଡ ଗାଆଁର ଲୋକମାନେ ମିଳିତଭାବେ ତାଙ୍କ ଅଞ୍ଚଳ ସକାଶେ ଅନୁରୋଧ କରିଥାନ୍ତି । ଦେହୁରୀ ଅନୁରୋଧ ମୁତାବକ ସେହି ଅଞ୍ଚଳ ବା ଗାଆଁକୁ ଯାଇଥାନ୍ତି । ସେଠାରେ ତାଙ୍କୁ ଦଉଡ଼ିରେ ବାନ୍ଧି ବନ୍ଦୀ କରାଯାଏ । ଲୋକମାନେ ଘୋଷଣା କରନ୍ତି ବର୍ଷା ନ ହେବା ଯାଏ ସେମାନେ ଦେହୁରୀଙ୍କୁ ମୁକ୍ତ କରିବେ ନାହିଁ । ଦେହୁରୀ ନଖାଇ ନ ପିଇ ସେମିତି ବନ୍ଧନ ଅବସ୍ଥାରେ ସେଠାରେ ବସିରହନ୍ତି । ତାଙ୍କୁ ଶାଳପତ୍ର ସିନ୍ଦୁର ଯୋଗାଇ ଦିଆଯାଏ । ସେ ଶାଳପତ୍ରରେ ସିନ୍ଦୁର ରଖି ରଢ଼ଠାକୁରଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି ଏବଂ ଗୁହାରୀ କରନ୍ତି କରନ୍ତି ପ୍ରଜାମାନେ ତାଙ୍କୁ ଜଳଦାନ ସକାଶେ ବନ୍ଦୀ କରିଛନ୍ତି, ଏହା ତାଙ୍କ ସମ୍ମାନର ପ୍ରଶ୍ନ, ତେଣୁ ବାବା ତୁମେ ଏହି ଅଞ୍ଚଳରେ ଏବେ ଏହିକ୍ଷଣ ବର୍ଷା ଆସିବାର ବ୍ୟବସ୍ଥା କର । ପରବର୍ତ୍ତୀ ପର୍ଯ୍ୟାୟରେ ସତକୁ ସତ କଳାହାଣ୍ଡିଆ ମେଘ ଘନେଇ ଆସେ ଏବଂ ବର୍ଷା ହୋଇଥାଏ । ଯଦି ବର୍ଷା ନ ଆସିଲା ତାହେଲେ କୌଣସି ଲୋକଙ୍କ ଉପରେ

ଦେବତା ସବାର ହୋଇ ଆସନ୍ତି ଏବଂ ସେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଅନ୍ତି ଆଉ ଦିନେ କି ଦୁଇଦିନ ଭିତରେ ଏଠାରେ ନିଶ୍ଚୟ ବର୍ଷାହେବ ସେମାନେ ଦେହୁରୀଙ୍କୁ ମୁକ୍ତ କରି ଦିଅନ୍ତୁ । ଗ୍ରାମବାସୀମାନେ ମୁକ୍ତ କରିବାକୁ ରାଜି ହୁଅନ୍ତି ନାହିଁ, ସେମାନଙ୍କ ସେହି ଏକା ଜିଦ୍ ବର୍ଷା ନ ହେବା ଯାଏ ଛାଡ଼ିବେ ନାହିଁ । ଅବଶେଷରେ ସେମାନେ ସେହି ଦେବତା ଲାଗି ଥିବା ଅନେକଙ୍କ ଉଦ୍ଦେଶ୍ୟରେ କୁହନ୍ତି ଯଦି ସତରେ ବର୍ଷା ହେବାର ଦୃଢ଼ ପ୍ରତିଶ୍ରୁତି ଦେଉଛ ତାହେଲେ ତମେ ନିଜେ ହିଁ ଦେହୁରୀଙ୍କୁ ବନ୍ଧନ ମୁକ୍ତକର । ଏହାପରେ ସେ ତାଙ୍କୁ ନିଜେ ବନ୍ଧନମୁକ୍ତ କରିଥାନ୍ତି । ଏଠାରେ ହିଁ ସେଦିନର ଦେହୁରୀ ବନ୍ଧା କାର୍ଯ୍ୟକ୍ରମର ପରିସମାପ୍ତି ହୁଏ । ଯଦି ଘୋଷଣା କରାଯାଇଥିବା ଦିନ ମଧରେ ବର୍ଷା ହୁଏ, ତାହାହେଲେ ଫସଲ ଅମଳ ପରେ ପରେ ଦିନ ଧାର୍ଯ୍ୟ କରାଯାଇ ପୁନର୍ବାର ଦେହୁରୀଙ୍କୁ ଡକାଯାଇ ଦେବାଦେବୀଙ୍କ ଉଦ୍ଦେଶ୍ୟରେ ସେ ଯାହା ମାନସିକ ରଖିଥାନ୍ତି ତାହା ଦିଅଯାଇଥାଏ । ଏହା ଅନେକ ସମୟରେ ଛେଳି, ମେଣ୍ଢା, କୁକୁଡ଼ାଙ୍କ ବଳି ସ୍ୱରୂପ ପ୍ରଦାନ କରାଯାଉଥିବା ସମେତ କ୍ଷୀର ଓ ଲଡ୍ଡୁ ମଧ ଅର୍ପଣ କରାଯାଇଥାଏ । ସେଥିପାଇଁ ହିଁ ଏହି ଅଞ୍ଚଳରେ ଅନେକ ସମୟରେ ବର୍ଷା ନହେଲେ ଲୋକମାନେ ପରିହାସ ଛଳରେ କହିଥାନ୍ତି ''ଦେଖ ଦେଖ କେଉଁଠି କେଉଁ ଖଡ଼ିଆକୁ ନହେଲେ ବାନ୍ଧ ।''

ଏହି ପ୍ରକାରେ ବାମନଘାଟି ଉପଖଣ୍ଡର ରଡ଼ପାହାଡ଼ ଅଞ୍ଚଳରେ ବସବାସ କରୁଥିବା ଖଡ଼ିଆମାନଙ୍କ ସ୍ୱତନ୍ତ୍ର ପରିଚୟ ରହିଛି । ସେମାନେ ମଣିଷ ହୋଇ ମଧ ଦେବତାଙ୍କ ନିକଟତର ବୋଲି ମାନ୍ୟତା ପାଇଛନ୍ତି । ଯାହା ସମସ୍ତ ଖଡ଼ିଆ ସମ୍ପ୍ରଦାୟ ସକାଶେ ଗର୍ବ ଓ ଗୌରବର ବିଷୟ । ସେହିପରି ମଧ ଏହି ଅଞ୍ଚଳର ସାଧାରଣ ସମାଜ ସମଗ୍ର ଜଗତକୁ ସେହି ସନ୍ଦେଶ ପ୍ରଦାନ କରେ । କାହାକୁ ମଧ ହେୟଜ୍ଞାନ କରିବା ଉଚିତ ନୁହେଁ କାରଣ ସମସ୍ତ ମଣିଷ ହେଉଛନ୍ତି ଦେବ୍‌ତାଙ୍କ ଅତି ଆପଣାର । ସେଠାରେ ଆଭିଜାତ୍ୟର କୌଣସି ସ୍ଥାନ ହିଁ ନାହିଁ ।

**ଅଧାପକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ**

# ଆଦିବାସୀ ସମାଜରେ ପ୍ରକୃତି ପୂଜା

- ଡଃ ଅସିତ୍ କୁମାର ପଟ୍ଟନାୟକ

''ଆଦିବାସୀ ସମାଜରେ ପ୍ରକୃତି ପୂଜା'' ସମ୍ପର୍କରେ ଆଲୋଚନା କଲାବେଳେ ସେମାନଙ୍କ ଧର୍ମଧାରଣା ସମ୍ପର୍କରେ ସୂଚନା ଦେବା ପ୍ରଯୁଜ୍ୟ । ଏହାର ପିରସର ବ୍ୟାପକ, ଏମାନଙ୍କ ସଂସ୍କୃତିର ଏକ ବିଶେଷ ଅଙ୍ଗ । ସାମାଜିକ ଜୀବନରେ ଏହାର ପ୍ରଭାବ ଅପ୍ରତିହିତ । ଏଣୁ କୁହାଯାଏ ''Religion which is defined as the belief in spiritual beings is one of the major cultural aspects. It covers religions beliefs and practices, feasts and festivals, magic and other occult controlling mechanisms.'' ଜୀବ ଜଗତ ମଧ୍ୟରେ ମନୁଷ୍ୟ ଯେ ଶ୍ରେଷ୍ଠ ଆସନର ଅଧିକାରୀ, ଏ ବିଷୟ ଜାଣିବା ପରେ ସେ ନିଜକୁ ଚିହ୍ନିବାକୁ ଲାଗିଲା । ସଂଗ୍ରାମ କରି ବଞ୍ଚିବାକୁ, ନିଜକୁ ପ୍ରତିଷ୍ଠିତ କରିବାକୁ ସେ ତତ୍ପର ହୋଇ ଉଠିଲା । କେବେ ସଂଗ୍ରାମ କରି ବିଜୟର ଟିକା ପିନ୍ଧିବାର ସୁଯୋଗ ପାଇଲା ତ, କେବେ ପ୍ରକୃତିର ଅକ୍ଷୟ, ଅମାପ ଶକ୍ତି ଦେଖି ବିସ୍ମୟ ପ୍ରକାଶ କଲା । ନିରୀହ ବନବାସୀଙ୍କ କଳ୍ପନା ବାହାରେ ଯାହାଥିଲା ତାହା ପ୍ରକୃତି ଦ୍ୱାରା ସମ୍ଭବ ହେବାର ଦେଖି ସେ ଅନୁଭବ କଲା ଯେ, ଜୀବ ଜଗତଙ୍କ ବ୍ୟତୀତ କେହି ଜଣେ ଅଦୃଷ୍ଟ ମହାଶକ୍ତି ବିଶ୍ୱର ମଙ୍ଗଳ କାର୍ଯ୍ୟରେ ସହାୟକ ହେଉଛି । ପରବର୍ତ୍ତୀ ସମୟରେ ସେହି ଶକ୍ତି ହିଁ 'ଈଶ୍ୱର' ବା 'ଇଷ୍ଟଦେବୀ' ଭାବେ ପରିଚିତ ହେଲେ । ସେହି ମଙ୍ଗଳମୟଙ୍କ ନିକଟରେ ନିଜକୁ ସମର୍ପଣ କରି ତାଙ୍କଠାରୁ ସତ୍ ସାହାସ ଭିକ୍ଷା କରି ମଣିଷ ନିଜେ ଶକ୍ତିଶାଳୀ ଓ ସାହସୀ ହେବାକୁ ଚେଷ୍ଟା କଲା । ଈଶ୍ୱରଙ୍କୁ ସନ୍ତୁଷ୍ଟ କରି ମନସ୍କାମନା ପୂର୍ଣ୍ଣ ପାଇଁ ସେ ଜପ, ତପ, ଆରାଧନା ମଧ୍ୟ ଆରମ୍ଭ କଲା ।

ଆଦିବାସୀ ଓ ପ୍ରକୃତି, ଏକ ଏବଂ ଅଭିନ୍ନ, ପ୍ରକୃତିର ମୁକ୍ତ କୋଳରେ ସେମାନେ ଲାଳିତ ପାଳିତ ହୋଇ ପ୍ରକୃତିର ସନ୍ତାନ ଭାବେ ପରିଚିତ । ସେମାନେ ପ୍ରକୃତି ପରି ସରଳ ଓ ଚଳଚଞ୍ଚଳ । ସେମାନଙ୍କ ମନ ସରଳ, ଆତ୍ମା-ନିଷ୍ପାପ । ପାପ-ପୂଣ୍ୟ ବିଚାରବୋଧ, ନିରଳସ-ଶ୍ରମ, ଅକ୍ଳାନ୍ତ-ସାଧନା ପ୍ରକୃତି ଉପରେ ଆଧାରିତ । ପ୍ରକୃତି ପରି ଆଦିବାସୀ ଜୀବନ୍ତ ଓ ସରଳ । ଆଦିବାସୀ କେବେ ଦୁଃଖରେ ଭାଙ୍ଗି ପଡ଼େନା । ସର୍ବଦା ସରସ - ସୁନ୍ଦର ଜୀବନ ଯାପନ କରେ । କାଲି ପାଇଁ ତା'ର ଶୋଚନା ନାହିଁ । ଏହି ସମ୍ପର୍କରେ କୁହାଯାଏ - ପ୍ରକୃତି କୋଳରେ ବର୍ଦ୍ଧିତ ଜୀବନ ସମୁଦାୟ ନିଜ ସାଂସ୍କୃତିକ ଜୀବନ ବ୍ୟାପ୍ତିରେ ପ୍ରାକୃତିକ ହୋଇପାରିଛି । ପ୍ରକୃତି ମଧ୍ୟରେ ଜୀବନ୍ତ ମାନବବାଦର ଜୟଗାନ କରିଛି । ଆଦିବାସୀ ମାନେ ଶୃଙ୍ଖଳା ବଦ୍ଧ, ଅନ୍ୟାୟର ବିରୋଧି, ସତ୍ୟ ନ୍ୟାୟ ଧର୍ମ ଓ ସତ୍ୟ ଶିବ ସୁନ୍ଦର ନୈଷ୍ଠିକ ପୂଜାରୀ । ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରକୃତିର କୋଳରେ ବଢ଼ି ସେ ଆନନ୍ଦ ଉପଲବ୍ଧି ପାଇଥାଏ ।

ପ୍ରକୃତି ଅଧିବାସୀଙ୍କର ଜୀବନ ସର୍ବସ୍ୱ, ସେମାନେ ଗୀତ ଓ ବନ୍ଦନା ଦ୍ୱାରା ପ୍ରକୃତି ପାଖରେ କୃତଜ୍ଞତା ଜଣାଇଥାନ୍ତି ଉଦାହରଣ ସ୍ୱରୂପ -

''ମାଟି ମା ମାଟି ମା
ଜୋଆର୍ ଲାଗସି ତକେ
ପରୁର ଶାଗ ପେଜ୍ ପେ
ନାଏଲ ମରବୁ ବୁକେ ।''

ଏଥିରୁ ଜଣାଯାଏ ମାଟି ମା' ପାଇଁ ଆଦିବାସୀଙ୍କର ଅଞ୍ଜଳି ଭରା କୃତଜ୍ଞତା ପ୍ରକୃତି ପ୍ରେମର ନିଦର୍ଶନ ଏଥିରେ ସନ୍ଦେହ ନାହିଁ । ସେମାନେ ପ୍ରକୃତିର ନିରାଜନାରେ ଐଶୀ ଶକ୍ତି ଉପଲବ୍ଧି କରିଥାନ୍ତି । ସେମାନଙ୍କର ପ୍ରକୃତି ପ୍ରାଣତା ଓ ମାନବୀୟ ଦୃଷ୍ଟିକୋଣରୁ ଆପଣା ଜୀବନରେ ଗ୍ରହଣ କରିବା ତେବେ ଯାଇ ଅନୁଭବ କରିହେବ-

''ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି
ଏ ସୃଷ୍ଟି ଅମୃତ ମୟ
ଜାଗ ନର ନାରୀ ଅମୃତ ସନ୍ତତି,
ପିଅ ସେ ଅମୃତ ପାନ ।''

ସମୟର ଚକ ଗଡ଼ି ଚାଲିଲା । ମନୁଷ୍ୟର ଚିନ୍ତା ଓ ଚେତନା ପରିବର୍ତ୍ତନ ହେବାକୁ ଲାଗିଲା । ଶେଷରେ ତା'ମନରେ ଧାରଣା ଜନ୍ମିଲା ଯେ ଈଶ୍ୱର ଦେଖିବାକୁ ଠିକ୍ ମନୁଷ୍ୟ ଭଳିଆ ଏବଂ ସେ ହେଉଛନ୍ତି ସୃଷ୍ଟିର ସର୍ବମୟ କର୍ତ୍ତା । ତାଙ୍କର ସହଧର୍ମିଣୀ ହେଉଛନ୍ତି ଜଗତଜନନୀ, ଶକ୍ତିର ଉତ୍ସ । ମଙ୍ଗଳମୟୀ ଅନ୍ନଦାତ୍ରୀ । ତାଙ୍କର ଇଚ୍ଛାରେ ସଂସାର ଚଳାଚଳ କରେ । ପାହାଡ଼, ପର୍ବତ, ନଦୀ, ସମୁଦ୍ର, ବୃକ୍ଷ, ଲତା, ଆକାଶ, ପାତାଳ, ପଶୁ, ପକ୍ଷୀ, କୀଟପତଙ୍ଗ ସବୁଥିରେ ସେ ବିରାଜମାନ ଅଛନ୍ତି । ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜା, ଅର୍ଚ୍ଚନା, ଭକ୍ତି ଓ ବଳିଦାନର ଆବଶ୍ୟକତା ରହିଛି । ସେ ରାଗିଲେ ବିଶ୍ୱର ଅମଙ୍ଗଳ ହୁଏ । ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡ଼ି ଓ ଅଗ୍ନିକାଣ୍ଡ ଘଟିଥାଏ ।

ଏହି ଧାରଣାରୁ ଜନ୍ମନେଲା ସରଳ ଆଦିବାସୀର ଈଶ୍ୱର ବିଶ୍ୱାସ । ତେଣୁ ସେ ପ୍ରକୃତିର ବିଭିନ୍ନ ପଦାର୍ଥକୁ ଈଶ୍ୱର ପ୍ରତୀକଭାବେ ପୂଜାର୍ଚ୍ଚନା କରିବାକୁ ଆରମ୍ଭ କଲା । ପରବର୍ତ୍ତୀ ସମୟରେ ପଥର ଓ ବୃକ୍ଷର କାଠରୁ ନିର୍ମିତ ମୂର୍ତ୍ତି ପୂଜା କରିବା ଆରମ୍ଭ କଲା । ତା'ର କଳ୍ପନା ପ୍ରସ୍ତୁତ ଈଶ୍ୱର ଏବଂ ଦେବଦେବୀଙ୍କ ମଧ୍ୟରୁ ନିଜର ଇଷ୍ଟଙ୍କୁ ପାଇବାର ଅନୁଭବ କଲା ।

ଆକାଶ, ଭୂମି, ବାୟୁ, ଜଳ, ପ୍ରବାହ, ଅଗ୍ନି ପ୍ରକାଶ ବିଭିନ୍ନ ରୂପରେ ଜନଜାତିମାନେ ବିସ୍ମିତ ହେବା ସହ ଐଶ୍ୱରୀକ ଶକ୍ତିର ରୂପାନ୍ତର ରୂପେ ସ୍ୱୀକାର କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟସ୍ତ, ଦୁଃଖ, ଦୁର୍ବିପାକ, ରୋଗ, ବୈରାଗକୁ ସେମାନେ ଈଶ୍ୱରଙ୍କ ଦଣ୍ଡରୂପେ ପରିଗଣିତ କରିଥାନ୍ତି । ଆଦିବାସୀମାନେ ସରଳ ବିଶ୍ୱାସୀ । ସେମାନେ ଶିଶୁଟିଏ ଜନ୍ମନେବା, ଯେପରି ଭଗବାନଙ୍କ ଇଚ୍ଛା, ସେପରି ମୃତ୍ୟୁକୁ ମଧ୍ୟ ଏକ ଐଶ୍ୱରିକ ଆବଶ୍ୟକତା ଭାବନ୍ତି । ପୁନର୍ଜନ୍ମ ଉପରେ ସେମାନଙ୍କର ଅଗାଢ଼ ବିଶ୍ୱାସ ।

ଆଦିମ ଅଧିବାସୀ ଗୋଷ୍ଠୀ ମୂଳତଃ ନିଜର ପାରିପାର୍ଶ୍ୱିକ ଅବସ୍ଥାଉପରେ ନିର୍ଭରଶୀଳ । ତାଙ୍କର ଧର୍ମଧାରଣାରେ ଚାରିପାଖର ଜୀବଜନ୍ତୁ ଓ ବୃକ୍ଷଲତା ସ୍ଥାନ ପାଇଥାନ୍ତି । ଫୁଲ, ପତ୍ର, ନିଆଁ, ପାଣି କୁ ନେଇ ତା'ର ପୂଜାପଦ୍ଧତି, ଅଧିକାଂଶ ଦେବଦେବୀଙ୍କର ଆସ୍ଥାନ ବୃକ୍ଷମୂଳରେ । ବାଉଁଶର ବୁଦା, ମହୁଲଗଛ, ବର ଅଶ୍ୱସ୍ତ, ଆମ୍ବ ପଣସ ଗଛରେ ବାସ କରନ୍ତି ଆଦି ଜାତିର ଆରାଧ ଦେବତା । ସାଧାରଣତଃ ଦେବୀପୀଠ ଗୁଡ଼ିକ ପବିତ୍ର ବାସସ୍ଥଳୀ ଭାବରେ ସଂରକ୍ଷିତ । ଡାଳଖାଇ ଠାକୁରାଣୀଙ୍କ ଠାରୁ ଆରମ୍ଭ କରି ବନଦୁର୍ଗା ପର୍ଯ୍ୟନ୍ତ ତାହାର ସୁରକ୍ଷା କରନ୍ତି । ପନ୍ଥା ପ୍ରଦର୍ଶନ କରନ୍ତି ଓ ବନ୍ୟ ଜନ୍ତୁଙ୍କ ଆକ୍ରମଣକୁ ପ୍ରତିହତ କରନ୍ତି ବୋଲି ଦୃଢ଼ ବିଶ୍ୱାସ ।

ସେହିପରି ସଂରକ୍ଷିତ ଧାର୍ମିକ ବନସ୍ଥଳୀ (Sacred Grooves) ନିତ୍ୟ ପୂଜିତ ଦେବପୀଠର ମାନ୍ୟତା ପାଇଥାଏ । ଏହି ଅଞ୍ଚଳର ଖଣ୍ଡିଏକାଠ, ଶୁଖିଲା ବାଉଁଶ କଣି, ପତ୍ର ଓ ଫୁଲଟି ମଧ୍ୟ କେହି ନିଏ ନାହିଁ ବା ଭାଙ୍ଗେ ନାହିଁ ବର୍ଷକୁ ଥରେ ବା ଦିଥର ପୂଜା ପାଉଥିବା ବଣ୍ଡା ମାନଙ୍କର ପାଟଖଣ୍ଡା ରହୁଥିବା ବିଶାଳ ବଟବୃକ୍ଷ (ମୁଦୁଲି ପଡ଼ାପରି) ଅନେକ ପୀଠ ସ୍ୱତନ୍ତ୍ର ସଂରକ୍ଷିତ ଜଙ୍ଗଲ ଭାବରେ ଆଜିବି ରହିଛି ।

ଆଦିମ ଅଧିବାସୀମାନେ ବଣ, ଜଙ୍ଗଲ ଓ ପାହାଡ଼ରେ ବସବାସ କରନ୍ତି । ସେମାନଙ୍କର ସାଥୀ ହେଲେ ବନ୍ୟ ଜନ୍ତୁ, ଏଣୁ ବନ୍ୟଜନ୍ତୁଙ୍କୁ ପୂଜା କରନ୍ତି । ହିଂସ୍ର ନାଗ ଓ ବାଘ ଗୋତ୍ର ସଂକେତ ରୂପେ ସେମାନେ ଗ୍ରହଣ କରିଥାନ୍ତି । ପଶୁପକ୍ଷୀଙ୍କର ସୌନ୍ଦର୍ଯ୍ୟ ଓ ଶୁଭମ ବୋଧ ତାଙ୍କୁ ପଶୁପକ୍ଷୀଙ୍କର ପୂଜା କରିବାକୁ ପ୍ରବର୍ତ୍ତାଇ ଥାଏ ।

ପ୍ରକୃତି ଉପରେ ଆଦିବାସୀଙ୍କ ଅଖଣ୍ଡ ବିଶ୍ୱାସ । ପ୍ରକୃତି ଅସନ୍ତୁଷ୍ଟ ହେଲେ ସବୁ ବିପର୍ଯ୍ୟସ୍ତ ହୋଇଯିବ । ସମାଜର ସୁରକ୍ଷା ପାଇଁ ବ୍ୟକ୍ତିଗତ ଅସୁବିଧାର ଖଣ୍ଡନ ପାଇଁ ଆତ୍ମବଳି ଦିଏ ଆଦିବାସୀ । ଏହା ଧର୍ମାଚରଣର ଗୋଟିଏ ରୂପ: ଏକ ପୁଣ୍ୟ ସଂସ୍କାର । ଏହି ବିଚାରରୁ ନରବଳୀ ପ୍ରଥାର ଉତ୍ପତ୍ତି ହୋଇଥିବା ଅନୁମାନ କରାଯାଇଥାଏ, ଭୂମି ଦେବତାଙ୍କୁ ଆଶା ବସ୍ତୁଦେଇ ସନ୍ତୁଷ୍ଟ କରିବାକୁ ଏହାଏକ ଉତ୍ସର୍ଗୀକୃତ ଚିନ୍ତାଧାରା । ଏଥିରେ ସନ୍ଦେହ ନାହିଁ । ଏହି ପ୍ରସଙ୍ଗରେ କୁହାଯାଏ ।

"If we accrue the Nagas of having once been head-hunters, or the Khands, because they believed in offering a human sacrifice to the goddess of the earth in the hope of a fuller harvest, how then are we to regard those civilized communities which regard it as a necessary and the holy lack to engage in the wholesale slaughter of thousands upon thousands of men for the protection of the interests of a nation or a particular class? If the religion of the tribal people is corrupted by superstition have we the right to throw the first stone at them ?"

ଏକ ବିରାଟ ଶକ୍ତିର ବିଶ୍ୱାସ ରଖି ସବୁ ଆଦି ଗୋଷ୍ଠୀ ଜୀବନ ଅତିବାହିତ କରିଥାନ୍ତି । ବିଶ୍ୱାସର ଶୁଦ୍ଧ ପୋଷଣକାରୀ ହେଉଛନ୍ତି - ଆଦିବାସୀ ଜନତା । ଆଦିମ ସଭ୍ୟତା ଓ ସଂସ୍କୃତି ହିଁ ସେମାନଙ୍କ ଶ୍ରେଷ୍ଠ ସମ୍ପଦ । ସେମାନେ ଆତ୍ମ ସଚେତନ ଓ ସ୍ୱାବଲମ୍ବୀ । ସେମାନେ ସଭ୍ୟ ମଣିଷ ପରି ଏତେ ସହଜରେ ନିଜ ବିଶ୍ୱାସକୁ ତୁଟାଇ ଦେଇ ପାରନ୍ତି ନାହିଁ ।

ଐତିହାସିକମାନଙ୍କ ଦୃଷ୍ଟିରେ ଓଡ଼ିଶା ଭୂମି ହେଉଛି ଆର୍ଯ୍ୟ-ଅନାର୍ଯ୍ୟର ମିଳନ ପୀଠ । ଏହାର ଉପକୂଳ ଅଞ୍ଚଳରେ ସଭ୍ୟ ଆର୍ଯ୍ୟ ଗୋଷ୍ଠୀ ବସବାସ କରି ଆସୁଥିଲେ ମଧ୍ୟ ଏହାର ପାହାଡ଼ ପର୍ବତ ଉପର ମାଳ ଅଞ୍ଚଳରେ ବହୁ ପ୍ରକାର ଓ ବହୁ ଜାତିର ଆଦିବାସୀ ବାସ କରନ୍ତି । ସେମାନଙ୍କ ମଧ୍ୟରେ କନ୍ଧ, କୋହ୍ଲ, ଗାଦବା, ସାନ୍ତାଳ, ବଣ୍ଡା, ଭତରା, କୋୟା, ଭୂୟାଁ, ହୋ, ପରଜା ଓ ଶବର ପ୍ରଧାନ । ଏମାନେ ଆଦିମ ଯୁଗର ନିଜର ପରମ୍ପରା ଓ ବିଶ୍ୱାସକୁ ନେଇ ଜୀବନ ଓ ଜୀବିକା ବଞ୍ଚାଇ ଆସିଛନ୍ତି । ସେମାନେ, ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେଲେ ମଧ୍ୟ ନିଜର ବିଶ୍ୱାସ ଉପରୁ ଆସ୍ଥା ତୁଟାଇ ନଥାନ୍ତି । ଆଦିବାସୀମାନେ ପ୍ରକୃତିର ଉପାସକ । ଜଙ୍ଗଲ, ଡଙ୍ଗର, ଝରଣା, ଭୂଇଁ ପ୍ରତ୍ୟେକ ତାଙ୍କର ଦେବତା । କାରଣ ଏସବୁ ପ୍ରାକୃତିକ ବିଭବ ଉପରେ ନିର୍ଭର କରି ସେ ବଞ୍ଚେ । ତେଣୁ ସେ ପ୍ରକୃତିର ସନ୍ତାନ ।

ଆଦିବାସୀମାନେ କଷ୍ଟ ସହିଷ୍ଣୁ । ସେମାନେ ଅଧିକାଂଶ କୃଷିଜୀବୀ । କୃଷିର ଉନ୍ନତି ପାଇଁ ସେମାନେ ବିଭିନ୍ନ ଦେବାଦେବୀଙ୍କୁ ପୂଜା କରିଥାନ୍ତି । କନ୍ଧମାନେ ଧରଣୀ ଦେବୀ 'ବଡ଼ପେନୁ'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ମେରିଆ ବଳି ଦେଇଥାନ୍ତି । କନ୍ଧମାନେ ୮୪ ପ୍ରକାରର ଦେବାଦେବୀଙ୍କୁ ପୂଜା କରିଥାନ୍ତି । 'ଗୁଡ଼ିମାତା' କୋୟା ମାନଙ୍କର ଗାଁ ଠାକୁରଣରୀ । ଏତଦ୍‌ବ୍ୟତୀତ ଭୂମ (ଭୂମି) ଦେବତାଙ୍କୁ ବି ସେମାନେ ପୂଜା କରନ୍ତି । 'ଦନ୍ତେଶ୍ୱରୀ' ପରଜା ମାନଙ୍କର ମୁଖ୍ୟ ଦେବୀ । ଗଦବାମାନେ 'ଗଙ୍ଗାଦେବୀ'ଙ୍କୁ ପୂଜା କରନ୍ତି । ଗଣ୍ଡମାନଙ୍କର ଅଧିଷ୍ଠାତ୍ରୀ ଦେବୀ 'ଝୁଲଣ ଦେବୀ' । ଏଥିରୁ ଜଣାଯାଏ ଯେ, ଆଦିବାସୀ ମାନେ ଦେବୀ ଉପାସକ । ଏହା ବ୍ୟତୀତ ଆଦିବାସୀମାନେ ପ୍ରକୃତିର ଉପାସକ । ଶାଳବୃକ୍ଷ ମୂଳରେ ଦେବୀଙ୍କର ଆସ୍ଥାନରେ ପଥର ବିଗ୍ରହଟିଏ ରଖି 'ହୋ' ସମ୍ପ୍ରଦାୟର ଆଦିବାସୀମାନେ 'ପାଇତି'ଙ୍କୁ ପୂଜା କରନ୍ତି । ସେମାନେ ଶାଳବୃକ୍ଷକୁ ଛେଦନ କରନ୍ତି ନାହିଁ । ସେହିପରି 'କୋୟା'ମାନେ ମହୁଲ ଗଛ ଛେଦନ କରନ୍ତି ନାହିଁ । ମହୁଲ ବଣରେ ସେମାନେ ନିଜର ଠାକୁରଙ୍କୁ ପ୍ରତିଷ୍ଠା କରନ୍ତି । 'ବଣ୍ଡା' ସମ୍ପ୍ରଦାୟରେ 'ହୁଣ୍ଡି' ହେଉଛନ୍ତି ଇଷ୍ଟ ଦେବୀ । ଗାଁ ମୁଣ୍ଡ ବୃକ୍ଷ ମୂଳରେ ମଣ୍ଡପ କରି ଏହି ଦେବୀଙ୍କୁ ପୂଜା କରନ୍ତି । 'ଭୂୟାଁ'ମାନେ 'ଗ୍ରାମ-ମଙ୍ଗଳା' ଓ 'ଗ୍ରାମଶିରୀ'ଙ୍କୁ ପୂଜକ ଦେହୁରୀ ମାଧ୍ୟମରେ ପୂଜା କରନ୍ତି । କୋୟାମାନେ 'ଗୁଡ଼ିମାତା'ଙ୍କୁ କୁକୁଡ଼ା ଓ ମଦ ଦେଇ ପୂଜା କରନ୍ତି । ସାନ୍ତାଳ ମାନେ 'ସିଙ୍ଗବୋଙ୍ଗା'ଙ୍କୁ ଇଷ୍ଟଦେବୀ ରୂପେ ପୂଜା କରନ୍ତି । ପରଜା ସମ୍ପ୍ରଦାୟର ଆଦିବାସୀମାନେ ଗ୍ରାମଦେବୀ 'ସିନ୍ଦୀ' ଓ ଜୁଆଙ୍ଗମାନେ ଥାନପତି ରୂପେ ଗ୍ରାମର ମଙ୍ଗଳ ପାଇଁ ପୂଜା କରନ୍ତି । ପିତୃ ପୁରୁଷଙ୍କୁ 'ହୋ' ମାନେ ଗୃହ ଦେବତା ଭାବରେ ପୂଜା କରନ୍ତି । ସାନ୍ତାଳୀମାନେ ପୂର୍ବପୁରୁଷଙ୍କୁ 'କୁଳଦେବତା' ରୂପେ ପୂଜା କରନ୍ତି ।

ଭତରାମାନେ ଚୈତ୍ର ମାସରେ ଚଇତି ପର୍ବ କରି 'ବସୁମାତା'ଙ୍କୁ ପୂଜା କରନ୍ତି । ସେମାନେ 'ବିଜାପାଣ୍ଡୁ'ଙ୍କୁ ନିଜର ଇଷ୍ଟ ଭାବରେ ଗ୍ରହଣ କରିଥାନ୍ତି । ଭୂୟାଁମାନେ 'ବସୁମାତା'ଙ୍କୁ ପୂଜା କରନ୍ତି । ସାନ୍ତାଳ ମାନେ 'ଈଶ୍ୱର'ଙ୍କୁ 'ସିଙ୍ଗବୋଙ୍ଗା' ନାମରେ ପୂଜା କରନ୍ତି । କୃଷି ଉଦ୍ଦେଶ୍ୟରେ ସେମାନେ 'ଏରକସୀମ', 'ହରିଅରସୀମ' ଓ 'ଜନ୍ଥର ହରେ' ପର୍ବ ପାଳନ କରନ୍ତି । ପରଜାମାନେ ଅନାବୃଷ୍ଟିରୁ ରକ୍ଷା ପାଇବା ପାଇଁ କ୍ଷେତରେ କାଠପୋତି ବର୍ଷା ପାଇଁ ପ୍ରାର୍ଥନା କରନ୍ତି । ଶବରମାନେ ଚାଷକାମ ଓ ଶିକାର ଯାତ୍ରା ପୂର୍ବରୁ ମୃତାତ୍ମାମାନଙ୍କୁ ପୂଜାବଳୀ ଦେଇଥାନ୍ତି । ଜଙ୍ଗଲ ସଫା ସମୟରେ 'କୁରୁଲପୁର' ପର୍ବ, ବିହନ ବୁଣାବେଳେ ଓ ଶସ୍ୟ ଆମଦାନୀ ବେଳେ 'ଜମାଲପୁର', 'ବାଣପୁର', 'ଲମ୍ୱାପୁର' ପ୍ରଭୃତି ପର୍ବ ପାଳନ କରିଥାନ୍ତି । ବିଭିନ୍ନ ଢ଼ଙ୍ଗରେ ବିଭିନ୍ନ ପ୍ରଣାଳୀରେ ହେଲେ ମଧ୍ୟ ସମସ୍ତ ଆଦିବାସୀ ନିର୍ଦ୍ଦିଷ୍ଟ କାର୍ଯ୍ୟ ସାଧନ ପାଇଁ ଈଶ୍ୱର ବା ଇଷ୍ଟଙ୍କୁ ପୂଜା କରିଥାନ୍ତି । ଏଣୁ କୁହାଯାଏ ବୃକ୍ଷ ପୂଜା ଆଦିବାସୀ ସମ୍ପ୍ରଦାୟର ଏକ ପରମ ବିଭବ ।

ଆଦିବାସୀଙ୍କ ବୃକ୍ଷପୂଜା ଓ ଜୀବଜନ୍ତୁ ପୂଜା ଏକ ପ୍ରଚଳିତ ପ୍ରଥା । ବୃକ୍ଷମାନଙ୍କ ମଧ୍ୟରେ ଅଁଳା, ଗର୍ଭଣା, କରମ, ନିମ୍ୱ, ଅଶ୍ୱତଥ, ଶାଳ, ବରଗଛ ଆଦିର ପୂଜା ସ୍ଥାନ ଭେଦରେ ଦେଖିବାକୁ ମିଳେ ।

ଖରିଆ ସମ୍ପ୍ରଦାୟର ଆଦିବାସୀମାନେ ମୟୂରଭଞ୍ଜ ଜିଲ୍ଲାରେ ବାସ କରନ୍ତି । ସେମାନେ ବଳରାମଙ୍କର ପରମଭକ୍ତ ଭାବେ ପରିଚିତ । ସେମାନେ ବଳରାମଙ୍କୁ ଅନେକ ବର୍ଷ ପୂର୍ବରୁ ପୂଜା କରି ଆସୁଛନ୍ତି । ସେହିପରି ଶବରମାନେ ଶ୍ରୀ ନୀଳମାଧବଙ୍କୁ ନିଜର ଇଷ୍ଟରୂପେ ପୂଜା କରୁଛନ୍ତି । ଶ୍ରୀ ନୀଳମାଧବ ବିଶ୍ୱାବସୁଙ୍କ କୁଡ଼ିଆରୁ ଆସି ଶ୍ରୀମନ୍ଦିରରେ ଜଗନ୍ନାଥ ରୂପ ଧାରଣ କରିବାରୁ ସେମାନେ ଶ୍ରୀ ଜଗନ୍ନାଥଙ୍କ ପରମଭକ୍ତ ହୋଇ ରହିଆସିଛନ୍ତି । ଯେଉଁ

ଶବରମାନେ ବଣ ଜଙ୍ଗଲ ଭିତରେ ରହିଛନ୍ତି, ସେମାନେ ଜଙ୍ଗଲ ମହାପ୍ରଭୁଙ୍କୁ ପୂଜା କରନ୍ତି । ସେ ହେଉଛନ୍ତି ଜଗନ୍ନାଥଙ୍କ ଅନ୍ୟରୂପ । କୋରାପୁଟ ଓ ଗଞ୍ଜାମର କେତେକ ଆଦିବାସୀ ସମ୍ପ୍ରଦାୟ ବୃକ୍ଷ ଦେହରେ ବଡ଼ ବଡ଼ ଆଖିପାଟି କରି ତା ଚାରିପାଖ ନିଆଁ ଜାଳି ପୂଜା କରନ୍ତି ।

ଗଣ୍ଡ ସମ୍ପ୍ରଦାୟ ତିନୋଟି ଦେବତା 'ବୁଢ଼ାଦେଓ', 'ଲିଙ୍ଗ' ଓ 'ଜଙ୍ଗ'ଙ୍କୁ ପୂଜା କରନ୍ତି । ଏହି ଦେବତା ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସ୍ୱରୂପ ଅଟନ୍ତି । କଥିତ ଅଛି – ବିଦ୍ୟାପତି ଆଦିବାସୀ ସମ୍ପ୍ରଦାୟର ଇଷ୍ଟଦେବ ଶ୍ରୀ ନୀଳମାଧବଙ୍କୁ ହରଣ କରି ନେଇଗଲା ପରେ ଆଦିବାସୀମାନେ ଇଷ୍ଟଦେବଙ୍କୁ ହରାଇ ଦୀର୍ଘକାଳ ସବୁ ସୁଖ ଭୁଲି ଏକ ନିଷ୍ଠାରେ ଦେବତାଙ୍କୁ ପ୍ରାର୍ଥନା କରିଥିଲେ । ଶ୍ରୀ ନୀଳମାଧବ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ସ୍ୱପ୍ନରେ କହିଲେ, ବିଦ୍ୟାପତି ମୋତେ ସମ୍ପୂର୍ଣ୍ଣ ନେଇପାରିନାହିଁ । ତୁମ ପୂଜାର୍ଚ୍ଚନା ପାଇଁ ମୁଁ ମୋର ଜଙ୍ଘ ଠାରୁ ପାଦ ପର୍ଯ୍ୟନ୍ତ ରଖିଦେଇଯାଇଛି । ତୁମେ ମୋର ପାଦ ପୂଜା କରି ସନ୍ତୁଷ୍ଟ ହୁଅ । ସେହିଦିନ ଠାରୁ ସେମାନେ ତାଙ୍କୁ ପୂଜା କରିଆସୁଛନ୍ତି । ଶବରମାନଙ୍କ ପୂଜିତ ଦାରୁ ଦେବତା ଆଜି ବିଶ୍ୱଦେବତା ହୋଇ ସମଗ୍ର ମାନବ ଜାତିର ଇଷ୍ଟ ହୋଇ ପାରିଛନ୍ତି ।

ଆଦିବାସୀମାନେ ପର୍ବପର୍ବାଣୀ ଓ ନୃତ୍ୟଗୀତ ପ୍ରିୟ । ସେମାନେ ଅଶିକ୍ଷିତ ହୋଇପାରନ୍ତି, କବିସୁଲଭ, ଭାବପ୍ରବଣତା, ନୃତ୍ୟସଙ୍ଗୀତ ପ୍ରିୟତା ରହିଛି ଏବଂ କେବଳ ପର୍ବପର୍ବାଣୀ ଯାନିଯାତ୍ରା ତଥା ଦେବାଦେବୀ ସୃଷ୍ଟି କରି ଗ୍ରହନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ର, ବଣ, ପାହାଡ଼, ନଦନଦୀ, ଝରଣା ପ୍ରଭୃତିକୁ ଦେବତା ପୂଜନ କରି ଜୀବନକୁ ସରସ ସୁନ୍ଦର କର୍ମମୟ ତଥା ଚଳଚଞ୍ଚଳ କରିଥାନ୍ତି ।

ପ୍ରକୃତରେ ଆଦିବାସୀର ମହାନୁଭବତାରୁ ସୃଷ୍ଟି ହୋଇଛି ଜଗନ୍ନାଥ । ସୂର୍ଯ୍ୟ ଓ ମାଟି ସେମାନଙ୍କର ଏକ ମାତ୍ର ଧେୟ ଓ ନମସ୍ୟ । ସତ୍ୟ, ମୈତ୍ରୀ, ଶାନ୍ତି, ସଂସ୍କୃତି ଯାହା ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର-ଓଡ଼ିଶାର ଆଦିବାସୀମାନେ ଏ ସବୁର ପରମ ପୂଜାରୀ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆଦିମ ଅଧିବାସୀଙ୍କ ଧର୍ମ ବିଶ୍ୱାସ ଓ ଧର୍ମ ଧାରଣା ଗୋଷ୍ଠିକେନ୍ଦ୍ରିକ । ସେମାନଙ୍କ ପ୍ରଚଳିତ ଧର୍ମଧାରଣା ସମଷ୍ଟିଗତ କାର୍ଯ୍ୟଧାରା ଦ୍ୱାରା ସଂଶ୍ଳିଷ୍ଟ । ଏହା ପାରସ୍ପରିକ ନିର୍ଭରଶୀଳତାର ଶିକ୍ଷା ପ୍ରଦାନ କରିଥାଏ । ଏଣୁ ସେମାନଙ୍କ ସମାଜରେ ପୂଜା ସାମୁହିକ ବିଚାର ବୋଧ ଦ୍ୱାରା ପରିଚାଳିତ ।

ପ୍ରତି ଆଦିବାସୀ ଗୋଷ୍ଠୀ ମଧ୍ୟରେ ବିଶ୍ୱସୃଷ୍ଟି ଓ ମଣିଷ ସୃଷ୍ଟି ସମ୍ପର୍କରେ ଅତି ମନୋରଞ୍ଜକ ଅଦ୍ଭୁତ ବିଶ୍ୱାସମାନ ରହିଛି । ଆଦିବାସୀଙ୍କ ଜୀବନଶୈଳୀ ଓ ଧାର୍ମିକ ମନୋଭାବକୁ ଅନୁଶୀଳନ କଲେ ଜଣାଯାଏ ଯେ, ସେମାନଙ୍କର ସରଳ ବିଶ୍ୱାସ ତଥା ଦୃଢ଼ ଆତ୍ମବିଶ୍ୱାସ ଅତି ଗୁରୁତ୍ୱପୂର୍ଣ୍ଣ ଯାହା ସୋମାନଙ୍କୁ ଯୁଗେ ଯୁଗେ ସ୍ୱାବଲମ୍ବୀ ହୋଇ ବଞ୍ଚିବାର ପ୍ରେରଣା ପ୍ରଦାନ କରିଛି, ବିଶ୍ୱନିୟନ୍ତା ଉପରେ ଥିବା ଏହି ଅତୁଟ ବିଶ୍ୱାସଟି ଆଦିବାସୀଙ୍କୁ ଏକ ସ୍ୱତନ୍ତ୍ର ମଣିଷ କରି ଗଢ଼ି ତୋଳିଛି ଏଥିରେ ସନ୍ଦେହ ନାହିଁ ।

ଅଧ୍ୟକ୍ଷ, କୋଟପାଡ଼୍ ମହାବିଦ୍ୟାଳୟ, କୋଟପାଡ଼୍

# ନବରଙ୍ଗପୁର ଜିଲ୍ଲାର ଗଣ୍ଡ ଜୀବନ ଶୈଳୀ

- ଡଃ ପ୍ରମୋଦିନୀ ହୋତା

ନବରଙ୍ଗପୁର ଜିଲ୍ଲାର ନାମ ଥିଲା ପୁଷ୍କର ନଗରୀ । ଏ ମାଟିର ମୂଳ ଆଦିମ ଆଦିବାସୀ ହେଲେ ଗାଦବା, ଗଣ୍ଡ, କନ୍ଧ, ପରଜା, ପାରେଙ୍ଗ, ଭତରା । ଏହି ଜିଲ୍ଲାର ଜଳବାୟୁ, ଭାଷା, ସଂସ୍କୃତିରେ ରହିଛି ସ୍ୱାତନ୍ତ୍ରତା । ଗଣ୍ଡ ଜନଜାତି ଏହି ଜିଲ୍ଲାରେ ବହୁଳଭାବେ ବାସ କରନ୍ତି । ଗଣ୍ଡମାନଙ୍କ ଜୀବନ ଶୈଳୀ ପରମ୍ପରା ପର୍ବପର୍ବାଣୀ ଅନ୍ୟାନ୍ୟ ଆଦିବାସୀ ଠାରୁ ଭିନ୍ନ । ଅନୁମାନ କରାଯାଏ ଗଣ୍ଡମାନେ ମଧ୍ୟ-ଭାରତର ଗୋଣ୍ଡୱାନା ଅଞ୍ଚଳରୁ ଆସି ଏଠାରେ ବସବାସ କରୁଥିଲେ । ବର୍ତ୍ତମାନ ଏମାନେ ଉମରକୋଟ, ଝରିଗାଁ, ରାଇଘର, ଚନ୍ଦାହାଣ୍ଡି ବ୍ଲକ୍‌ରେ ବସବାସ କରୁଛନ୍ତି । ଏମାନଙ୍କ ଘରଗୁଡ଼ିକ ଛୋଟ ଛୋଟ କାଠ, ବାଉଁଶ ଝାଟି ମାଟି, ନଡ଼ା ଓ ଝିଂକରରେ ତିଆରି ହୋଇଥାଏ । ନୂଆଣିଆ ଚାଳ ଘର ଭିତର ପରିଷ୍କାର ଓ ପରିଚ୍ଛନ୍ନ ଥାଏ । ଗଣ୍ଡ ସ୍ତ୍ରୀମାନେ ଚିକ୍‌କଣିଆ ମାଟି ବତୁରାଇ ଗୋବର ମିଶାଇ ଘରକୁ ଲିପା ପୋଛା କରିଥାନ୍ତି । ବହଳିଆ ମାଟିର ଲେପ ଦେଇ ଓଦା ଅବସ୍ଥାରେ ହିଁ ତା ଉପରେ ଆଙ୍ଗୁଳିରେ ଅଙ୍କିତ ଚିତ୍ର ବିଚିତ୍ର କରିଥାନ୍ତି । ଝୋଟିଗୁଡ଼ିକ ଅତ୍ୟନ୍ତ ସୁନ୍ଦର ଥାଏ । ଶୁଖିଲା ପରେ ସେଥିରେ ଗୋବର ପାଣି ମିଶାଇ କୁଟା ପୋଡ଼ାର କଳାଗୁଣ୍ଡକୁ ମିଶାଇ କପଡ଼ାରେ ଲେପ ଦିଆ ଯାଇଥାଏ । କାନ୍ଥରେ ହଳଦିଆ ମାଟି, ରଙ୍ଗ ଓ ଧଳା ମାଟିରେ ଲିପା ଯାଇଥାଏ । ତା ଉପରେ ଛାଞ୍ଚୁଣି (ବାଡ଼ନି)ରେ ଲିପାଯାଏ । ଚୂନର ବ୍ୟବହାର ଗଣ୍ଡମାନେ କରନ୍ତି ନାହିଁ । ଗଣ୍ଡ ସମ୍ପ୍ରଦାୟର ଲୋକମାନେ ତିନୋଟି ଦେବତାଙ୍କୁ ପୂଜା କରିଥାନ୍ତି । ବୁଢ଼ା ଦେଓ, ଲିଙ୍ଗା, ଜଙ୍ଗା । ଯାହାର ଜଗନ୍ନାଥ ସଂସ୍କୃତିର ପ୍ରଭାବ ରହିଛି ସେମାନେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସ୍ୱରୂପ । ଗଣ୍ଡମାନେ ଦେବତାଙ୍କୁ ବଡ଼ ଦେଓ୍ୱ ଓ ସାନ ଦେଓ୍ୱ ଭାବରେ ପୂଜା କରିଥାନ୍ତି । ଏହି ଦେବତାମାନେ ଲୋକଙ୍କ ରୋଗ ବୈରାଗ, ଜଙ୍ଗଲର ବାଘ ଭାଲୁର ଆକ୍ରମଣରୁ ରକ୍ଷା କରିଥାନ୍ତି ବୋଲି ବିଶ୍ୱାସ ରହିଛି । ବଡ଼ ଦେଓ୍ୱ ଦେବତାମାନେ ହେଲେ ବୁଢ଼ା ଦେଓ୍ୱ, ଭୈରବ, ମହାଦେବ, ଲିଙ୍ଗୋପେନ, ମାତା ମାଇ, ମାଓଲି, ଭୀମା ଦେବତା । ଏହି ଦେବ ଦେବୀମାନେ ଶକ୍ତିଶାଳୀ, କଲ୍ୟାଣ କାରକ, ଦେବ ସମାଜର ଶ୍ରେଷ୍ଠ ଦେବତା ରୂପେ ପୂଜା ପାଆନ୍ତି । ସାନ ଦେଓ୍ୱ ଦେବତାମାନେ ବଣ ଜଙ୍ଗଲ, ପାହାଡ଼, ଗୁମ୍ଫା, ନଈ ନାଳ, ମଶାଣୀରେ ବାସ କରିଥାନ୍ତି । ଗଣ୍ଡମାନେ ଗୁଣି ଗାରେଡ଼ି, ତନ୍ତ୍ରଯନ୍ତ୍ର, ଡ଼ିସାରୀ, ଗୁଣିଆ ଶିରାକୁ ବିଶ୍ୱାସ କରନ୍ତି । ରୋଗରୁ ମୁକ୍ତି ପାଇବା ପାଇଁ ସେମାନେ ଶିରା (ପୂଜାରୀ) ପାଖକୁ ନଡ଼ିଆ, କଦଳୀ, କଳା କୁକୁଡ଼ା, ପାରା, ମେଣ୍ଢା, ଛେଳି, ହଂସ ଆଦି ଧରିଯାନ୍ତି । ପୂଜାରୀ (ଶିରା) ଚାଉଳ ପୁଞ୍ଜେ ପିଢ଼ାରେ ପକାଇ ଯୋଡ଼ ବିଯୋଡ଼ ସଂଖ୍ୟାରେ ଗଣି ଭବିଷ୍ୟତ କଥା କହିଥାଏ । ଗୁଣି ଗାରେଡ଼ି, ପାଙ୍ଗଣ ମନ୍ତ୍ର ତନ୍ତ୍ର କରିଥିବା ଲୋକର କଥା କହିବା ପରେ ଏବଂ ରୋଗ ବ୍ୟାଧିରୁ ରକ୍ଷା ପାଇବା ପାଇଁ ଚେର ମୂଳ ଦେଇଥାଏ । ଆଣିଥିବା ଜିନିଷ ପୂଜା କରି ଠାକୁରାଣୀ ପାଖରେ ବଳି ପକାଏ, ତାହାକୁ ଗଣ୍ଡାମାନେ ବିଶ୍ୱାସ କରି ଫେରିଥାନ୍ତି । ପିଲାଜନ୍ମ, ବାହାଘର, ମୃତ୍ୟୁ ଓ ବିଭିନ୍ନ ପର୍ବ ପର୍ବାଣୀରେ ଗଣ୍ଡମାନେ ଦେବ ଦେବୀ ନିକଟରେ ବଳି ପକାଇ ପୂଜା କରିଥାନ୍ତି । ବର୍ଷ ତମାମ ଗଣ୍ଡମାନେ ନିଜର ସଂସ୍କୃତି, ପରମ୍ପରାକୁ ନେଇ ନାନା ପ୍ରକାର ପର୍ବ ପାଳନ କରିଥାନ୍ତି । ଶିରା ଚାଷବାସ, ପାଣିପାଗ, ଗୋରୁ ଗାଈର ଅସୁବିଧାରେ ଚେର ମୂଳିକାର ପ୍ରୟୋଗ ବିଷୟରେ କହିଥାଏ । ନୂତନ ଘର ନିର୍ମାଣ ସମୟରେ ସେମାନେ ମଦ ମାଂସ ଦେଇ ମାଟି ଦେବତାକୁ ସନ୍ତୁଷ୍ଟ କରିଥାନ୍ତି । ଲିଙ୍ଗୋପେନ୍ ଦେବତା ଗଣ୍ଡମାନଙ୍କର ସାଂସ୍କୃତିକ ମହାନାୟକ ଏବଂ ଗୋୟୋଲରୀ ହେଉଛନ୍ତି ପ୍ରେମର ଦେବତା ।

ଗଣ୍ଡ ସମ୍ପ୍ରଦାୟରେ ନାରୀମାନେ ଘର ପରିଚାଳନା କରିବାରେ ମୁଖ୍ୟ ଭୂମିକା ନେଇଥାନ୍ତି । ପରିବାର ନିୟୋଜନକୁ ସେମାନେ ବିଶ୍ୱାସ କରନ୍ତି ନାହିଁ କାରଣ ପରିବାରରେ ଅଧିକ ଲୋକ ଥିଲେ, ଗାଈ, ଛେଳି ଚରାଇବା, ବିଲ କାମ, ଜଙ୍ଗଲ କାମ କରିବା ପାଇଁ ସହଜ ସାଧ ହୋଇଥାଏ । ଗଣ୍ଡମାନେ ପ୍ରାୟ ଡାକ୍ତରଖାନା ଯାଆନ୍ତି ନାହିଁ। ଦିଶାରୀ ଶିରା ଯେଉଁ ଔଷଧ ଦେଇଥାଏ ତାକୁ ହିଁ ଖାଇ ଭଲ ହୁଅନ୍ତି ବୋଲି ବିଶ୍ୱାସ । ଗର୍ଭବତୀ ସ୍ତ୍ରୀକୁ ଅଧିକ ଖାଦ୍ୟ ଖାଇବାକୁ ପୌଢ଼ା ସ୍ତ୍ରୀମାନେ ଦିଅନ୍ତି ନାହିଁ। କାରଣ ପିଲା ବଢ଼ିଲେ ପ୍ରସବ ବେଳେ କଷ୍ଟ ହୋଇଥାଏ ଭାବନ୍ତି। ଏକୋଇଶା ପରେ ଗଣ୍ଡ ସ୍ତ୍ରୀ ପିଲାକୁ କାଗା ପାଏବା (ଲୁଗା)ରେ ବାନ୍ଧି ଠିପିରେ ପକାଇ ଧାନକୁଟା, ମାଣ୍ଡିଆ ଚୂରା, ଲୁଗା କଚା ପ୍ରଭୃତି କାମ କରିଥାଏ । ଏହି ସମ୍ବନ୍ଧରେ ବେଳେ ବେଳେ ମାଣ୍ଡିଆ ପେଜ, ଚାଉଳ ମିଶା ପେଜ, ପିଆଜ, ଲଙ୍କା, ଲୁଣ ଦେଇ ଖାଇଥାଏ । ପୃଷ୍ଟିକର ଖାଦ୍ୟ ଏମାନଙ୍କ ପାଇଁ ସ୍ୱପ୍ନ ହୋଇଥାଏ । ଦାନ୍ତ କାଠି, ପତର ପାଇଁ ଜଙ୍ଗଲକୁ ଯାଇଥାନ୍ତି । ସରଗି (ଶାଳ) ଓ ସିଆଡ଼ି ପତ୍ରର ଦନାରେ ଏମାନେ ଭାତ ଖାଇଥାନ୍ତି ଏବଂ ପେଜ ପିଇଥାନ୍ତି। ସ୍ତ୍ରୀମାନେ ଦେହକୁ ଚିକିଟା ମାଟି, ମୁଲତାନି ମାଟିରେ ସଫା କରିଥାନ୍ତି । ଟଲାତେଲ, ମହୁଲ ତେଲ ମୁଣ୍ଡରେ ଲଗାଇ ଖୋସା କରିଥାନ୍ତି । ସ୍ତ୍ରୀମାନେ ଆଠ, ଦଶ ହାତର ଶାଢ଼ୀ ଗଣ୍ଠିଲି ବାନ୍ଧି ପିନ୍ଧନ୍ତି । ପହୁଁଚି, ଅଇଁଠି (ବୁଡ଼ି) ବିଚ୍ଛା ଫେର୍‌ପଚି କାସୁମାଳା, କିଡ଼ଜନ୍, ନାକ ଫୁଲି, କାନଫୁଲ, ତରକି ପିନ୍ଧନ୍ତି ।

ଗଣ୍ଡମାନେ ଭବିଷ୍ୟତ ପାଇଁ ମୂଳା ଶାଗ, ସୋରିଷ ଶାଗ, ପୋଇ ଶାଗ, ବୋଇତାଳୁ ଏବଂ ବିଭିନ୍ନ ପନିପରିବା, ଶିମ୍ବ ମଞ୍ଜି, ବରଗଟି ମଞ୍ଜି, ଝୁଡୁଙ୍ଗ ମଞ୍ଜିକୁ ଟାଣ ଖରାରେ ଶୁଖାଇ ସଂରକ୍ଷଣ କରିଥାନ୍ତି । ଆମ୍ବ ଟାକୁଆ, କରଡ଼, ବଡ଼ା ଛତୁ, ମାଛ, କଙ୍କଡ଼ା (କିଲର) ଘଙ୍ଗି, ଗୁଲି, ମହୁଲ ଫୁଲ, ଛାଞ୍ଚୁଣୀ ସଂଗ୍ରହ କରି ଘରେ ରଖିଥାନ୍ତି । ବିବାହ ଓ ପର୍ବ ପର୍ବାଣୀରେ ଏକତ୍ରିତ ହୋଇ ରିଲିରୟ ସଙ୍ଗୀତ ଗାଇ ମହୁଲି ନିଶାରେ ନାଚିଥାନ୍ତି । 'ମାଟି ମାନ୍ଦର ନାଚ' ଗଣ୍ଡମାନଙ୍କ ମୁଖ୍ୟ ନାଚ । ଏହି ନୃତ୍ୟରେ ମାଦଲ, ଧୂଡ଼୍‌ରା, ଚିଟ୍ କଲି ପାରମ୍ପରିକ ବାଦ୍ୟ ଯନ୍ତ୍ର ବ୍ୟବହାର କରାଯାଏ । ଧାଙ୍ଗଡ଼ା (ଯୁବକ) ମାନେ କଳା ଓ ନୀଳ ରଙ୍ଗର ସାର୍ଟ ପିନ୍ଧିଥାନ୍ତି । ଅଣ୍ଟାତଳୁ ନାଲି ରଙ୍ଗର କପଡ଼ା ଘେରା ହୋଇଥାଏ । ମୁଣ୍ଡରେ ପଗଡ଼ି ଥାଏ । ସେଥିରେ ମୟୂର ପୁଚ୍ଛ, ବିଭିନ୍ନ ପକ୍ଷୀର ପର, ଫୁଲ ଲାଗିଥାଏ । ଅଣ୍ଟାରେ କଉଡ଼ିମାଳ, ପାଦରେ ଘୁଙ୍ଗୁର, ବେକରେ ପ୍ଲାଷ୍ଟିକ୍ ହାର ପିନ୍ଧିଥାନ୍ତି । ମୁଖିଆମାନେ କାଠ ଓ ଶିଙ୍ଗରେ ତିଆରି ମୁକୁଟ ପିନ୍ଧି ନାଚିଥାନ୍ତି । ଧାଙ୍ଗିଡ଼ୀ (ଯୁବତୀ) ମାନେ ଧଳା ଶାଢ଼ୀରେ ଲାଲ ଧଡ଼ି ସହ ପଣତକାନି ଲାଲ ରଙ୍ଗର ପିନ୍ଧିଥାନ୍ତି । ପାଦରେ ଘୁଙ୍ଗୁର, ବେକରେ ମାଳୀ ପିନ୍ଧି ମୁହଁକୁ କ୍ରିମ ପାଉଡ଼ରରେ ବୋଳି ଥାନ୍ତି । ପୁରୁଷମାନେ ମୁହଁରେ ରଙ୍ଗ ବୋଳି ଥାନ୍ତି । ନାଚ ପ୍ରଥମ ଧିମା ଥାଏ, ପରେ ନାଚର ଗତି ପ୍ରଖର ହୋଇଥାଏ । ଗଣ୍ଡମାନେ ଜମିରେ ଲଗା ଯାଇଥିବା ପନିପରିବା, ଶାଗ, ଗେଣ୍ଡା, ମାଛ, ବଡ଼ା ଛତୁ ପ୍ରଭୃତି ଖାଇଥାନ୍ତି । ଏହା ସହିତ ମଦ ମାଂସ ହେଉଛି ସେମାନଙ୍କର ପ୍ରିୟ ଖାଦ୍ୟ ।

ବର୍ଷ ତମାମ ଗଣ୍ଡମାନେ ପର୍ବପର୍ବାଣୀ ପାଳନ କରିଥାନ୍ତି । ପରଦେଶିନୀ ମାଁ, ଗାଁ ଠାକୁରାଣୀ ଯାତ୍ରା, ହୋଲି ପର୍ବ, କୁର୍ଦି ଯାତ୍ରା, ମାଟି ଯାତ୍ରା, ଅମୁଷ୍ ପରବ୍, ଅଖିତ୍ ପୂଜା, ରଥ ଯାତ୍ରା, ଡୁମା ଯାତ୍ରା, ନୂଆ ଖାଇ, ଚାଉଳ ଧୂଆ ପର୍ବ, ଦିଆଲି ପର୍ବ, କଟାର ମାନ୍ତି ପର୍ବ ପାଳନ କରିଥାନ୍ତି । ପ୍ରତିବର୍ଷ ମାଘ ମାସରେ ପରଦେଶିନୀ ମାଁ ଗାଁ ଠାକୁରାଣୀ ପର୍ବ ପାଳନ କରାଯାଏ । ପରଦେଶିନୀ ଶୀରା (ପୂଜକ) ଦେହରେ ଆବିର୍ଭାବ ହୁଅନ୍ତି । ଚାଷବାସ, ପାଣିପାଗ, ରୋଗ ବୈରାଗ ବିଷୟରେ ଭବିଷ୍ୟତବାଣୀ ଶୁଣାଇଥାନ୍ତି । ମାଁଙ୍କୁ କୁକୁଡ଼ା, ପାରା, ହଂସ, ଛେଳି, ମେଣ୍ଢା ପୂଜା କରି ସନ୍ତୁଷ୍ଟ କରାଯାଏ ।

ପ୍ରତି ତିନି ବର୍ଷରେ ମାଘ ମାସରେ ଥରେ କୁଣ୍ଡି ଯାତ୍ରା ବା ଶାଡ଼ୁ ଭାଇ ଭେଟ ପରବ ପାଳନ କରାଯାଏ । ଗୃହ ଦେବୀଙ୍କୁ ପୂଜା କରାଯାଏ । ଘରେ ପରିବାର ଲୋକ ପିଠାପଣା ମଦ ମାଂସ ଖାଇଥାନ୍ତି ।



ନବରଙ୍ଗପୁର ଜିଲ୍ଲାର ଗଣ୍ଡ ଜନଜାତିର ଜୀବନଶୈଳୀ ଓ ପରମ୍ପରା ।

ଫାଗୁନ୍ ମାସରେ ରାଧାକୃଷ୍ଣଙ୍କୁ ପୂଜା କରାଯାଏ । ସମସ୍ତେ ହୋଲି ଖେଳି ଥାନ୍ତି । ଚୈତ୍ର ମାସରେ ମାଟି ଯାତ୍ରା ହୋଇଥାଏ । ମାଟି ମାଁଙ୍କୁ ସନ୍ତୁଷ୍ଟ କରିବା ପାଇଁ ବଳି ନେଇ ମାଟିରେ ମଦ ଢ଼ଳା ଯାଏ । ବିହନ ପୂଜା କରି ସେହି ବିହନରେ ନିଜ ନିଜର ବିହନ ମିଶାଇ ଜମିରେ ବିହନ ବୁଣିଥାନ୍ତି । ଏହି ପୂଜାରେ ମହିଳାମାନେ ଅଂଶ ଗ୍ରହଣ କରନ୍ତି ନାହିଁ । ଡୁମା ଯାତ୍ରା ଚଇତ୍ର ମାସରେ ହୋଇଥାଏ । ପୂର୍ବ ପୁରୁଷମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ପୂଜା କରିଥାନ୍ତି । ଏଥିରେ ନିଜ ଘରର ଦେବ ଦେବୀଙ୍କୁ ପୂଜା କରାଯାଇଥାଏ । ଅଖିତ୍ ପୂଜା ଜ୍ୟେଷ୍ଠ (ଲାଣ୍ଡି) ମାସରେ ମାଟି ଦେବତାଙ୍କୁ ପୂଜା କରାଯାଏ । ମାଟି ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ବଳି ଦିଆଯାଏ ଏବଂ ମାଟିରେ ମଦ ଢ଼ଳାଯାଏ । ଏହା ଫଳରେ ଫସଲ ଅଧିକ ହୋଇଥାଏ ବୋଲି ଗଣ୍ଡମାନଙ୍କ ବିଶ୍ୱାସ ରହିଛି । ରଥ ଯାତ୍ରା ଆଷାଢ଼ ମାସରେ ହୋଇଥାଏ । ସମସ୍ତେ ଗାଁର ଏକତ୍ରିତ ହୋଇ ଯାତ୍ରା ଦେଖିବାକୁ ଯାଇଥାନ୍ତି । ଅମୋଷ ପରବ ଶ୍ରାବଣ ମାସରେ ହୋଇଥାଏ । ଗାଁରେ ଗୋରୁ ଗାଈ ରୋଗରୁ ମୁକ୍ତି ପାଇବା ପାଇଁ ଏକ ମାଟି ହାଣ୍ଡିରେ ଚେର ମୂଳି ଔଷଧ ସିଝାଇ ଗୋରୁ ଗାଈଙ୍କୁ ଖାଇବାକୁ ଦିଆଯାଏ । ଘରେ ମଦ, ମାଂସର ଭୋଜି ହୁଏ । ଭାଦ୍ରବ ମାସରେ ନୂଆଖାଇ ପର୍ବ ହୁଏ । ଦେବ ଦେବୀ ପାଖରେ ବଳି ପଡ଼େ । ନୂଆ ଚାଉଳ ପୂଜା ହୁଏ । ଘରେ ବାହାରେ ବନ୍ଧୁ ବାନ୍ଧବଙ୍କର ନୂଆ ଖାଇ ଭେଟ ହୁଏ । ଘରେ ଭୋଜି ଭାତ ସହିତ ମଦ ମାଂସ ରନ୍ଧା ହୁଏ । ସମସ୍ତେ ଜୁହାର ହୋଇ ଖୁସୀ ମନରେ ଖାଇଥାନ୍ତି ।

ଆଶ୍ୱିନ ମାସରେ ଦଶହରା ପର୍ବରେ ବାରୁ ପୂଜା ହୋଇଥାଏ । ଅବିବାହିତ ଝିଅମାନେ ଏକତ୍ରିତ ହୋଇ ସରଗି (ଶାଳ) ଦନାରେ ମାଟି ରଖି ସେଥିରେ ଧାନ, ମକା, ମାଣ୍ଡିଆ, ମୁଗ, ସୋରିଷ ବିହନ ପକାଇ ଗଜା କରିଥାନ୍ତି । ପ୍ରତ୍ୟେକ ଦନାକୁ ପୂଜା କରିଥାନ୍ତି । ପୂଜା ନଅ ଦିନର ଶେଷ ଦିନ ଦଶହରା ପୂଜା ହୋଇଥାଏ । ସମସ୍ତେ ଏକତ୍ରିତ ହୋଇ ଗଜା ହୋଇଥିବା ଦନାକୁ ନଦୀକୁ ନେଇ ସେଠାରେ ପୂଜା କରିଥାନ୍ତି । ତାପରେ ସେହି ଗଜା ହୋଇଥିବା ଗଛକୁ ମୁଣ୍ଡରେ ଖୋସି ଦଶହରା ଯାତ୍ରା ଦେଖିବାକୁ ଯାଇଥାନ୍ତି । କାର୍ତ୍ତିକ ମାସରେ ଚାଉଳ ଧୁଆ ପର୍ବ ହୋଇଥାଏ । ନୂଆ ଧାନକୁ ଧୋଇ ଭାତ ରନ୍ଧା ଯାଏ । ପ୍ରଥମ ରନ୍ଧା ଭାତ ଗୋରୁଙ୍କୁ ଖାଇବାକୁ ଦିଆଯାଏ । ପଶୁ ପକ୍ଷୀ ବଳି ଦିଆଯାଏ । ସମସ୍ତେ ମାଂସ, ମଦ ଓ ଭାତକୁ ପରସ୍ପର ବାଣ୍ଟି ଆନନ୍ଦରେ ଖାଇଥାନ୍ତି । ପଣ୍ଡ ମାସରେ ଦିଆଲି ପର୍ବ ହୁଏ । ଗୋରୁଙ୍କୁ ଖାଇବା ପାଇଁ ଖେଚୁଡ଼ି ଭାତ ଦିଆଯାଏ । ଗଉଡ଼ମାନଙ୍କୁ ନୂଆ ଲୁଗା, ମଦ, ଧାନ, ଟଙ୍କା ସହିତ ନୂଆ ପଘା ଦିଆ ଯାଇଥାଏ । ଏହି ମାସରେ କଟାର୍ ମାନତି ପର୍ବ ପାଳନ କରାଯାଏ । ଧାନ ଅମଳ ହୋଇ ରହିଥିବା ଘରେ କୁକୁଡ଼ା, ଛେଳି ବଳି ଦିଆଯାଏ । ଏହି ପର୍ବରେ ପୁଅ ଝିଅ ମାନଙ୍କୁ ଧାନ, ମାଣ୍ଡିଆ ଦିଆ ଯାଇଥାଏ ।

ଗଣ୍ଡମାନଙ୍କ ଧାଙ୍ଗଡ଼ା ଧାଙ୍ଗିଡ଼ୀ (ଯୁବକ, ଯୁବତୀ) ମାନଙ୍କ ସମାଜିକ ଅନୁଷ୍ଠାନ ରହିଛି, ଯାହାକୁ 'ଗୋଟୁଲ୍' କୁହାଯାଏ । ଗୋ ଅର୍ଥ ଦେବ, ଟୁଲ ଅର୍ଥ ସ୍ଥାନ । ଏହା ହେଉଛି ଗଣ୍ଡମାନଙ୍କ ପାଇଁ ଦେବ ସ୍ଥାନ । ଏହି ସ୍ଥାନରେ ଧାଙ୍ଗଡ଼ା ଧାଙ୍ଗଡ଼ୀ ଏକତ୍ରିତ ହୋଇ ନିଜର ଭାବର ଆଦାନ ପ୍ରଦାନ କରିଥାନ୍ତି । ଏକତ୍ରିତ ହୋଇ ଗଣ୍ଡ ସମାଜର ରୀତିନିତି, ସଂସ୍କୃତିକୁ ବଜାଇ ରଖିବା ସହ ସାମାଜିକ, ଅର୍ଥନୈତିକ, ଚିନ୍ତାଧାରାର ବିକାଶ ପାଇଁ ଚିନ୍ତା କରିଥାନ୍ତି । ଗଣ୍ଡମାନଙ୍କ ଗୋଟୁଲ ଧିରେ ଧିରେ ଲୋପ ପାଇବାକୁ ବସିଲାଣି । ଏହା ଫଳରେ ଗୋଷ୍ଠୀର ଅନ୍ତର୍ନିହିତ ସଂସ୍କୃତିର ବିଲୋପ ଘଟୁଛି । ନୂତନ ଚିନ୍ତାଧାରା ଗଣ୍ଡ ଯୁବକମାନଙ୍କ ମନରେ ପ୍ରବେଶ କରିବା ଫଳରେ ଗଣ୍ଡ ସମ୍ପ୍ରଦାୟର ମୌଳିକ ସଂସ୍କୃତି, ପରମ୍ପରା, ଐତିହ୍ୟ ଧିରେ ଧୀରେ ଲୋପ ପାଇବାକୁ ବସୁଛି । ଉମରକୋଟର ଗଣ୍ଡମାନେ ଆଜିକାଲି ଉଚ୍ଚ ଶିକ୍ଷିତ ହୋଇ ସାମାଜିକ ବିକାଶ ଧାରାରେ ଅଂଶ ଗ୍ରହଣ କଲେଣି । ଗଣ୍ଡ ଜନଜାତିର ଐତିହ୍ୟ, ପରମ୍ପରା, ସଂସ୍କୃତିର ଭିତ୍ତିଭୂମି ସୁଦୃଢ଼ । ଏହା ଓଡ଼ିଆ ସଂସ୍କୃତିର ଏକ ଅଂଶ ବିଶେଷ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ପାଇଲ ସାହି, ଜୟପୁର, କୋରାପୁଟ**
**ମୋ.ନଂ. ୯୪୩୭୦୭୯୯୦୨**

# ଭତ୍ରା ସମାଜ ବ୍ୟବସ୍ଥା

- ଡକ୍ଟର ପ୍ରଦୀପ କୁମାର ମିଶ୍ର

ଓଡ଼ିଶାର ଏକ ସ୍ୱର୍ଗୀୟ ଓ ଅତୁଳନୀୟ ଭୂଖଣ୍ଡ ଅବିଭକ୍ତ କୋରାପୁଟ । ନୈସର୍ଗିକ ଏବଂ ବିବିଧ ବନବାସୀଙ୍କ ଜୀବନ ଚର୍ଯ୍ୟାରେ ଏ ମାଟି ଚିରକାଳ ସମସ୍ତଙ୍କ ପାଇଁ ଅନୁରାଗର ଏକ ଶ୍ୟାମ ଭୂଇଁ । ପ୍ରଶାସନିକ କାରଣରୁ ଅକ୍ଟୋବର ୨, ୧୯୯୦ ମସିହାରେ ଏହି ବିଶାଳ ଜିଲ୍ଲା ବିଭାଜିତ ହୋଇ ୪ଟି ରାଜସ୍ୱ ଜିଲ୍ଲା ଯଥା - ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ରାୟଗଡ଼ାରେ ବିଭକ୍ତ ହେଲେ ହେଁ ସାଂସ୍କୃତିକ ଦୃଷ୍ଟିକୋଣରୁ ଏ ଜିଲ୍ଲାଗୁଡ଼ିକୁ ଏକ ଓ ଅନନ୍ୟ ଭୂଖଣ୍ଡ ଭାବେ ବିବେଚନା କରାଯାଏ । ସମଗ୍ର ଦେଶରେ ୨୮୩ ପ୍ରକାର ବନବାସୀ ବାସ କରୁଥିବା ବେଳେ ୬୨ ପ୍ରକାର ବନବାସୀ ଓଡ଼ିଶାରେ ବାସ କରନ୍ତି । ତନ୍ମଧ୍ୟରୁ ୧୩ ପ୍ରକାର ପ୍ରାଚୀନ ବନବାସୀ (Primitive Tribal Groups)ଙ୍କର ନିବାସ ସ୍ଥଳ ଓଡ଼ିଶା । ମହାରାଷ୍ଟ୍ର ଓ ଅବିଭକ୍ତ ମଧ୍ୟପ୍ରଦେଶକୁ ବାଦଦେଲେ ଓଡ଼ିଶା ପ୍ରମୁଖ ବନବାସୀଙ୍କର ଏକ ଅନୁପମ ଭୂଖଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ । ବଣ୍ଡା, ପରଜା, ଚୁକ୍‌ଟିଆ ଭୂଞିଆ, ଡ଼ିଡ଼ାୟୀ, ଡଙ୍ଗରିୟା କନ୍ଧ, ପାହାଡ଼ିଆ ଖରିଆ, ଜୁଆଙ୍ଗ, କୁଟିଆ କନ୍ଧ, ଲାଞ୍ଜିଆ ସୌରା, ଲୋଧା, ମାଙ୍କିଡ଼ିଆ, ବିରହର, ପାଉଡ଼ି ଭୂଇଁଆ ଏବଂ ସୌରା । ୨୦୦୧ ଜନଗଣନା ଅନୁସାରେ ଦେଶରେ ସମୁଦାୟ ବନବାସୀଙ୍କ ସଂଖ୍ୟାର ୨୨.୧୩ ପ୍ରତିଶତ କେବଳ ଓଡ଼ିଶାରେ ବାସ କରନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲା ମଧ୍ୟରେ ମାଲକାନଗିରିକୁ ବାଦ ଦେଲେ ନବରଙ୍ଗପୁରରେ ବନବାସୀଙ୍କ ସଂଖ୍ୟା ୫୨.୨୬ ପ୍ରତିଶତ (୨୦୦୧ ଅନୁଯାୟୀ) । ଏହି ଜିଲ୍ଲାର ବନବାସୀଙ୍କ ମଧ୍ୟରେ ଗଣ୍ଡ, ପରାଜା, ଭୂମିଆ ଓ ଭତରାଙ୍କ ମଧ୍ୟରୁ ଭତ୍ରାଙ୍କ ସଂଖ୍ୟା ସର୍ବାଧିକ । ଭତରାକୁ ଭତଡ଼ା ବୋଲି ମଧ୍ୟ କେତେକେ ସ୍ଥାନରେ ଉଚ୍ଚାରଣ କରନ୍ତି । ଭତରାମାନେ ମୁଖ୍ୟତଃ କୃଷିଜୀବୀ ହେଲେ ହେଁ ଶିକାର କରିବା ଓ ମାଛ ଧରିବାରେ ବି ସେମାନ ବେଶ୍ ଓସ୍ତାଦ୍ । ସେମାନେ ନବରଙ୍ଗପୁର ଜିଲ୍ଲାର କଷାଗୁମୁଡ଼ା ତତ୍‌ସଂଲଗ୍ନ ବସ୍ତର ଜିଲ୍ଲାର କେତେକ ଅଂଶରେ ବାସ କରନ୍ତି । ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ୍‌ରେ ଭତରାଙ୍କ ସଂଖ୍ୟା ସର୍ବାଧିକ । କୁହାଯାଏ, ବସ୍ତର ପ୍ରଥମ ରାଜାଙ୍କ ସହ ସେମାନେ ୱାରଙ୍ଗଲ୍‌ରୁ ଆସିଥିଲେ । ବସ୍ତରରୁ କ୍ରମେ ଭତରା ମାନେ ଓଡ଼ିଶାକୁ ଆସି ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଂଶରେ ବସବାସ କଲେ । ଏହି ସମୟରେ ଗଣ୍ଡମାନଙ୍କ ସହ ସେମାନଙ୍କର ଯୁଦ୍ଧ ହୋଇଥିଲା । ତାଙ୍କ ଉତ୍ପତ୍ତି ସମ୍ପର୍କରେ କିଛି ରୋଚକ ତଥ୍ୟ ବି ରହିଛି । ପ୍ରଥମ ଭତରା କୁଆଡ଼େ ଗଣ୍ଡ ଔରସରୁ ଜାତ ଅବୈଧ ସନ୍ତାନ । ଏହି ଦୃଷ୍ଟିରୁ ଗଣ୍ଡ ଓ ଭତରାଙ୍କ ଭିତରେ ଏକ ବଂଶୀୟ ସମ୍ପର୍କ ରହି ଆସିଛି । ସେମାନେ ଯଦିଓ ଦେଶୀଆ ଭାଷା କହନ୍ତି କିନ୍ତୁ ଭେରିୟର ଆଲୱିନଙ୍କ ମତରେ ତାହା ଓଡ଼ିଆ ଭାଷାର ଅପଭ୍ରଂଶ ଓ ଅପମିଶ୍ରିତ । ସେମାନେ ହିନ୍ଦୁ ପରମ୍ପରା ବିଶ୍ୱାସୀ ଓ ଅଧିକାଂଶ ହିନ୍ଦୁ ପର୍ବପର୍ବାଣୀ ପାଳନ କରିବା ସହ ପଇତା ପରିଧାନ କରନ୍ତି । ଭତରାମାନେ ପ୍ରାୟତଃ ତିନି ପ୍ରକାରର ଯଥା - ବଡ଼ ଭତରା, ମଝିଆ ଭତରା ଓ ସାନ ଭତରା । ଏମାନଙ୍କ ମଧ୍ୟରେ ବିବାହ ନିଷେଧ ଅଟେ । ଏହାଛଡ଼ା ବିଭିନ୍ନ ଗୋତ୍ରରେ ବିଭକ୍ତ ହୋଇଥାନ୍ତି ଓ ଧର୍ମୀୟ ବିଚାରରେ ବଞ୍ଚିବାକୁ ଏମାନେ ବେଶ୍ ପସନ୍ଦ କରନ୍ତି ।

## ଭତରାମାନଙ୍କର ସାମାଜିକ ଜୀବନ :

ଭତରା ମାନଙ୍କର ସାମାଜିକ ଜୀବନ ଅନ୍ୟାନ୍ୟ ବନବାସୀଙ୍କ ଠାରୁ ବେଶ୍ ଉନ୍ନତ ଓ ଶୃଙ୍ଖଳିତ । ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ବିଚାର ସେମାନଙ୍କ ସାମାଜିକ ଜୀବନରେ ବେଶ୍ ପ୍ରତିଫଳିତ । ଭତରା ସମାଜର ବିଭିନ୍ନ ସମସ୍ୟା ସାମାଧାନ କରିବା ପାଇଁ ସପ୍ତମ ମହାରଥୀଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ସାତଜଣ ସମାଜ ମୁଖ୍ୟ ସମାଜର ବିଭିନ୍ନ

ଦାୟିତ୍ୱ ଖୁବ୍ ସୁନ୍ଦର ଭାବେ ନିର୍ବାହ କରିଥାନ୍ତି । ସେମାନେ ହେଲେ (କ) ନାୟକ (କ) ପୂଜାରୀ (ଗ) ଭାତ ନାୟକ (ଘ) ଗାଣ୍ଡା (ଙ) ଚଲାଣ (ଚ) ଦିଶାରୀ (ଛ) ଶିରା / ଗୁଣିଆ । ସେମାନଙ୍କ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସମାନ୍ୟ ଆଲୋକପାତ କରିବା ଏଠାରେ ସମୀଚିନ ହେବ ।

## କ) ନାୟକ

ଭତରାମାନଙ୍କ ଭିତରେ ବଡ଼ ଭତରା ସମାଜରେ ବେଶ୍ ସମ୍ମାନୀତ । ଏମାନଙ୍କ ସଂଖ୍ୟା କମ୍ ଏବଂ ଭତରା ସାମାଜରେ ବଡ଼ ଭତରାଙ୍କ ପରିବାର ଯୌଥ ପରିବାର ଅଟେ । ନାୟକ ପରିବାର ବଂଶାନୁକ୍ରମିକ । ସେମାନଙ୍କର ସପରିବାର ଗାଁର ମଧ ଭାଗରେ ବାସ କରନ୍ତି । ସପରିବାରର ମୁଖ୍ୟ ନାୟକ ଗାଁ ସବୁଠାରୁ ଶକ୍ତିଶାଳୀ ଓ ସମ୍ମାନୀତ ବ୍ୟକ୍ତିତ୍ୱ । ସେ ଗାଁର ଜମି, ଧନ ସମ୍ପତ୍ତି ଓ ଗାଈ ଗୋରୁର ମାଲିକ ଅଟେ । ଗାଁର ସମସ୍ତଙ୍କର ଘର ଠାରୁ ନାୟକର ଘର ଉଚ୍ଚା, ଫର୍ଚ୍ଚା ଓ କାରୁକାର୍ଯ୍ୟପୂର୍ଣ୍ଣ । ଗାଁରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ନାୟକର ମତାମତ ଓ ନିଷ୍ପତ୍ତି ହିଁ ଚୁଡ଼ାନ୍ତ ଅଟେ । ଭତରା ଗ୍ରାମର ୭ ଜଣ ସମାଜ ମୁଖ୍ୟଙ୍କ ମଧ୍ୟରେ ନାୟକର ସ୍ଥାନ ସର୍ବାଗ୍ର ଅଟେ ।

## ଖ) ପୂଜାରୀ

ଗାଁର ପୂଜାରୀ ଗାଁର ଆଧାତ୍ମିକ ଓ ଧାର୍ମିକ ସ୍ଥଳ ଓ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା । ପ୍ରତ୍ୟେକ ଭତରା ଗାଁରେ ମାତାଗୁଡ଼ି ଓ ଠାକୁରାଣୀ ଗୁଡ଼ି ରହିଥାଏ । ପୂଜାରୀ ଦୈନିକ ବା ସାପ୍ତାହିକ ସେହି ସ୍ଥଳରେ ଉପାସନା କରି ଉତ୍ତମ ବର୍ଷା, ଫସଲ ଏବଂ ପାଳିତ ପଶୁ ଜନ୍ତୁଙ୍କର ନିରାପତ୍ତା କାମନା କରେ । ଗାଁର ସମସ୍ତ ଦେବାଦେବୀ କୁଆଡ଼େ ପୂଜାରୀର ବଶରେ ଥାଆନ୍ତି ବୋଲି ଗ୍ରାମବାସୀ ବିଶ୍ୱାସ କରନ୍ତି । ପୂଜାରୀ ଧଳା ଧୋତି ପରିଧାନ କରି ଦେବାଦେବୀଙ୍କର ଉପାସନା କରିଥାଏ । ତେତେକ ସ୍ଥାନରେ ସେମାନେ ଦିଶାରୀ ବା ବୈଦ୍ୟ ଭାବେ ଗ୍ରାମବାସୀଙ୍କୁ ବିଭିନ୍ନ ରୋଗ ଉପଷମ ପାଇଁ ଚେରମୂଳି ଔଷଧ ପ୍ରଦାନ କରିଥାନ୍ତି ।

## ଗ) ଭାତ ନାୟକ

ଭାତ ନାୟକ ଗାଁର ଅନ୍ୟତମ ସମାଜ ମୁଖ୍ୟ । ଯେଉଁମାନେ ସାମାଜିକ ନିୟମ ଉଲଘଂନ କରିବେ ବିଶେଷତଃ ଅନ୍ୟ ଜାତିରେ ବିବାହ କିମ୍ବା ଅବୈଧ ବିବାହ ସେମାନଙ୍କ ପାଇଁ କଟକଣା ରହିଛି । ଏତଦ୍‌ବ୍ୟତୀତ କୌଣସି ବ୍ୟକ୍ତି ଯୌନ ରୋଗ ଯାହାକୁ ଭତ୍ରୀ ଭାଷାରେ କୀଡ଼ାପାନୀ ରୋଗ୍ କହନ୍ତି, ସେଥିରେ ଆକ୍ରାନ୍ତ ହେଲେ ସେହି ପରିବାରକୁ ଗାଁର ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଏ । ଯେତେବେଳେ ସମ୍ପୃକ୍ତ ବ୍ୟକ୍ତି ବା ପରିବାର ନିଜ ଭୁଲ୍ ସ୍ୱୀକାର କରିବେ ସେମାନେ ଭାତ ନାୟକର ନିର୍ଦ୍ଦେଶରେ ଗ୍ରାମବାସୀଙ୍କୁ ଭୋଜି ଦେଇ ନିଜ ସମାଜରେ ପୁଣି ଥରେ ସାମିଲ୍ ହେବେ ।

## ଘ) ଗାଣ୍ଡା

ଭତରା ଗ୍ରାମରେ ଗଣ୍ଡା ବା ଗାଣ୍ଡାର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଗ୍ରାମରେ ଅନୁଷ୍ଠିତ ସମସ୍ତ ପର୍ବପର୍ବାଣୀ, ସଭା ସମିତିର ସୂଚନା ଦେବା ତାର ମୁଖ୍ୟ କର୍ତ୍ତବ୍ୟ । ଗୋଟିଏ ଛୋଟିଆ ବାଦ୍ୟ ସହ ଉଚ୍ଚ ସ୍ୱରରେ ସେ ଗ୍ରାମବାସୀଙ୍କୁ ସଭାସ୍ଥଳ ବେରଣମୁଣ୍ଡାରେ ଏକାଠି ହେବାକୁ ସୂଚନା ପ୍ରଦାନ କରିଥାଏ । ଶାସନ କାଳରେ ସେ ପୋଲିସ୍, ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ମଧ୍ୟରେ ଆବଶ୍ୟକ ବେଳେ ସଂଯୋଗ ସ୍ଥାପନ କରୁଥିଲା ଫଳରେ ଗାଣ୍ଡା ପ୍ରତି ଗ୍ରାମବାସୀଙ୍କର ଭୟ ଓ ଭକ୍ତି ବେଶ୍ ରହିଥିଲା ।

## ଙ) ଚାଲାଣ

ଗ୍ରାମରେ ବହିରାଗତ ଆଗନ୍ତୁକ ମାନଙ୍କୁ ଆତିଥେୟତା ପ୍ରଦାନ କରିବା ଚଲାଣର କାମ ଥିଲା । ବ୍ରିଟିଶ୍ ଶାସନ କାଳରେ କୌଣସି ଅଫିସର ବିଶେଷତଃ ଦାରୋଗା, ରିବିନ୍ (ରେଭେନ୍ୟୁ ଅଫିସର) ଫରିଷ୍ଟି (ଜଙ୍ଗଲ ବିଭାଗର ଅଫିସର) ଗାଁରେ ପହଞ୍ଚିଲେ, ସେମାନଙ୍କ ପାଇଁ ଚାଉଳ, କୁକୁଡ଼ା, ଡାଲି, ଜାଳକାଠ, ପାଣି ଓ ଘିଅ ଆଦି ଯୋଗାଇବା କାମ ଥିଲା ଚଲାଣର ।

## ଚ) ଦିଶାରୀ

ଗ୍ରାମର ବିଭିନ୍ନ ଉତ୍ସବ, ପର୍ବ ପର୍ବାଣୀର ତାରିଖ ବା ସମୟ ନିର୍ଦ୍ଧାରଣ କରିବା ସହ କେତେକ ସ୍ଥାନରେ ଔଷଧ, ଜଡ଼ିବୁଟି ପ୍ରସ୍ତୁତ କରି ଗ୍ରାମବାସୀଙ୍କୁ ରୋଗମୁକ୍ତ କରିବା ଦିଶାରୀର ମୁଖ୍ୟ କାମ ଥିଲା ।

## ଛ) ଶିରା/ଗୁରୁମାଇ

ଭତରା ଗ୍ରାମରେ ଶିରା (ପୁରୁଷ ପୁରୋହିତ) ବା ଗୁରୁମାଇ (ମହିଳା ପୁରୋହିତ)ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଗାଁରେ କୌଣସି ପ୍ରକାର ପ୍ରାକୃତିକ ଦୁର୍ବିପାକ ଯଥା - ବସନ୍ତ, ହଇଜା, ସର୍ପାଘାତ, ବଣ୍ୟଜନ୍ତୁ ଆକ୍ରମଣ, ମରୁଡ଼ି ଇତ୍ୟାଦି ବିପଦବେଳେ ସେମାନେ ନୂଆ ବସ୍ତ୍ର ପିନ୍ଧି, ହାତରେ ଅକ୍ଷତ (ଚାଉଳ) ଫୁଲ ଧରି ଧ୍ୟାନରେ ବସନ୍ତି, ଜୋର୍‌ରେ ମୁଣ୍ଡ ଟୁଙ୍ଗାରୀଲେ ଜଣାପଡ଼େ ତା ଉପରେ ଦେବୀ ସବାର ହେଲେ । ସେ ଦୁର୍ବିପାକର କାରଣ ପ୍ରକାଶ କରେ । ବେଳେବେଳେ ଏଥିପାଇଁ ମଦ ଓ କଳା କୁକୁଡ଼ାର ଆବଶ୍ୟକ ପଡ଼େ । ଏହି ସମୟରେ ଶିରା ଓ ଗୁରୁମାଇର କିଳିକିଳା ରଡ଼ି ଓ ଝୁଲିବା ଶୈଳୀ ଦର୍ଶକ ଭିତରେ ଭୟ ସଞ୍ଚାର କରେ ।

ଏହି ସପ୍ତ ମହାରଥୀଙ୍କର ଶୃଙ୍ଖଳିତ କାର୍ଯ୍ୟକଳାପ, ଭତରା ସମାଜରେ ଏକ ଉଚ୍ଚକୋଟୀର ସମାଜତନ୍ତ୍ର ଯୁଗ ଯୁଗ ଧରି ପ୍ରତିଷ୍ଠା କରି ଆସିଥିଲା । ଫଳରେ ଗାଁର ସକଳ ସମସ୍ୟା କେବଳ ଗାଁରେ ହିଁ ସମାଧାନ ହୋଇ ପାରୁଥିଲା । ସମ୍ପ୍ରତି କଳୁଷିତ ରାଜନୀତି ଯୋଗୁଁ ଏହି ଉଚ୍ଚକୋଟୀର ସମାଜ ବ୍ୟବସ୍ଥା ଧୀରେ ଧୀରେ ଏକ ପ୍ରକାର ସ୍ଥାଣୁ ପାଲଟି ଗଲାଣି ।

## ଭତରାଙ୍କ ଆର୍ଥିକ ସ୍ଥିତି

ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଜନଜାତିଙ୍କ ମଧ୍ୟରେ ଭତରା ମାନଙ୍କର ଆର୍ଥିକ ସ୍ଥିତି ବେଶ୍ ସ୍ୱଚ୍ଛଳ । ସେମାନେ ମୂଳତଃ ଉଚ୍ଚକୋଟିର ଚାଷୀ । କୃଷି ହିଁ ସେମାନଙ୍କର ମୁଖ୍ୟ ଜୀବିକା । ଏତଦ୍‌ବ୍ୟତୀତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ଶିକାର, ଜାଲ ବୁଣିବା ଓ ମାଛ ଧରି ବର୍ଷର କିଛି ଦିନ ପରବାର ପରିପୋଷଣ କରିଥାନ୍ତି । ଧାନ, ମାଣ୍ଡିଆ, ବାଜରା, ମକା, ବଭିନ୍ନ ଡାଲିଜାତୀୟ ଫସଲ ଓ ପନିପରିବା ଉତ୍ପାଦନରେ ସେମାନେ ବେଶ୍ କୁଶଳୀ । ଏହଦ୍ୱାରା ସେମାନେ ଆର୍ଥିକ ଦିଗରୁ ବେଶ୍ ସ୍ୱଚ୍ଛଳ ଓ ସ୍ୱାବଲମ୍ବନଶୀଳ ।

## ପୋଷାକ

ଭତରା ସମାଜରେ ନାରୀ ଓ ପୁରୁଷଙ୍କ ପୋଷାକ ପରିଧାନ ରୀତି ନିଆରା ଅଟେ । ଗ୍ରାମାଞ୍ଚଳରେ ପୁରୁଷମାନେ ଲେଙ୍ଗୁଟି ପରିଧାନ କଲାବେଳେ ମୁଣ୍ଡରେ ଗାମୁଛା ଭିଡ଼ନ୍ତି ଯାହାକୁ ଠେକା ବା ପଗଡ଼ି କୁହାଯାଏ । ବେଳେବେଳେ ଦେହରେ ଢ଼ିଲା ସାର୍ଟ ବା ଗଞ୍ଜି ପିନ୍ଧନ୍ତି । ନାରୀମାନେ ବିଭିନ୍ନ ରଙ୍ଗିନ୍ ଶାଢ଼ୀକୁ ଆଣ୍ଠୁରୁ କାନ୍ଧଯାଏ ପୁରି ଶରୀରକୁ

ଆବୃତ୍ତି କରି ବାମ ବା ଦକ୍ଷିଣ କାନ୍ଧରେ ଗଣ୍ଠି ପକାଇ ପିନ୍ଧିଥାନ୍ତି । ଯେତେ କଠିନ ପରିଶ୍ରମ କଲେବି ଶଢ଼ୀ କଦାପି ତାଙ୍କ ଦେହରୁ ଖସେ ନାହିଁ । ନାରୀମାନଙ୍କର ପୋଷାକ ପରିଧାନରେ ବେଶ୍ ଶୃଙ୍ଖଳା ଓ ଶାଳୀନତା ବାରି ହୋଇ ପଡ଼େ । ଭତରା ଗ୍ରାମ ଗୁଡ଼ିକରେ ୫ ବର୍ଷ ଯାଏଁ ଶିଶୁମାନେ ପ୍ରାୟତଃ କିଛି ପିନ୍ଧନ୍ତି ନାହିଁ । ସ୍ୱଚ୍ଛଳ ପରିବାରରେ ଆଗ କେବଳ ଲେଙ୍ଗୁଟି ବା ଚଡ଼ିଟିଏ କିମ୍ବା ପ୍ୟାଣ୍ଟ୍ ପିନ୍ଧୁଥିଲେ । ଆଜିକାଲି ଅବଶ୍ୟ ପୋଷାକ ପରିଧାନର ତରିକା ଢ଼େର୍ ମାତ୍ରାରେ ବଦଳିଛି ।

## କେଶସଜ୍ଜା ଓ ରୂପଚର୍ଯ୍ୟା

ଭତରା ଲଳନା କେଶସଜ୍ଜା ଓ ରୂପଚର୍ଯ୍ୟାରେ ଅନନ୍ୟା ଅଟନ୍ତି । ବିଭିନ୍ନ ପତ୍ର ଓ ପୁଷ୍ପର ରସ, ହଳଦୀ ବଟାରେ ମୁଖ ମଣ୍ଡଳକୁ ପରିଷ୍କାର କରିବା ସହ ଜଡ଼ାତେଲରେ କୁଡ଼ା ପକାଇବା, କୁସୁମ ତେଲରେ ତ୍ୱଚାକୁ ଚିକ୍କଣ କରିବା ସହ ବଜାରରେ ମିଳୁଥିବା ରଙ୍ଗିନ ରବିନ୍ ଓ ବଣମଲ୍ଲୀରେ ଆପଣା ଜୁଡ଼ାକୁ ସଜାଇବାରେ ବେଶ୍ ଓସ୍ତାଦ୍ ଭତରା ରମଣୀ । ଭତରା ଗ୍ରାମରେ କେଶଜନିତ ସମସ୍ୟା କୁତ୍ରାପି ଦୃଷ୍ଟିଗୋଚର ହୁଏନାହିଁ । ଉଭୟେ ପୁରୁଷ ଓ ସ୍ତ୍ରୀ ତୈଳ ବ୍ୟବହାରରେ ବେଶ୍ ସଚେତନ ।

## ବିବାହ

